


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-203 ♦SUNDAY ♦18 JANUARY 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୨୦୩ ♦ରବିବାର ♦୧୮ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦ (ସିନ୍ଦୂରା ସହ)


### ଓଇଆରସିରେ ସରକାରୀ ଉଦ୍ୟୋଗଗୁଡ଼ିକର ଦାବି

# ବଢ଼ିବ ବିଜୁଳି ଶୁଳ୍କ !



**ସ୍ମାର୍ଟ ମିଟର, ଅତିରିକ୍ତ ସୁରକ୍ଷା ଜମା ନୋଟିସ୍ ପରେ ଦରବୃଦ୍ଧି ପ୍ରସ୍ତାବ ବେଡ଼ି ଉପରେ କୋରଡ଼ା**

**ସରକାରୀ ଉଦ୍ୟୋଗଙ୍କ ଲାଭଖୋର ମନୋବୃତ୍ତିକୁ ଶକ୍ତି ସମୀକ୍ଷକଙ୍କ କଡ଼ା ସମାଲୋଚନା**

**ସର୍ବଭାରତୀୟ ସ୍ତରଠାରୁ ଅଧିକ ବିଜୁଳି ଶୁଳ୍କ ଦେଉଛନ୍ତି ଓଡ଼ିଶାର ଉପଭୋକ୍ତା**

■ ଭୁବନେଶ୍ୱର, ୧୭।୧ (ସମିସ): ରାଜ୍ୟବ୍ୟାପୀ ସ୍ମାର୍ଟ ମିଟର, ବିତରକ କମ୍ପାନୀଙ୍କର ଅତିରିକ୍ତ ସୁରକ୍ଷା ଜମା(ଏଏସ୍‌ଡି) ଯାତନାରୁ ସାଧାରଣ ଲୋକେ ମୁକୁଳିପାରି ନ ଥିବା ବେଳେ ଆସନ୍ତା ଆର୍ଥିକ ବର୍ଷରୁ ରାଜ୍ୟରେ ବିଜୁଳି ଶୁଳ୍କ ବଢ଼ିବା ନେଇ ଆଶଙ୍କା ଦେଖାଦେଇଛି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିତରଣ ସେବାରେ ଥିବା ୪ଟି ଯାକ ବିତରକ କମ୍ପାନୀ ସାଙ୍ଗକୁ ସରକାରଙ୍କ ୪ଟି ପ୍ରମୁଖ ଶକ୍ତି ଉଦ୍ୟୋଗ ଗ୍ରୀଡ୍‌କୋ, ଓପିଟିସିଏଲ୍, ଓପିଜିସି ଏବଂ ଓଏଚ୍‌ପିସି ମଧ୍ୟ ବିଦ୍ୟୁତ୍ ମୂଲ୍ୟ ବୃଦ୍ଧି ପାଇଁ ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି)ଙ୍କ ନିକଟରେ ଦାବି ରଖିଛନ୍ତି। ଓଇଆରସିରେ ବିଜୁଳି ଦର ନେଇ ଆସନ୍ତା ଫେବ୍ରୁଆରୀରୁ ଶୁଣାଣି ଆରମ୍ଭ ହେବାକୁ ଯାଉଛି। ଆସନ୍ତା ଆର୍ଥିକ ବର୍ଷରେ ବିଜୁଳି ଦର ବୃଦ୍ଧି ହେବ ବୋଲି ଆପାତତଃ ସ୍ଥିର ହୋଇସାରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଟାଟା ପାୱାରର ୪ଟି ଯାକ ବିତରକ କମ୍ପାନୀ ମଧ୍ୟ ଗତ ବର୍ଷରେ ୬୬୪ କୋଟି ଟଙ୍କାର ରାଜସ୍ୱ ନିଅଣ୍ଟ ଦର୍ଶାଇ ବିଜୁଳି ମୂଲ୍ୟ ବୃଦ୍ଧି ପାଇଁ ଦାବି କରିଛନ୍ତି। ଅପରପକ୍ଷେ ଗ୍ରୀଡ୍‌କୋ ପୂର୍ବବର୍ଷରେ (୨୦୨୪-୨୫) ୩୪୭ କୋଟି ଟଙ୍କା ଲାଭ କରିଥିବା ବେଳେ ପାଇକାରୀ ବିକ୍ରି ମୂଲ୍ୟକୁ ୟୁନିଟ ପିଛା ୫୮ ପଇସା ବୃଦ୍ଧି ପାଇଁ ଯୁକ୍ତି କରିଛନ୍ତି। ସେହିପରି ଓପିଟିସିଏଲ ୨୩୮ କୋଟିଟଙ୍କା ଲାଭ କରିଥିବା ବେଳେ ବିଦ୍ୟୁତ ସଂଚାରଣ ଖର୍ଚ୍ଚ ୟୁନିଟ ପିଛା ୧୦ ପଇସା ବୃଦ୍ଧି ପାଇଁ ଯୁକ୍ତି କରିଛି। ଓପିଜିସି ୫୩୪ କୋଟିଟଙ୍କା ଲାଭ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଶକ୍ତି କେନ୍ଦ୍ର ପାଇଁ (୧୩୨୦ ମେଗାୱାଟ) ଉତ୍ପାଦନ ମୂଲ୍ୟକୁ ବୃଦ୍ଧି କରିବା ପାଇଁ ଗତବର୍ଷ ଦରଖାସ୍ତ ଦାଖଲ କରିଥିଲେ ବି ଏପର୍ଯ୍ୟନ୍ତ ଆୟୋଗ ଫଇସଲା କରିନାହାନ୍ତି। ତେବେ କ୍ରୟଚୁକ୍ତି ଆଳରେ ଓଇଆର୍‌ସି ଅଧିନିୟମକୁ ଫାଙ୍କିଦେଇ ଓପିଜିସି ଉତ୍ପାଦନ ମୂଲ୍ୟକୁ ବର୍ଷକୁ ବର୍ଷ ବୃଦ୍ଧିକରି ସମୁଦାୟ ଲାଭକୁ ୨୩୪୮ କୋଟି ଟଙ୍କାରେ ପହଞ୍ଚାଇଛି। ▶ପୃଷ୍ଠା-୭

### ଟ୍ରମ୍ପଙ୍କୁ କ୍ରିମିନାଲ୍ କହିଲେ ଖାମେନେଇ

# ଆମେରିକା ରାଷ୍ଟ୍ରପତି ଇରାନ ଜନତାଙ୍କ ହତ୍ୟାକାରୀ



■ତେହରାନ, ୧୭।୧ (ଏଜେନ୍ସି): ଇରାନରେ ବଡ଼ଧରଣର ସରକାର ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ଏହି ଜେନ୍-ଜେଡ୍ ଆନ୍ଦୋଳନକୁ ଦମନ କରିବା ପାଇଁ ଇରାନ ସରକାର ବଳପ୍ରୟୋଗ କରୁଛନ୍ତି। ଅତର୍କିତ ଗୁଳିମାଡ଼ କରି ବିକ୍ଷୋଭକାରୀଙ୍କ ଜୀବନ ନେଉଛନ୍ତି। ମାତ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିକ୍ଷୋଭକାରୀଙ୍କୁ ସମର୍ଥନ କରୁଛନ୍ତି। ସେ ସମସ୍ତ ପ୍ରକାରର ସହାୟତା ଦେବେ ବୋଲି କହିଛନ୍ତି। ଏପରି ସମୟରେ ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମେନେଇ ଟ୍ରମ୍ପଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ ଆମେରିକା ରାଷ୍ଟ୍ରପତିଙ୍କୁ କ୍ରିମିନାଲ ବା ଅପରାଧୀ କହିଛନ୍ତି। ଦେଶରେ ଜାରି ହିଂସା, ଅପପ୍ରଚାର ଏବଂ ଜୀବନହାନି ପାଇଁ ଟ୍ରମ୍ପଙ୍କୁ ଦାୟୀ କରିଛନ୍ତି। ତାଙ୍କୁ ଇରାନ ଜନତାଙ୍କ ହତ୍ୟାକାରୀ କହି ଚେତାବନୀ ମଧ୍ୟ ଦେଇଛନ୍ତି। ହିଂସା ପାଇଁ ଦାୟୀ ଜାତୀୟ କିମ୍ବା ଅନ୍ତର୍ଜାତୀୟ ଷଡ଼ଯନ୍ତ୍ରକାରୀ କାହାରିକୁ ଛାଡ଼ିବୁ ନାହିଁ ବୋଲି ଖାମନେଇ କହିଛନ୍ତି।

ଇରାନ ସରକାରୀ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଖାମନେଇ କହିଥିଲେ ଯେ ଏବେକାର ବିକ୍ଷୋଭ ପ୍ରଦର୍ଶନ ପୂର୍ବଠାରୁ ଅଲଗା ଥିଲା। କାରଣ ଏବେ ବିକ୍ଷୋଭରେ ଆମେରିକା ରାଷ୍ଟ୍ରପତି ସାମିଲ ହୋଇଯାଇଛନ୍ତି। ଇରାନ ବିରୋଧରେ ଆମେରିକା କେବଳ ଷଡ଼ଯନ୍ତ୍ର କରିନାହିଁ, ବରଂ ହିଂସାକୁ ପ୍ରୋତ୍ସାହନ ଦେଇଛି। ହଜାର ହଜାର ଲୋକଙ୍କ ଜୀବନ ▶ପୃଷ୍ଠା-୭

### ମୁହାଁମୁହିଁ ଧକ୍କା ପରେ କାର୍-ଅଟୋରେ ନିଆଁ

# ଜଳିଗଲେ ୩ ଯୁବକ; ଜଣେ ମୃତ



■ ଫୁଲବାଣୀ, ୧୭।୧ (ସମିସ): ଅଟୋ ସହ ଜୀବନ୍ତ ଜଳିଗଲେ ଯୁବକ। ଫୁଲବାଣୀ ସହର ଉପକଣ୍ଠ ଦାତପାଙ୍କୁ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ନିକଟରେ ଆଜି ସନ୍ଧ୍ୟାରେ ଏପରି ଏକ ଛାତିଥରା ଦୁର୍ଘଟଣା ଘଟିଛି। ବିପରୀତ ଦିଗରୁ ଆସୁଥିବା କାର୍‌କୁ ମୁହାଁମୁହିଁ ଧକ୍କା ଦେବା ପରେ ଅଟୋଟି ନିଆଁ ଲାଗି ଜଳି ଯାଇଛି। ଅଟୋରେ ବସିଥିବା ୩ ଯୁବକ ପୋଡ଼ି ଯାଇଥିବା ବେଳେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ, ଫୁଲବାଣୀ ବ୍ଲକ ଦାତପାଙ୍କୁ ପଞ୍ଚାୟତ ମିଣିଆକାଠି ଗ୍ରାମର ବରୁଣ ମଲ୍ଲିକ(୨୦)। ଗୁରୁତରଦ୍ୱୟ ହେଲେ, ବରୁଣଙ୍କ ଭାଇ ବାବୁଲା ମଲ୍ଲିକ (୨୨) ଓ ଦଡ଼କି ପଞ୍ଚାୟତ ସିଙ୍ଗାପଡ଼ାର ଶୈଳେନ୍ଦ୍ର କହଁର (୫୦)। ଦୁହିଁଙ୍କର ଶରୀରର ପ୍ରାୟ ୯୦ ପ୍ରତିଶତ ପୋଡ଼ି ଯାଇଛି। ଅଗ୍ନିଶମ ବାହିନୀ ସେମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛି। କିନ୍ତୁ ଅବସ୍ଥା ସଂକଟାପନ୍ନ ▶ପୃଷ୍ଠା-୭

### ନିଲମ୍ବନର ଜବାବ ରଖିଲା ବିଜେଡି

# ଦଳବିରୋଧୀ ଷଡ଼ଯନ୍ତ୍ରରେ ଲିପ୍ତ ଥିଲେ ସନାତନ ଓ ଅରବିନ୍ଦ

**'ମିଡ୍ ନାଇଟ୍' ପରେ ଏବେ ମିଡ୍ ଡେ' ଅପରେସନ ବି ଫେଲ୍**

**ଦଳଠାରୁ କେହି ଊର୍ଦ୍ଧ୍ୱରେ ନୁହନ୍ତି**

**ତୃଣମୂଳ ସ୍ତରରୁ ମତାମତ ନେଇ ନବୀନ ନେଇଛନ୍ତି ନିଷ୍ପତ୍ତି**

■ ଭୁବନେଶ୍ୱର, ୧୭।୧ (ସମିସ): ବିଜେଡିକୁ ଦୁର୍ବଳ କରିବାକୁ ମିଡ୍ ଡେ' ଅପରେସନ୍ ଯୋଜନା ହୋଇଥିଲା। ପୂର୍ବରୁ 'ମିଡ୍ ନାଇଟ୍ ଅପରେସନ ଫେଲ୍ ହୋଇଥିଲା, ଏବେ ମିଡ୍ ଡେ' ଅପରେସନ ବି ଫେଲ୍ ହୋଇଛି। ଦଳ ବିରୋଧରେ ଏକ ବଡ଼ ଧରଣର ଷଡ଼ଯନ୍ତ୍ରର ଅଂଶ ବିଶେଷଭାବେ ସନାତନ ମହାକୁଡ଼, ବିଜୟ ମହାପାତ୍ର ଓ ଅରବିନ୍ଦ ମହାପାତ୍ର ସାମିଲ ଥିଲେ ବୋଲି ଦଳ ପକ୍ଷରୁ କୁହାଯାଇଛି। ଦଳର ଅନୁଶାସନ ଭାଙ୍ଗିବା ତଥା ବିଶ୍ୱାସଘାତକତା କରିବା କାରଣରୁ ଦୁଇ ବିଧାୟକଙ୍କ ବିରୋଧରେ ବହୁ ଭାବିଚିନ୍ତି ଦଳ ପକ୍ଷରୁ ଏପରି ▶ପୃଷ୍ଠା-୭

# ବାଂଲାଦେଶରେ ହିନ୍ଦୁ ଯୁବକଙ୍କୁ ଗାଡ଼ି ଚଢ଼ାଇ ହତ୍ୟା

**ବିଏନ୍‌ପି ନେତା ଗିରଫ**

**୩୦ ଦିନରେ ଅଷ୍ଟମ 'ହିନ୍ଦୁ' ହତ୍ୟା**

■ ଢାକା, ୧୭ ।୧ (ଏଜେନ୍ସି): ବାଂଲାଦେଶରେ ପୁଣି ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଯାଇଛି। ରାଜବାଡ଼ି ଜିଲ୍ଲାରେ ଏକ ପେଟ୍ରୋଲ ପମ୍ପରେ ୩୦ ବର୍ଷୀୟ ରିପନ ଶାହା ଜଣେ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ପେଟ୍ରୋଲ ଭରିବା ପରେ ପଇସା ନ ଦେଇ ପଳାଇଯାଉଥିବା ଏକ ଏସ୍‌ୟୁଭିକୁ ସେ ରୋକିବାକୁ ପ୍ରୟାସ କରିଥିଲେ। କିନ୍ତୁ ଏସ୍‌ୟୁଭି ଡ୍ରାଇଭର ତାଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇ ସେଠାରୁ ଫେରାର ହୋଇଯାଇଥିଲା। ପୁଲିସ ଦେଇଥିବା ସୂଚନା ଅନୁସାରେ ଶୁକ୍ରବାର ଭୋର ୪.୩୦ରେ ଏହି ଘଟଣା ଘଟିଥିଲା। ଏକ କଳା ଏସ୍‌ୟୁଭି ଗାଡ଼ି ପେଟ୍ରୋଲ ପମ୍ପକୁ ଆସିଥିଲା ଓ ପାଖାପାଖି ▶ପୃଷ୍ଠା-୭

### ମହାନଦୀ ଜଳ ବିବାଦ: ବିରୋଧୀ ଦଳ ଓ ବୁଦ୍ଧିଜୀବୀଙ୍କ ଦାବି ମାନିଲେ ସରକାର

# ଛତିଶଗଡ଼ ସହ ଆଲୋଚନା ପୂର୍ବରୁ ସର୍ବଦଳୀୟ ବୈଠକ

**ଆସନ୍ତା ୨୩ରେ ଅଂଶୀଦାରମାନଙ୍କ ସହ ସରକାରଙ୍କ ଆଲୋଚନା**

**ଛତିଶଗଡ଼ ଆଲୋଚନାରେ ଉପସ୍ଥାପିତ ହେବ ବୈଠକର ନିଷ୍କର୍ଷ**

■ ଭୁବନେଶ୍ୱର, ୧୭।୧ (ସମିସ): ମହାନଦୀ ଜଳ ବିବାଦର ସମାଧାନ ପାଇଁ ବିଜେଡି ସମେତ ବିଭିନ୍ନ ସଂଗଠନର ଦାବିକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି। ଆସନ୍ତା ୨୩ ତାରିଖରେ ଦୁଇଟି ପର୍ଯ୍ୟାୟରେ ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି। ମହାନଦୀ ଆନ୍ଦୋଳନ ସହ ଜଡ଼ିତ ବିଭିନ୍ନ ସଂଗଠନ ସହ ରାଜ୍ୟ ସରକାର ଆଲୋଚନା କରିବେ। ଆଲୋଚନାର ନିଷ୍କର୍ଷ ଭିତ୍ତିରେ ରାଜ୍ୟ ସରକାର ଆଲୋଚନା ପାଇଁ ଛତିଶଗଡ଼ ଯିବେ ବୋଲି ମହାନଦୀ ଜଳ ବିବାଦ ମାମଲାରେ ଗଠିତ ଉଚ୍ଚସ୍ତରୀୟ କମିଟିରେ ନିଷ୍ପତ୍ତି ନିଆଯାଇଛି।

ଶନିବାର ସ୍ଥାନୀୟ ରାଜୀବ ଭବନରେ କମିଟିର ଦ୍ୱିତୀୟ ବୈଠକ ହୋଇଥିଲା। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ କମିଟିର ଅଧ୍ୟକ୍ଷ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ମହାଦନୀ ଜଳ ବିବାଦ ମାମଲାରେ ରାଜ୍ୟ ବିଜେପି ସରକାର ଛତିଶଗଡ଼ ସହ ଆପୋସ ବୁଝାମଣା ଉଦ୍ୟମ ଜାରି ରଖିଛନ୍ତି। ତେବେ ଏହି ଆପୋସ ଆଲୋଚନାର ସର୍ତ୍ତ କ'ଣ ଏବଂ ବୁଝାମଣାରେ କେଉଁ ବିଷୟବସ୍ତୁ ନିଆଯାଇଛି, ତାହାକୁ ସାର୍ବଜନୀନ କରିବାକୁ ବିରୋଧୀ ଦଳ ତଥା ମହାନଦୀ ସହ ଜଡ଼ିତ ବିଭିନ୍ନ ସାମାଜିକ ସଂଗଠନ ଦାବି କରି ଆସୁଥିଲେ। ତଦନୁଯାୟୀ, ଆସନ୍ତା ୨୩ ତାରିଖରେ ମହାନଦୀ ବିବାଦକୁ ନେଇ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ମହାନଦୀ ସହ ଜଡ଼ିତ ବିଭିନ୍ନ ସଂଗଠନ, ଅଂଶୀଦାର, ପରିବେଶବିତଙ୍କ ସହ ମଧ୍ୟ ସରକାର ବିଚାରବିମର୍ଶ କରିବେ। ଏହି ଦୁଇ ପର୍ଯ୍ୟାୟ ବୈଠକ ଆଲୋଚନାର ନିଷ୍କର୍ଷକୁ ନେଇ ପରବର୍ତ୍ତୀ ସମୟରେ ଛତିଶଗଡ଼ ସହ ଆଲୋଚନା କରାଯିବ। ଆସନ୍ତା ୩୧ ଓ ଫେବ୍ରୁଆରୀ ୧ ତାରିଖରେ ଛତିଶଗଡ଼ରେ ହେବାକୁ ଥିବା ଆଲୋଚନାରେ ଓଡ଼ିଶାର ତା'ର ପକ୍ଷ ରଖିବ। ଟ୍ରିବ୍ୟୁନାଲରେ ଆସନ୍ତା ଫେବୃଆରୀ ୭ ତାରିଖରେ ପରବର୍ତ୍ତୀ ଶୁଣାଣି ଥିବାରୁ ଏହାପୂର୍ବରୁ ଆଲୋଚନା ପାଇଁ ଛତିଶଗଡ଼ ସରକାରଙ୍କୁ ସମୟ ▶ପୃଷ୍ଠା-୭







### ରାଉରକେଲା ବିମାନ ଦୁର୍ଘଟଣାରେ ଗୁରୁତର ଯାତ୍ରୀଙ୍କ ମୃତ୍ୟୁ



■ରାଉରକେଲା, ୧୭।୧(ସମିସ): ଭୁବନେଶ୍ୱର-ରାଉରକେଲା ବିମାନ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣେ ଯାତ୍ରୀଙ୍କ ଆଜି ମୃତ୍ୟୁ ହୋଇଯାଇଛି। ସେ ହେଲେ, ସୁଶାନ୍ତ କୁମାର ବିଶ୍ୱାଳ(୪୮)। ତାଙ୍କ ଘର ରାଉରକେଲା ବେଦବ୍ୟାସ ଅନ୍ତର୍ଗତ ସିଂହଟୋଲାରେ। ସେ ରାଉରକେଲାର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। କୌଣସି କାର୍ଯ୍ୟରେ ଭୁବନେଶ୍ୱର ଯାଇଥିବା ବେଳେ ଗତ ୧୦ ତାରିଖରେ ଭଉଣୀ ଅନୀତା ସାହୁଙ୍କ ସହ ଇଣ୍ଡିଆ-ୱାନ୍ ଏୟାର ବିମାନରେ ରାଉରକେଲା ଫେରୁଥିଲେ। କିନ୍ତୁ ମଝି ଆକାଶରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବିମାନଟି ଜରୁରୀକାଳୀନ ଲ୍ୟାଣ୍ଡିଂ କରିବା ▶ପୃଷ୍ଠା-୭

# ଆରମ୍ଭ ହେଲା ପ୍ରଥମ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍

କୋଲକାତା, ୧୭ ।୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗ ମାଲଦାରେ ଭାରତର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଉଦ୍‌ଘାଟନ କରିଛନ୍ତି । ସେ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହି ଟ୍ରେନ୍ ପଶ୍ଚିମବଙ୍ଗର ହାଓଡ଼ା ଓ ଗୌହାଟୀ ମଧ୍ୟରେ ଚାଲିବ । ମୋଦୀ ଟ୍ରେନ୍‌ର ଡ୍ରାଇଭର ଓ ଟ୍ରେନ୍‌ରେ ଥିବା ପିଲାମାନଙ୍କ ସହ କଥା ହୋଇଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ବନ୍ଦେ ଭାରତ ଟ୍ରେନ୍ ଲୋକଙ୍କ ଯାତାୟତକୁ ଆରମ ଦାୟକ କରିବ । ବିଦେଶରେ ଚାଲୁଥିବା ଟ୍ରେନ୍ ଭଳି ଭାରତରେ ଚାଲୁ ବୋଲି ଲୋକେ ଚାହୁଁଥିଲେ, ଏବେ ସେହି ସ୍ୱପ୍ନ ସାକାର ହୋଇଛି ବୋଲି ସେ କହିଛନ୍ତି । ଏହି ଟ୍ରେନ୍ ହାଓଡା ଓ ଗୌହାଟୀ ମଧ୍ୟରେ ଯାତ୍ରା ସମୟକୁ ଅଢ଼େଇ ଘଣ୍ଟାକୁ ହ୍ରାସ କରିବ । ବର୍ତ୍ତମାନ ହାଓଡାରୁ ଗୌହାଟୀ ପର୍ଯ୍ୟନ୍ତ ଟ୍ରେନ୍‌ରେ ଯାତ୍ରା କରିବାକୁ ୧୮ ଘଣ୍ଟା ସମୟ ଲାଗୁଛି । ଏଥିସହ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗରେ ୩, ୨୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳ ଓ ସଡ଼କ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି । ସେ ଆଭାସୀ ଭାବେ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ୍‌କୁ



ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଟ୍ରେନ୍‌ଗୁଡିକ ପଶ୍ଚିମବଙ୍ଗର ନ୍ୟୁ ଜଲପାଇଗୁଡି ଓ ଅଲିପୁରଦୁଆରକୁ ଭାରତର ବିଭିନ୍ନ ଅଂଶ ସହ ସଂଯୋଗ କରିବ । ରବିବାର ପ୍ରଧାନମନ୍ତ୍ରୀଙ୍କର ପଶ୍ଚିମବଙ୍ଗ ଓ ଆସାମରେ ଏକାଧିକ କାର୍ଯ୍ୟକ୍ରମ ରହିଛି ।

# ଏଥର ଗଣତନ୍ତ୍ର ଦିବସର ଥିମ୍ 'ବନ୍ଦେ ମାତରମ୍'

■ ପରେଡରେ ୩୦ଟି ଦଳ ବାହାରିବେ
■ ରାଫେଲ, ସୁଖୋଇ ସହ ୨୯ ବିମାନ ସାମିଲ; ଅନୁପସ୍ଥିତ ରହିବ ତେଜସ୍

ନୂଆଦିଲ୍ଲୀ, ୧୭ ।୧(ଏଜେନ୍ସି): ଆସନ୍ତା ଜାନୁଆରୀ ୨୬ରେ ଭାରତ ତା'ର ୭୭ତମ ଗଣତନ୍ତ୍ର ଦିବସ ପାଳନ କରିବ । ଏବର୍ଷ ମୁଖ୍ୟ ପରେଡ ବନ୍ଦେ ମାତରମ ଉପରେ ଆଧାରିତ ହେବ । ପରେଡ ସମୟରେ ସ୍ୱାଧୀନତାର ମନ୍ତ୍ର 'ବନ୍ଦେ ମାତରମ' ଏବଂ ସମୃଦ୍ଧିର ମନ୍ତ୍ର 'ଆତ୍ମନିର୍ଭର ଭାରତ' ଥିମ୍ ମୁଖ୍ୟ ହେବ । କର୍ତ୍ତବ୍ୟ ପଥରେ ୩୦ଟି ଦଳ ସେମାନଙ୍କ ଯୁଦ୍ଧ କୌଶଳ, କଳା ନୈପୁଣ୍ୟ ପ୍ରଦର୍ଶନ କରିବା ସହ ପରେଡରେ ଭାଗ ନେବେ । କର୍ତ୍ତବ୍ୟ ପଥରେ ଥିବା ଘେରାର ପୃଷ୍ଠଭୂମିରେ 'ବନ୍ଦେ ମାତରମ'ର ଧାଡ଼ିଗୁଡିକକୁ ଚିତ୍ରିତ କରୁଥିବା ଏକ ପୁରୁଣା ଚିତ୍ର ମଧ୍ୟ ତିଆରି କରାଯିବ । ମୁଖ୍ୟ ମଞ୍ଚରେ 'ବନ୍ଦେ ମାତରମ'ର ଲେଖକ ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯିବ । ଏଥର ଗଣତନ୍ତ୍ର ଦିବସ ପରେଡ୍‌ରେ ମୁଖ୍ୟଅତିଥି ଭାବେ ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପୀୟ କମିଶନ ଅଧ୍ୟକ୍ଷା ଉର୍ସୁଲା ଭାନ ଡେର୍ ଲେଏନ ଯୋଗ ଦେବେ । ପ୍ରଥମଥର ପାଇଁ ବାକ୍ଟ୍ରିଅନ ଓଟ ଓ ନୂତନ ଭୈରବ ବାଟାଲିଅନ ମଧ ପରେଡରେ ମାର୍ଚ୍ଚ ପାଷ୍ଟ କରିବେ । ଏଥର ଫ୍ଲାଏପୋଷ୍ଟରେ ରାଫେଲ, ସୁଖୋଇ-୩୦ ଓ ଆପାଚେ ସମେତ ୨୯ଟି ବିମାନ ସାମିଲ ହେବ । କିନ୍ତୁ ଏଥର ତେଜସ ଅନୁପସ୍ଥିତ ରହିବ । ପରେଡରେ ତେଜସର ଅନୁପସ୍ଥିତି ସମ୍ପର୍କରେ ସୂଚନା ଦେଇ ପ୍ରତିରକ୍ଷା ସଚିବ ଆରକେ ସିଂ କହିଛନ୍ତି ଯେ, ସେନା କିଛି ସର୍ବୋତ୍ତମ ପ୍ଲାଟ୍‌ଫର୍ମ ପ୍ରଦର୍ଶନ କରାଯାଉଛି । ଏଥିରେ କିଛି ସାମିଲ ରହିଛି ଓ ଆଉ କିଛି ବାଦ୍ ପଡ଼ିଛି । କିନ୍ତୁ ଏଥିପାଇଁ ନିର୍ଦ୍ଦିଷ୍ଟ କୌଣସି କାରଣ ନାହିଁ । ଗଣତନ୍ତ୍ର ଦିବସ ପରେଡ ଓ ବିଟିଂ ରିଟ୍ରିଟ୍ ସମାରୋହକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଭବନର ଜାନୁଆରୀ ୨୧ରୁ ୨୯ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ ।

ଉତ୍ତର ଭାରତରେ ଶୀତ ଲହରୀ ଜାରି

## ଘନକୁହୁଡ଼ି ଯୋଗୁଁ ୩୫ ଦୁର୍ଘଟଣା; ୫ ମୃତ

ନୂଆଦିଲ୍ଲୀ, ୧୭ ।୧(ଏଜେନ୍ସି): ଦେଶର ସମଗ୍ର ଉତ୍ତରଭାଗରେ ଥଣ୍ଡା ଓ ଶୀତ ଲହର ଜାରି ରହିଛି । କଶ୍ମୀର ଓ ହିମାଚଳ ପ୍ରଦେଶର ଉଚ୍ଚ ସ୍ଥାନଗୁଡିକରେ ଶୁକ୍ରବାର ପୁଣି ତୁଷାରପାତ ହୋଇଛି । ଫଳରେ ଦିଲ୍ଲୀ, ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା, ମଧ୍ୟପ୍ରଦେଶ, ବିହାର ଓ ଝାଡ଼ଖଣ୍ଡ ସମେତ ୧୨ଟି ରାଜ୍ୟରେ ଜବରଦସ୍ତ ଥଣ୍ଡା ଅନୁଭୂତ ହୋଇଛି । ୟୁପିର ୫୩ଟି ସହରରେ ଘନ କୁହୁଡି ଛାଇ ହୋଇ ରହିଛି । ଫଳରେ ୧୦ଟି ଜିଲ୍ଲାରେ ୩୫ଟି ଗାଡ଼ି ଧକ୍କା ହୋଇଛି । ଦୁର୍ଘଟଣାରେ ୫ ଜଣ ମୃତ୍ୟୁ ବରଣ କରିଥିବା ବେଳେ ୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ବନ୍ଦେ ଭାରତ ସମେତ ୧୦୦ରୁ ଅଧିକ ଟ୍ରେନ୍ ବିଳମ୍ବିତ ହୋଇଛି । ସେହିପରି ଥଣ୍ଡା କାରଣରୁ ନୋଏଡ଼ା, ଗ୍ରେଟର ନୋଏଡ଼ା, ସାହାରନପୁର, ବଦାୟୁଁ ଓ ସମ୍ଭଲରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରହିଛି । ଅମୃତସରରେ ଘନ କୁହୁଡି କାରଣରୁ ସକାଳ ୭ଟା ପର୍ଯ୍ୟନ୍ତ ଦୃଶ୍ୟମାନ ଦୂରତା ଶୁନ ଥିଲା । ଦିଲ୍ଲୀରେ ଘନ କୁହୁଡି କାରଣରୁ ଦୃଶମାନ ଦୂରତା ୨୦ ମିଟରରୁ କମ୍ ଥିଲା । ସେହିପରି ମଧ୍ୟପ୍ରଦେଶରେ ମନ୍ଦସୋରରେ ପାରା ୨.୫ ଡିଗ୍ରୀ ଥିଲା । ହରିୟାଣାର ଭିବାନୀରେ ତାପମାତ୍ରା ୧.୫ ଓ ପଞ୍ଜାବର ନବାଂସହରର ତାପମାତ୍ରା ୦.୯ ଡ୍ରିଗୀ ରେକର୍ଡ କରାଯାଇଛି । ସେହିପରି ଉତ୍ତରାଖଣ୍ଡର ଉଚ୍ଚ ସ୍ଥାନଗୁଡିକରେ ନଦୀ-ନାଳ ପୂର୍ବପରି ଜମି ରହିଛି । ଉତ୍ତରାଖଣ୍ଡର ୪ଟି ଜିଲ୍ଲାରେ ନଦୀ-ନାଳ ଓ ଝରଣା ଜମି ରହିଛି । ଏଥିରେ ପିଥୋରାଗଡ଼, ଚାମୋଲୀ, ଉତ୍ତରକାଶୀ ଓ ରୁଦ୍ରପ୍ରୟାଗ ଭଳି ଉଚ୍ଚ-ଉଚ୍ଚ ଅଞ୍ଚଳ ସମେତ ୪ଟି ଜିଲ୍ଲାରେ ନଦୀ, ଝରଣା ଜଳ ପ୍ରପାତ ଜମି ରହିଛି ।

## ବରଫାବୃତ ହ୍ରଦରେ ଖସି ଦୁଇ ଯୁବକ ମୃତ

ଇଟାନଗର, ୧୭ ।୧(ଏଜେନ୍ସି): ଅରୁଣାଚଳ ପ୍ରଦେଶର ତୱାଙ୍ଗ ଜିଲ୍ଲାର ସେଲା ହ୍ରଦରେ ଶୁକ୍ରବାର କେରଳର ଦୁଇଜଣ ଯୁବକ ବୁଡିଯାଇ ମୃତ୍ୟୁବରଣ କରିଛନ୍ତି । ଶୁକ୍ରବାର ଜଣଙ୍କର ଓ ଶନିବାର ଆଉ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଛି । ଦୃଶ୍ୟମାନ ଦୂରତା କମ୍ ଥିବାରୁ ଡାଇଭରମାନଙ୍କୁ ମୃତଦେହ ଖୋଜି ପାଇବାରେ କଷ୍ଟ ହୋଇଥିଲା । ଦୁଇ ମୃତକ ହେଲେ ୨୬ ବର୍ଷୀୟ ଦିନୁ ଓ ୨୪ ବର୍ଷୀୟ ମହାଦେବ । ସେମାନେ ଆସାମର ଗୌହାଟୀ ଦେଇ ଅରୁଣାଚଳର ତୱାଙ୍ଗ ଯାତ୍ରା କରିଥିବା ଏକ ୭ଜଣିଆ ପର୍ଯ୍ୟଟକ ଦଳର ଅଂଶଥିଲେ । ଶୁକ୍ରବାର ଯୁବକଙ୍କର ଏହି ଦଳ ବରଫ ହ୍ରଦରେ ବୁଲୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ଥଣ୍ଡା କାରଣରୁ ହ୍ରଦ ଜମି ଯାଇଥିଲା ଅର୍ଥାତ୍ ବରଫ ପାଲଟି ଯାଇଥିଲା । ବରଫ ଭାଙ୍ଗିଯିବା ଫଳରେ ଜଣେ ପାଣିକୁ ଖସି ପଡ଼ିଥିଲେ । ତାଙ୍କୁ ଉଦ୍ଧାର କରିବାକୁ ଯାଇ ଦିନୁ ଓ ମହାଦେବ ହ୍ରଦକୁ ଡେଇଁ ପଡ଼ିଥିଲେ । ପ୍ରଥମେ ପଡ଼ିଥିବା ଯୁବକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । କିନ୍ତୁ ଦିନୁ ଓ ମହାଦେବ ପାଣି ଭାସି ଯାଇ ମୃତ୍ୟୁବରଣ କରିଥିଲେ ।

## ପାକିସ୍ତାନରେ ଘନ କୁହୁଡ଼ି: ଦୁର୍ଘଟଣାରେ ୬ ଶିଶୁଙ୍କ ସମେତ ୧୪ ମୃତ

ଲାହୋର, ୧୭ ।୧(ଏଜେନ୍ସି): ପାକିସ୍ତାନର ପଞ୍ଜାବ ରାଜ୍ୟରେ ଘନ କୁହୁଡି ଯୋଗୁଁ ଏକ ବଡ଼ ସଡ଼କ ଦୁର୍ଘଟଣା ଘଟିଛି । ଯାତ୍ରୀମାନଙ୍କୁ ନେଇ ଯାଉଥିବା ଏକ ଟ୍ରକ ପୋଲ ଉପରୁ ଶୁଖିଲା କେନାଲକୁ ଖସି ପଡ଼ିବା ଫଳରେ ଏହି ଦୁର୍ଘଟଣା ଘଟିଛି । ଏଥିରେ ୬ ଜଣ ଶିଶୁଙ୍କ ସମେତ ୧୪ ଜଣଙ୍କର ମୃତ୍ୟୁ ଘଟିଛି ଓ ୯ ଜଣ ଆହତ ହୋଇଛନ୍ତି । କୁହୁଡି କାରଣରୁ ଘଟିଥିବା ଭିନ୍ନ ଭିନ୍ନ ଦୁର୍ଘଟଣାରେ ପାକିସ୍ତାନରେ ମୋଟ୍ ୩୨ ଜଣ ମୃତ୍ୟୁବରଣ କରିଛନ୍ତି । ଲାହୋରରୁ ପ୍ରାୟ ୨୦୦ କିମି ଦୂର ସରଗୋଧା ଜିଲ୍ଲାରେ କୋଟ ମୋମିନ ଅଞ୍ଚଳରେ ଶନିବାର ସକାଳେ ଏହି ଦୁର୍ଘଟଣା ଘଟିଥିଲା । ପଞ୍ଜାବ ସରକାରଙ୍କ ସୂଚନା ଅନୁଯାୟୀ ଗୋଟିଏ ପରିବାରର ମୋଟ୍ ୨୩ ଜଣ ଏକ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଇସ୍‌ଲାମାବାଦ୍‌ରୁ ଫୈସଲାବାଦ ଯାତ୍ରା କରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା ।

## ଆତଙ୍କବାଦୀଙ୍କ ଟାର୍ଗେଟରେ ଦିଲ୍ଲୀ

ନୂଆଦିଲ୍ଲୀ, ୧୭ ।୧(ଏଜେନ୍ସି): ଗଣତନ୍ତ୍ର ଦିବସ ପାଳନ ପୂର୍ବରୁ ରାଜଧାନୀ ଦିଲ୍ଲୀରେ ଆତଙ୍କବାଦୀ ଆକ୍ରମଣ ହେବାର ଆଶଙ୍କା ରହିଛି ବୋଲି ଭାରତୀୟ ଗୁଇନ୍ଦା ସଂସ୍ଥାଗୁଡିକ ସତର୍କତା ଜାରି କରିଛନ୍ତି । ଗୁଇନ୍ଦା ବ୍ୟୁରୋ (ଆଇବି) ସହିତ ଜଡିତ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାଯାଇଛି ଯେ, ନିଷିଦ୍ଧ ଖଲିସ୍ତାନୀ ଓ ବାଂଲାଦେଶୀ ଆତଙ୍କବାଦୀ ସଂଗଠନଗୁଡିକ ଦିଲ୍ଲୀ ସମେତ ଦେଶର ଅନେକ ସହରଗୁଡିକୁ ଟାର୍ଗେଟ କରିବାକୁ ଚେଷ୍ଟା କରିପାରନ୍ତି । ପଞ୍ଜାବର କିଛି ଗ୍ୟାଙ୍ଗଷ୍ଟର ଖଲିସ୍ତାନୀ ଓ ବିଦେଶରୁ କାର୍ଯ୍ୟ କରୁଥିବା କିଛି ମୌଳବାଦୀ ହ୍ୟାଣ୍ଡଲର ପାଇଁ କାର୍ଯ୍ୟ କରୁଛନ୍ତି । ସେମାନଙ୍କ ଏଜେଣ୍ଡା ତଥା ଆଭିମୁଖ୍ୟକୁ ଆଗକୁ ବଢ଼ାଇବା ଓ ଭାରତର ଆଭ୍ୟନ୍ତରୀଣ ସୁରକ୍ଷାକୁ ବିପର୍ଯ୍ୟସ୍ତ କରିବା ପାଇଁ ଆପରାଧିକ ନେଟୱର୍କକୁ ବ୍ୟବହାର କରୁଛନ୍ତି । ଏହି ଗ୍ୟାଙ୍ଗଷ୍ଟରମାନେ ହରିୟାଣା, ଦିଲ୍ଲୀ-ଏନ୍‌ସିଆର, ଉତ୍ତର ପ୍ରଦେଶ ଓ ରାଜସ୍ଥାନରେ ସକ୍ରିୟ ଅଛନ୍ତି ଓ ଧିରେ ଧିରେ ଖଲିସ୍ତାନୀ ଆତଙ୍କବାଦୀ ସଂଗଠନଗୁଡିକ ସହ ସମ୍ପର୍କ ଦୃଢ଼ କରୁଛନ୍ତି ।

# ପ୍ରଥମ ପର୍ଯ୍ୟାୟରେ ଇରାନରୁ ଫେରିଲେ ଭାରତୀୟ ଛାତ୍ରଛାତ୍ରୀ

■ ଦିଲ୍ଲୀ ବିମାନ ବନ୍ଦରରେ ପହଞ୍ଚିବା ପରେ କାନ୍ଦିଲେ
■ ଇରାନରେ ଭୟଙ୍କର ପରିସ୍ଥିତି

ନୂଆଦିଲ୍ଲୀ, ୧୭ ।୧(ଏଜେନ୍ସି): ସରକାର ବିରୋଧୀ ହିଂସ୍ରକ ଆନ୍ଦୋଳନ ଓ ଅରାଜକତା କାରଣରୁ ଇରାନରେ ଫସି ରହିଥିବା ଭାରତୀୟ ଛାତ୍ରମାନେ ପ୍ରଥମ ପର୍ଯ୍ୟାୟରେ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଶୁକ୍ରବାର ବିଳମ୍ବିତ ରାତିରେ ଛାତ୍ରମାନେ ଦିଲ୍ଲୀ ବିମାନ ବନ୍ଦରରେ ପହଞ୍ଚିଥିଲେ । ଏମାନଙ୍କ ମଧ୍ୟରେ ଅଧିକାଂଶ ଛାତ୍ର ଥିଲେ । କେତେକ ଭାରତ ସରକାରଙ୍କ ଉଦ୍ୟମରେ ଫେରିଥିବା ବେଳେ ଆଉ କେତେକ ନିଜ ଖର୍ଚ୍ଚରେ ଘରୋଇ ବିମାନରେ ଫେରିଥିଲେ । ବିମାନ ବନ୍ଦରରେ ଓହ୍ଲାଇବା ପରେ ଛାତ୍ରମାନେ ସେମାନଙ୍କ ପରିବାର ସଦସ୍ୟଙ୍କୁ ଆଲିଙ୍ଗନ କରିବା ସହ କାନ୍ଦି ପକାଇଥିଲେ । ଛାତ୍ରମାନଙ୍କୁ ନେଇ ପ୍ରଥମ ଦୁଇଟି ବାଣିଜ୍ୟିକ ବିମାନ ବିଳମ୍ବିତ ରାତିରେ ଅବତରଣ କରିଥିଲା । ଜାନୁଆରୀ ୧୫ରେ ଇରାନ ତା'ର ବାୟୁ ସୀମା ବନ୍ଦ କରିଥିଲା । ଫଳରେ ଭାରତରୁ କିଛି ବିମାନ ପ୍ରଭାବିତ ହୋଇଥିଲା । କିନ୍ତୁ ସ୍ଥିତି ସାମନ୍ୟ ହେବା ପରେ ବିମାନ ଚଳାଚଳ ଆରମ୍ଭ ହୋଇଥିଲା ଓ ଫଳରେ ଛାତ୍ରମାନେ ଭାରତ ଫେରିଥିଲେ । ଫେରିବା ପରେ ଛାତ୍ରମାନେ ଭାରତ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ । ତେହେରାନସ୍ଥିତ ଭାରତୀୟ ଦୂତାବାସ ପରାମର୍ଶ ଜାରି କରିଥିଲା ଓ ଇରାନରୁ ସ୍ଥାନାନ୍ତର ପାଇଁ ଭାରତୀୟ ତୀର୍ଥଯାତ୍ରୀ, ପର୍ଯ୍ୟଟକ, ଛାତ୍ର ଓ ବ୍ୟବସାୟୀଙ୍କ ସହିତ ଯୋଗାଯୋଗ ରକ୍ଷା କରିଥିଲା । ଏବେ ମଧ୍ୟ ଇରାନ୍‌ରେ ୯ ହାଜରରୁ ଊର୍ଦ୍ଧ୍ୱ ଭାରତୀୟ ନାଗରିକ ଫସି ରହିଛନ୍ତି ।



ହିଂସା ସମୟରେ ସେମାନେ ଇରାନରେ କେଉଁ ପରିସ୍ଥିତିରେ ଫସି ରହିଥିଲେ, ତାହା ସେମାନେ ବର୍ଣ୍ଣାନା କରିଥିଲେ । ଜମ୍ମୁ-କଶ୍ମୀରର ଜଣେ ଛାତ୍ର କହିଛନ୍ତି ଯେ, ଇରାନରେ ପରିସ୍ଥିତି ବହୁତ ଖରାପ । ସେଠାରେ ହିଂସ୍ରକ ଓ ବିପଜ୍ଜନକ ପ୍ରତିବାଦ ହେଉଛି । ଜଣେ ଡାକ୍ତରୀ ଛାତ୍ରୀ ଅର୍ଶ ଡାହର କହିଛନ୍ତି ଯେ, ଭାରତୀୟ ଦୂତାବାସ ତାଙ୍କ ସହ ଯୋଗାଯୋଗ କରିଥିଲା । କିନ୍ତୁ ସେ ଏକ ଘରୋଇ ବିମାନରେ ନିଜ ଖର୍ଚ୍ଚରେ ଦିଲ୍ଲୀ ଆସିଛନ୍ତି । ଆଉ ଜଣେ କହିଛନ୍ତି ଯେ, ସେଠାରେ ଆମେ ଗୋଟିଏ ମାସ ଧରି ଫସି ରହିଥିଲୁ । ଗୋଟିଏ କିମ୍ବା ଦୁଇ ସପ୍ତାହ ପରେ ସମସ୍ୟା ଆରମ୍ଭ ହୋଇଥିଲା । ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ, ଆମେ ନିଜ ନାଗରିକଙ୍କୁ ସହାୟତା କରିବା ପାଇଁ ସବୁ ପ୍ରକାର ପ୍ରୟାସ ଜାରି ରଖିଛୁ । ଭାରତୀୟଙ୍କୁ ବର୍ତ୍ତମାନ ଇରାନ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି । ବିଦେଶ ମନ୍ତ୍ରଣାଳୟ ଏ ନେଇ ହେଲ୍ପ ଲାଇନ ଜାରି କରିଛି ।

ଇରାନ୍‌ରେ ପାଖାପାଖି ଗତ ଦୁଇ ସପ୍ତାହ ଧରି ଜାରି ରହିଥିବା ହିଂସାରେ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଛନ୍ତି । ଇରାନ ମୁଦ୍ରା 'ରିୟାଲ'ର ମୂଲ୍ୟ ଐତିହାସିକ ଭାବେ ତଳକୁ ଖସିବା ଓ ସୃଷ୍ଟି ହୋଇଥିବା ଦରଦାମ ବୃଦ୍ଧି କାରଣରୁ ଡିସେମ୍ବର ୨୮ରୁ ବିରୋଧ ପ୍ରଦର୍ଶନ ତଥା ଆନ୍ଦୋଳନ ଆରମ୍ଭ ହୋଇଛି । ଦେଶରୁ ସବୁ ୩୧ଟି ରାଜ୍ୟରେ ଏହି ଆନ୍ଦୋଳନର ନିଆଁ ବ୍ୟାପିଛି ଓ ସ୍ଥିତି ଅଣାୟାତ ହୋଇଛି । ଅଧିକାଂଶ ଲୋକ ଗୁଳି ବାଜିବା କାରଣରୁ ମୃତ୍ୟୁ ବରଣ କରିଛନ୍ତି ।

# ଇରାନରେ ନରସଂହାର କରୁଛି ଭଡ଼ାଟିଆ ସେନା

ତେହରାନ, ୧୭।୧ (ଏଜେନ୍ସି): ଇରାନରେ ଇସଲାମିକ ସରକାରକୁ ଭୁଶୁଡ଼ାଇବା ପାଇଁ ଚାଲିଥିବା ଆନ୍ଦୋଳନକୁ ଦମନ କରାଗଲାଣି । ଦେଖିବା ମାତ୍ରେ ଆନ୍ଦୋଳନକାରୀଙ୍କ ଉପରେ ଗୁଳି କରାଯାଉଛି । ଅନେକଙ୍କୁ ଗିରଫ କରାଯାଇଛି । ସହାୟତା ଦେବାକୁ କହିଥିବା ଆମେରିକା ଚୁପ୍ ହୋଇ ରହିଛି । ଆରବ ଦେଶଗୁଡ଼ିକର ଚାପରେ ୱାସିଂଟନ ଇରାନରେ ଆକ୍ରମଣ କରିନାହିଁ ବୋଲି କୁହାଯାଉଛି । ମାତ୍ର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ଖଣ୍ଡନ କରିଦେଇଛନ୍ତି । ସେ ନିଜେ ନିଜକୁ ବୁଝାଇ ଥିବା କହିଛନ୍ତି । ତେବେ ଆମେରିକା ରାଷ୍ଟ୍ରପତି ଆନ୍ଦୋଳନକାରୀଙ୍କୁ ଉସୁକାଇ ତାଙ୍କ ହତ୍ୟାର କାରଣ ପାଲଟିଛନ୍ତି । ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମନେଇ ବିକ୍ଷୋଭକାରୀଙ୍କୁ ଦମନ କରିବା ପାଇଁ ଗୁଳି ମାଡ଼ କରିବାକୁ ସେନାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ସେନା ଏପରି କରିବାକୁ ମନା କରିଦେଇଥିଲା । ଏହା ପରେ ଖାମନେଇ ଭଡ଼ାରେ ଆତଙ୍କବାଦୀ ସଂଗଠନର ସଦସ୍ୟଙ୍କୁ ଆଣି ନରସଂହାର କରିଥିଲେ । ନିଜ ଦେଶର ହଜାର ହଜାର ନାଗରିକଙ୍କ ଜୀବନ ନେଇଥିଲେ । ଏଥିପାଇଁ ସିଆ ଆତଙ୍କବାଦୀ ସଂଗଠନ ଗୁଡ଼ିକର ସହାୟତା ନିଆଯାଇଥିଲା । ଧାର୍ମିକ ଯାତ୍ରା ନାମରେ ଇରାକରୁ ୫ ହଜାର ସଦସ୍ୟଙ୍କୁ ଡକା ଯାଇଥିଲା । ଏମାନଙ୍କ ମଧ୍ୟରୁ କିଛି ହିଜବୁଲ୍ଲା ସହ ଜଡ଼ିତ ଅଛନ୍ତି । ଏହି ଭଡ଼ାଟିଆ ଆତଙ୍କବାଦୀ ଖାମନେଇଙ୍କ ନିର୍ଦ୍ଦେଶରେ ଆନ୍ଦୋଳନକାରୀଙ୍କ ଉପରେ ଗୁଳି ଚଳାଇ ଥିଲେ । ଫଳରେ ଅଚାନକ ମୃତ୍ୟୁସଂଖ୍ୟା ବଢ଼ିଥିଲା । ଏହା ଦେଖି ବିକ୍ଷୋଭ ଶାନ୍ତ ହେବାରେ ଲାଗିଥିଲା । ସରକାରୀ ଭାବେ ଆନ୍ଦୋଳନ ଜନିତ ମୃତ୍ୟୁସଂଖ୍ୟା ୩,୫୦୦ କୁହାଯାଇଛି । ମାତ୍ର ଅନ୍ୟ ରିପୋର୍ଟରେ ୧୨ ହଜାରରୁ ଅଧିକ ପ୍ରାଣ ହରାଇଥିବା ରିପୋର୍ଟ ପ୍ରକାଶ ପାଇଛି ।

ସୂଚନା ଅନୁଯାୟୀ, ଆନ୍ଦୋଳନକାରୀଙ୍କ ପ୍ରତି ଅନୁକମ୍ପା ନ ଦେଖାଇ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଖାମନେଇ ଚାହୁଁଥିଲେ । ସେଥିପାଇଁ ସେ ଇରାନ ଦକ୍ଷିଣ ସୀମା ସ୍ଥିତ ଇରାକ ରାଜ୍ୟ ମାୟସାନ ଏବଂ ବାସିତରୁ ଏହି ଆତଙ୍କବାଦୀଙ୍କୁ ଅଣା ଯାଇଥିଲା । ଏହି ଭଡ଼ାଟିଆ ସଦସ୍ୟ ସଶସ୍ତ୍ର ସଂଗଠନ ସହ ଜଡ଼ିତ ଥିଲେ । ଏମାନେ ଆତଙ୍କବାଦୀ ଗୋଷ୍ଠୀ ହିଜବୁଲ୍ଲାହ, ହରକତ ହିଜବୁଲ୍ଲାହ, ଅଲ-ନୁଜାବା, କତାଇବ ସୈଦ ଅଲ-ସୁହାଦା ଏବଂ ବଦ୍ର ସଂଗଠନ ସହ ଜଡ଼ିତ । ଏହି ସବୁ ଗୋଷ୍ଠୀ ତେହରାନର ଆନୁଗତ୍ୟ । ଇରାନର ରିଭୋଲ୍ୟୁସନାରୀ ଗାର୍ଡ ଏହି ସଂଗଠନ ଗୁଡ଼ିକୁ ଅର୍ଥ ଦେଉଛି । ଗତ ୧୧ ତାରିଖରେ ଏହି ୫ ହଜାର ସଦସ୍ୟଙ୍କୁ ୬୦ରୁ ଅଧିକ ୫୦ ସିଟ୍ ବିଶିଷ୍ଟ ବସ୍‌ରେ ଇରାନ ଅଣାଯାଇଥିଲା । ଏମାନଙ୍କୁ ସରକାରୀ କୋଠା, ସେନା ମୁଖ୍ୟାଳୟ ଆଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ମୁତୟନ କରାଯାଇଥିଲା ।

# ମହାରାଷ୍ଟ୍ର: ୨୯ ରୁ ବିଜେପି ଦଖଲରେ ୧୭ଟି ପୌରପାଳିକା

ମୁମ୍ବଇ, ୧୭ ।୧(ଏଜେନ୍ସି): ମହାରାଷ୍ଟ୍ର ପୌର ନିର୍ବାଚନରେ ବିଜେପି ବୃହତ ବିଜୟ ହାସଲ କରିଛି । ରାଜ୍ୟର ୨୯ଟି ପୌର ପାଳିକାରୁ ବିଜେପି ଏକାକି ୧୭ଟିକୁ ନିଜ ଦଖଲକୁ ଆଣିଛି । ଅର୍ଥାତ ଏହି ପୌରପାଳିକାଗୁଡିକରେ ବିଜେପିର ହିଁ ମେୟର ନିର୍ବାଚିତ ହେବା ନିଶ୍ଚିତ ହୋଇଛି । ସେହିପରି ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟ ୮ଟି ପୌର ପାଳିକାରେ ବାଜିମାରିଛି । ଫଳରେ ବିଜେପି ମୋଟ୍ ୨୫ଟି ପୌରପାଳିକାକୁ ନିଜ ନିୟନ୍ତ୍ରଣରେ ରଖିବାକୁ ସକ୍ଷମ ହୋଇଛି । ବିଜେପି- ଶିବସେନା (ସିନ୍ଦେ) ମେଣ୍ଟ ଉଦ୍ଧବ ଠାକରେଙ୍କଠାରୁ ବିଏମ୍‌ସି ଛଡ଼ାଇ ନେଇଛି । ଗତ ୩ ଦଶନ୍ଧି ଧରି ବିଏମ୍‌ସିରେ ଶିବସେନାର ପ୍ରାଧାନ୍ୟ ରହିଆସିଥିଲା ଓ ଏବେ ଏହା ଶେଷ ହୋଇଛି । ମୋଟ୍ ଉପରେ ୮୯ଟି ଆସନ ଜିତି ବିଜେପି ବୃହତ୍ତମ ଦଳ ଭାବେ ଉଭା ହୋଇଛି । ରାଜ୍ୟ ନିର୍ବାଚନ କମିସନ ଦ୍ୱାରା ଘୋଷିତ ଚୂଡାନ୍ତ ଫଳାଫଳ ଅନୁଯାୟୀ, ବିଜେପି ଓ ତା'ର ସହଯୋଗୀ ୨୯ଟି ପୌରପାଳିକାର ୨,୮୬୯ ଆସନରୁ ୧,୪୨୫ ଆସନ ଜିତିଛି । ସେହିପରି ଶିବସେନା ୩୯୯, କଂଗ୍ରେସ ୩୨୪, ଏନ୍‌ସିପି ୧୬୭, ଶିବସେନା (ୟୁବିଟି) ୧୫୫, ଏନ୍‌ସିପି (ଏସ୍‌ପି) ୩୬, ଏମ୍‌ଏନ୍‌ଏସ୍ ୧୩, ବିଏସ୍‌ପି ୬, ଏସ୍‌ଇସି ପଞ୍ଜିକୃତ ଦଳ ୧୨୯, ଅଣସ୍ୱୀକୃତିପ୍ରାପ୍ତ ଦଳ ୧୯୬ ଏବଂ ସ୍ୱାଧୀନ ପ୍ରାର୍ଥୀ ୧୯ଟି ଆସନରେ ବିଜୟ ହାସଲ କରିଛନ୍ତି ।



ମୁମ୍ବାଇ ପାଇଁ ଉଦ୍ଧବ-ସିନ୍ଦେ ମୁହାଁମୁହିଁ
ହୋଟେଲରେ ରହିଲେ ଶିବ ସେନା କର୍ପୋରେଟର

ତେବେ ସମସ୍ତଙ୍କର ନଜର ରହିଛି ମୁମ୍ବାଇ ଉପରେ । ନିର୍ବାଚନରେ ପରାଜୟ ବରଣ କରିଥିବା ଉଦ୍ଧବ ଠାକରେଙ୍କ ଶିବସେନା ବୃହାନମୁମ୍ବାଇ ପୌର ନିଗମ ମେୟର ହାତେଇବା ଲାଗି ଯୋଜନା କରିଥିବା ଜଣାପଡ଼ିଛି । ପରାଜୟ ସତ୍ତ୍ୱେ ଠାକରେଙ୍କ ଏହି ଯୋଜନା ଯୋଗୁଁ ଶିବ ସେନାର ସିନ୍ଦେ ଗୋଷ୍ଠୀରେ ଛନକା ପଶିଛି । ତେଣୁ ତାଙ୍କର ୨୯ ଜଣ କର୍ପୋରେଟରଙ୍କୁ ତାଜ ହୋଟେଲରେ ଲୁଚାଇ ରଖିଛନ୍ତି । ୨୨୭ ସଭ୍ୟ ବିଶିଷ୍ଟ ନିଗମରେ ବିଜେପିକୁ ସର୍ବାଧିକ ୮୯ ଆସନ ମିଳିଥିବା ବେଳେ ଠାକରେଙ୍କ ସେନାକୁ ମିଳିଛି ୬୫ଟି ଆସନ । ସିନ୍ଦେଙ୍କୁ ମିଳିଛି ୨୯ । ସିନ୍ଦେଙ୍କ ସହାୟତାରେ ବିଜେପି ମେୟର ପଦବୀ ପାଇବା ନିଶ୍ଚିତ । କିନ୍ତୁ ସିନ୍ଦେଙ୍କ ସେନାରେ ବିଭାଜନ ଘଟାଇବାକୁ ଯୋଜନା କରିଛନ୍ତି ଠାକରେ । ଏହି ନିର୍ବାଚନରେ କଂଗ୍ରେସ ମେଣ୍ଟକୁ ୨୪ଟି ଆସନ ମିଳିଥିବା ବେଳେ ଓୱେସିଙ୍କ ଏଏମଆଇଏମକୁ ମିଳିଛି ୮ ଆସନ । ସେହିଭଳି ରାଜ ଠାକରେଙ୍କ ସେନାକୁ ମିଳିଛି ୬ ଆସନ ।

## ମୁର୍ଶିଦାବାଦ୍ ହିଂସା ଯୋଗୁଁ ବିପଦରେ 'ଚିକେନ ନେକ୍'

କୋଲକାତା, ୧୭ ।୧(ଏଜେନ୍ସି): ପଶ୍ଚିମବଙ୍ଗର ମୁର୍ଶିଦାବାଦ୍‌ରେ ଚାଲିଥିବା ହିଂସ୍ରକ ବିକ୍ଷୋଭ ପ୍ରଦର୍ଶନ କାରଣରୁ ଚିକେନ ନେକ୍ କୁହାଯାଉଥିବା ସିଲିଗୁଡ଼ି କରିଡର ବିପଦରେ ପଡ଼ିଛି । ଝାଡ଼ଖଣ୍ଡରେ ଜଣେ ପ୍ରବାସୀ ଶ୍ରମିକ ଆଲାଉଦ୍ଦିନ ଶେଖଙ୍କ ସନ୍ଦେହଜନକ ମୃତ୍ୟୁ ଓ ପରେ ତାଙ୍କ ମୃତଦେହ ଫେରିବା ପରେ ମୁର୍ଶିଦାବାଦ୍‌ରେ ବ୍ୟାପକ ହିଂସା ସୃଷ୍ଟି ହୋଇଛି । ତାଙ୍କୁ ପିଟିପିଟ ହତ୍ୟା କରାଯାଇଛି ବୋଲି ଆଲାଉଦ୍ଦିନଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ବିକ୍ଷୋଭକାରୀମାନେ ଏନ୍‌ଏଚ୍-୧୨ଓ ରେଳଲାଇନ୍‌କୁ ବନ୍ଦ କରିଦେଇଛନ୍ତି । ଏଠାରେ ଏକ ପ୍ରକାର ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାରୁ ସିଲଗୁଡି କରିଡର ବିପଦରେ ପଡ଼ିଛି ବୋଲି ବିଜେପି ତରଫରୁ କୁହାଯାଉଛି । ପଶ୍ଚିମବଙ୍ଗରୁ ହିଁ ମୁର୍ସିଦାବାଦ୍ ଦେଇ ସିଲଗୁଡି ଓ ଉତ୍ତରପୂର୍ବକୁ ଯିବାକୁ ହୋଇଥାଏ । ଫଳରେ ଏହି ହିଂସା ଏବେ ଉତ୍ତରପୂର୍ବ ରାଜ୍ୟଗୁଡିକ ବିଚ୍ଛିର୍ଣ୍ଣ କରିବାର ଆଶଙ୍କା ସୃଷ୍ଟି କରିଛି ।

## ପୁଣି ମମତାଙ୍କୁ ମୋଦୀଙ୍କ ଟାର୍ଗେଟ

ମାଲଦା, ୧୭ ।୧(ଏଜେନ୍ସି): ପଶ୍ଚିମବଙ୍ଗର ମାଲଦାରେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ପୁରଣା କଥାକୁ ଦୋହରାଇଛନ୍ତି । ପଶ୍ଚିମବଙ୍ଗ ପାଇଁ ଏବେ ଅନୁପ୍ରବେଶ ମୁଖ୍ୟ ସମସ୍ୟା ତଥା ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି ବୋଲି ସେ କହିଛନ୍ତି । ରାଜ୍ୟର ଏକାଧିକ ଅଞ୍ଚଳରେ ଜନସଂଖ୍ୟାର ସନ୍ତୁଳନ ବିପର୍ଯ୍ୟସ୍ତ ହେଉଛି । ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଅନୁପ୍ରବେଶକାରୀଙ୍କୁ ଭୋଟରର ମାନ୍ୟତା ପ୍ରଦାନ କରୁଛି । ଫଳରେ ଗରିବ ଲୋକ ସେମାନଙ୍କ ଅଧିକାରରୁ ବଞ୍ଚିତ ହେଉଛନ୍ତି । କିନ୍ତୁ ରାଜ୍ୟରେ ବିଜେପି ସରକାର ଗଠନ ହେବା ମାତ୍ରେ ଅନୁପ୍ରବେଶକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଆୟୁଷ୍ମାନ ଯୋଜନା ବିଷୟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଟିଏମ୍‌ସି ଆପଣଙ୍କ ଦୁଃଖ ବିଷୟରେ ଚିନ୍ତିତ ନୁହେଁ । ଆୟୁଷ୍ମାନ ଯୋଜନା ଏଠାରେ କାର୍ଯ୍ୟକାରୀ କରାଯାଉନାହିଁ । ଏଭଳି କଠୋର ହୃଦୟର ସରକାରଙ୍କୁ ରାଜ୍ୟରୁ ହଟାଇବା ଜରୁରୀ ହୋଇପଡ଼ିଛି ବୋଲି ସେ କହିଛନ୍ତି । ସେପଟେ ଶନିବାର ବିଜେପି ତରଫରୁ ସାମ୍ବାଦିକ ସମ୍ମିଳନୀ କରାଯାଇ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସମାଲୋଚନା କରାଯାଇଛି । ବିଜେପି ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି ଯେ, ମମତା ୧୦ ହଜାର ଟଙ୍କାରେ ବାଂଲାଦେଶୀ ଓ ରୋହିଙ୍ଗ୍ୟାଙ୍କୁ ନାଗରିକତା ପ୍ରଦାନ କରୁଛନ୍ତି ।


## ସାବତ ପୁଅଙ୍କୁ ଯୌନ ଶୋଷଣ କରିବା ଅଭିଯୋଗରେ ନର୍ସଙ୍କୁ ୨ ବର୍ଷ ଜେଲ

ଫ୍ଲୋରିଡା, ୧୭ ।୧(ଏଜେନ୍ସି): ଆମେରିକା ଫ୍ଲୋରିଡ଼ାରେ ଜଣେ ନର୍ସ ନିଜ ୧୫ ବର୍ଷର ସାବତ୍ ପୁଅଙ୍କୁ ଯୌନ ଶୋଷଣ କରିବା ଅଭିଯୋଗରେ ଦଣ୍ଡିତ କରାଯାଇଛି । ଏହି ନର୍ସ ହେଉଛନ୍ତି ୩୫ ବର୍ଷୀୟା ଆଲେକ୍ସିସ ଭନ ୟେଟ୍ସ । ତାଙ୍କୁ ୨ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି ଓ ତାଙ୍କ ଲାଇସେନ୍ସକୁ ମଧ୍ୟ ରଦ୍ଦ କରାଯାଇଛି । ୨୦୨୪ ଜୁଲାଇରେ ତାଙ୍କ ସ୍ୱାମୀ ଫ୍ରାଙ୍କ୍ ଆଲେକ୍ସିସଙ୍କୁ ନିଜ ନାବାଳକ ପୁଅଙ୍କ ସହ ସୋଫାରେ ଯୌନ ସମ୍ପର୍କ ସ୍ଥାପନ କରୁଥିବାର ଦେଖିଥିଲେ ଓ ଏ ନେଇ କୋର୍ଟଙ୍କୁ ଅବଗତ କରାଇଥିଲେ । ଏଥିରେ କ୍ରୋଧିତ ହୋଇ ସେ ପତ୍ନୀଙ୍କ ସହ ଝଗଡ଼ା କରିଥିଲେ ଓ ପୁଲିସରେ ଅଭିଯୋଗ କରିଥିଲେ । ୨୦୨୫ ସେପ୍ଟେମ୍ବରରେ ୟେଟ୍ସଙ୍କୁ ଜେଲ୍ ପଠାଯାଇଥିଲା । ୟେଟ୍ସଙ୍କ ସ୍ୱାମୀ ଗତମାସରେ ଛାଡ଼ପତ୍ର ପାଇଁ ଆବେଦନ କରିଥିଲେ । ପୁଅ ଗ୍ରୀଷ୍ମଋତୁରେ ବାପାଙ୍କୁ ଭେଟିବାକୁ ଆସିଥିଲା । କିନ୍ତୁ ୟେଟ୍ସ ନିଜର ଦୁଇ ଛୋଟ ପିଲାଙ୍କୁ ଶୁଆଇବା ପରେ ସାବତ ପୁଅଙ୍କ ସହ ସମ୍ପର୍କ ରଖିଥିଲେ ବୋଲି ପୁଲିସ କହିଛି ।

# ଗୋଆରେ ଦୁଇ ରୁଷୀୟ ମହିଳାଙ୍କୁ ଗଳା କାଟି ହତ୍ୟା କଲା ରୁଷ ନାଗରିକ

■ ୮ କିମି ଦୂରରେ ମିଳିଲା ମୃତଦେହ

ପଣଜୀ, ୧୭ ।୧(ଏଜେନ୍ସି): ଗୋଆରେ ଦୁଇଜଣ ରୁଷୀୟ ମହିଳାଙ୍କୁ ହତ୍ୟା କରାଯାଇଥିବାର ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି । ଶୁକ୍ରବାର ଦୁଇଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଏହି ଦୁଇ ମହିଳାଙ୍କ ହତ୍ୟା ମାମଲାରେ ପୁଲିସ ଜଣେ ୩୭ ବର୍ଷୀୟ ରୁଷିଆ ନାଗରିକଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଉଛନ୍ତି ଆଲେକ୍ସି ଜିଓନୋଭ । ଦୁଇ ମୃତ ମହିଳା ହେଲେ ୩୭ ବର୍ଷୀୟା ଏଲେନା କାଷ୍ଟାନାନୋଭା ଓ ୩୭ ବର୍ଷୀୟା ଏଲେନା ଭାନେଭା । ଉଭୟ ମହିଳାଙ୍କୁ ସମାନ ଢଙ୍ଗରେ ଗଳାକାଟି ହତ୍ୟା କରାଯାଇଛି ବୋଲି ପୁଲିସ କହିଛି । ଏମାନଙ୍କ ହାତ ଶରୀର ପଛ ପଟେ ବନ୍ଧା ଯାଇଥିଲା । ପୂର୍ବରୁ ଗୁରୁବାର ରାତିରେ ଗୋଆର ଆରାମ୍ବୋଲରର ଏକ ଭଡ଼ା ଘରୁ ଅଭିଯୁକ୍ତଙ୍କ ଲିଭ୍ ଇନ୍ ପାର୍ଟନର ଏଲେନା କାଷ୍ଟାନାନୋଭାଙ୍କ ମୃତଦେହ ଉଦ୍ଧାର କରାଯିବା ପରେ ମାମଲାଟି ସାମ୍ନାକୁ ଆସିଥିଲା । ଘର ମାଲିକଙ୍କ ଅନୁଯାୟୀ ଘଟଣାଟି ରାତି ୧୧ଟାରେ ଘଟିଥିଲା । ପୁଲିସ ଘଟଣାସ୍ଥଳରୁ ୮ କିମି ଦୂରରେ ମୋର୍ଜିମ ଅଞ୍ଚଳରେ ଆଉ ଜଣେ ରୁଷୀୟ ମହିଳାଙ୍କ ଭାନେଭାଙ୍କୁ ହତ୍ୟା କରାଯାଇଥିବାର ସୂଚନା ପାଇଥିଲା । ତଦନ୍ତ ପରେ ଜଣା ପଡ଼ିଛି ସେ ଭାନେଭା ଅଭିଯୁକ୍ତ ଓ କାଷ୍ଟାନାନୋଭା ଉଭୟଙ୍କ ବନ୍ଧୁ ଥିଲେ । ପୁଲିସ ଦେଇଥିବା ବୟାନ ଅନୁଯାୟୀ, କାଷ୍ଟାନାନୋଭା ଓ ଅଭିଯୁକ୍ତ ପ୍ରାୟ ଏକମାସ ଧରି ଏକ କୋଠାରୀରେ ଭଡ଼ାରେ ରହୁଥିଲେ । କିନ୍ତୁ ଜାନୁଆରୀ ୧୪ରେ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । କାଷ୍ଟାନାନୋଭା ପାଖରେ ରହୁଥିବା ଅନ୍ୟ ଜଣେ ରୁଷୀୟ ମହିଳାଙ୍କୁ ହସ୍ତକ୍ଷେପ କରିବାକୁ କହିଥିଲେ । କିନ୍ତୁ ସେ ମନା କରିଦେଇଥିଲେ । ହତ୍ୟା ପରେ ଅଭିଯୁକ୍ତ ବାଲକୋନୀ ଡେଇଁ ଚାଲିଯାଇଥିଲା । ଏହପରେ ଅଭିଯୁକ୍ତ ଜାନୁଆରୀ ୧୫ରେ ସନ୍ଧ୍ୟାରେ ପ୍ରାୟ ୮ କିମି ଦୂର ମୋର୍ଜିମ ଗାଁକୁ ଯାଇ ଭାନିଭାଙ୍କୁ ହତ୍ୟା କରିଥିଲେ । ଅଭିଯୁକ୍ତ ଆଲେକ୍ସି ଜିଓନୋଭ କାହିଁକି ଦୁଇ ମହିଳାଙ୍କୁ ହତ୍ୟା କରିଛନ୍ତି, ସେନେଇ ପୁଲିସ ତଦନ୍ତ କରୁଛି । ଏବେ ଏହି ଘଟଣା ରୁଷୀୟ



ପର୍ଯ୍ୟଟକଙ୍କ ଭ୍ରମଣ ହେଉଥିବା ଅଞ୍ଚଳରେ ରହୁଥିବା ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି । ଅଧିକ ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି

## କେନ୍ଦୁଝରର ପୁଲିସର ଧରପଗଡ଼ ଅଭିଯାନ

# ଗୋରୁମାଫିଆଙ୍କ ୫୦ କୋଟିର ସଂପତ୍ତି ଠାବ

କେନ୍ଦୁଝର/ବାରିପଦା/ରାଇରଙ୍ଗପୁର/ଭଦ୍ରକ/ଯାଜପୁର/ଆନନ୍ଦପୁର/ତୁରୁମୁଙ୍ଗା/କରଞ୍ଜିଆ/ବିଶୋଇ/ତେଲକୋଇ,୧୭ ।୧(ସମିସ): ଅବୈଧ ଗୋ-ଚାଲାଣ ବିରୋଧରେ କେନ୍ଦୁଝର ପୁଲିସ ବଡ଼ଧରଣର ଅଭିଯାନ ଆରମ୍ଭ କରିଛି । କେନ୍ଦୁଝର ଜେଏମ୍‌ଏଫ୍‌ସି କୋର୍ଟଙ୍କ ଆଦେଶ ବଳରେ



ଆଜି ଭୋର୍‌ରେ କେନ୍ଦୁଝର ପୁଲିସର ପାଖାପାଖି ୬୫ଟି ଟିମ୍ କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଓ ଖୋର୍ଦ୍ଧା ଜିଲ୍ଲାର ୪୬ଟି ସ୍ଥାନରେ ଚଢ଼ଉ କରିଛି । ବିଶେଷକରି ଗୋରୁ-ମାଫିଆଙ୍କ ଘରେ ଚଢ଼ଉ କରାଯାଇଥିଲା । ଚଢ଼ଉ ବେଳେ ପୁଲିସ ୯ଜଣ ଗୋ-ମାଫିଆଙ୍କୁ ଅଟକ ରଖିବା ସହ ସେମାନଙ୍କର ଅଚଳାଚଳ ସମ୍ପତ୍ତି ଠାବ କରିଛି । ଠାବ ସଂପତ୍ତି ମଧ୍ୟରେ ୧ କୋଟିରୁ ଊର୍ଦ୍ଧ୍ୱ ନଗଦ ଟଙ୍କା, କେଜିଏରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର, ୩କେଜିରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାର, ପାଖାପାଖି ୨୫ଟି ଦାମୀ କାର୍ ଓ ବାଇକ୍, ବହୁତଳ କୋଠା, ସପିଂ ମଲ୍ ଓ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଛି । ଏସବୁ ସଂପତ୍ତିର ମୋଟ ମୂଲ୍ୟ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କେନ୍ଦୁଝର ପୁଲିସ କହିଛି । ଦୁଇଜଣ ଅତିରିକ୍ତ ପୁଲିସ ଅଧୀକ୍ଷକଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ଉରେ ୫ଜଣ ଡିଏସ୍‌ପି, ୨୫ ଇନ୍ସପେକ୍ଟର୍, ୩୬ ଏସ୍‌ଆଇ ଏବଂ ଏଏସ୍‌ଆଇଙ୍କ ସମେତ ୧୮ ପ୍ଲାଟୁନ୍ ଫୋର୍ସ ସାମିଲ ଥିଲେ ।

■ ୫ ଜିଲ୍ଲାର ୪୬ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ଉ; ୯ ଅଟକ
■ ଠାବ ସଂପତ୍ତିରେ କେଜିଏ ସୁନା, ୩ କେଜି ରୁପା, ବହୁତଳ କୋଠା, ସପିଙ୍ଗ ମଲ୍

ଅଟକ ଅଭିଯୁକ୍ତମାନେ ହେଲେ, ଭଦ୍ରକ ଟାଉନ୍ ଥାନା ଅଞ୍ଚଳର ଶେଖ ରାଜନ ଓରଫ୍ ତାଜୁଦ୍ଦିନ, କେନ୍ଦୁଝର ଘଟଗାଁ ଥାନା ସାନ୍ତରାପୁର ଟିପୁ ସୁଲତାନ, ତୁରୁମୁଙ୍ଗା ଥାନା ଅଞ୍ଚଳର କୁନୁ ସାହୁ, ମଣ୍ଟୁ ଓରଫ୍ ଅର୍ଜୁନ ସାହୁ, ସିପୁ ସାହୁ, ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅଞ୍ଚଳର ଟୁନା ଓରଫ୍ ମୃତ୍ୟୁଞ୍ଜୟ ମହାପାତ୍ର, ଝରପୋଖରିଆର ଥାନା ଅଞ୍ଚଳର ସୁଜିତ୍ ମହାନ୍ତି, କୁନୁ ପଠାନ୍ ଓରଫ୍ ଶେଖ ଆକବର, ହରିଚନ୍ଦନପୁର ଥାନା ଜାମୁଯୋଡ଼ି ଗ୍ରାମର ନାସିର, ମୟୂରଭଞ୍ଜ ଜିଲ୍ଲା ତେଣ୍ଟୋପଶି ଗ୍ରାମର ଶେଖ ନଇମ । ସେମାନଙ୍କୁ ପଚରାଉଚରା କରାଯାଉଛି । କେନ୍ଦୁଝର ଜିଲ୍ଲା ଦୈତାରୀ ଥାନାରେ ଆନିମଲ୍ କ୍ରୁଏଲିଟି ଆକ୍ଟ ଆଧାରରେ ରୁଜୁ ମାମଲା (୧୦୭/୨୫) ଏବଂ କେନ୍ଦୁଝର ଜେଏମ୍‌ଏଫ୍‌ସି କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଉପରୋକ୍ତ ବ୍ୟକ୍ତିବିଶେଷଙ୍କ ଘର ଉପରେ ଚଢ଼ଉ କରାଯାଇଥିଲା ।

## ପରିଚାଳନା କମିଟିରେ ଏସ୍‌ଓପି ଚୂଡ଼ାନ୍ତ

# ସରକାରଙ୍କ ଅନୁମୋଦନ ପରେ ରତ୍ନ ଅଳଙ୍କାର ଗଣତିମଣତି

ପୁରୀ,୧୭।୧(ସମିସ): ଶନିବାର ପରିଚାଳନା କମିଟି ବୈଠକରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି ପାଇଁ ଏସ୍‌ଓପି ଚୂଡ଼ାନ୍ତ ହୋଇଛି । ପୂର୍ବରୁ ପ୍ରସ୍ତୁତ ୧୧ ପୃଷ୍ଠାର ଚିଠା ମାର୍ଗଦର୍ଶିକାକୁ ପରିଚାଳନା କମିଟି ଅନୁମୋଦନ ଦେଇଛି । ଏହି ମାର୍ଗଦର୍ଶିକାକୁ ରାଜ୍ୟ ସରକାରଙ୍କ ପାଖକୁ ପଠାଯିବ । ସରକାରଙ୍କ ଅନୁମୋଦନ ପରେ ବହୁପ୍ରତୀକ୍ଷିତ ରତ୍ନଅଳଙ୍କାର ଗଣତିମଣତି ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି ।

ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ଅଧ୍ୟକ୍ଷତାରେ ଶନିବାର ମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଗଣତିମଣତି କେଉଁଦିନ ହେବ ତା' ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ତିଥି, ଲଗ୍ନ, ବାର ଦେଖି ଏବଂ ସମ୍ପୃକ୍ତ ସେବକ ନିଯୋଗ ସହ କଥାବାର୍ତ୍ତା କରି ଆରମ୍ଭ ଦିନ ସ୍ଥିର ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଶୁଭଦିନ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ମଧ୍ୟ ସୂଚନା ଦିଆଯିବ । ଗଣତିମଣତି ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ପ୍ରଭାବିତ ନ ହେବ ଏବଂ ବାହାର କାଠରୁ ଭକ୍ତଙ୍କ ଦର୍ଶନରେ ଯେପରି ବାଧା ନ ଉପୁଜିବ, ତା' ଉପରେ ଧ୍ୟାନ ଦିଆଯିବ । ଏଥିସହ ଗଣତିମଣତିର ଡିଜିଟାଇଜେସନ୍ ପ୍ରକ୍ରିୟା କେଉଁଭଳି ହେବ, କେଉଁମାନେ ଭିତର ରତ୍ନଭଣ୍ଡାରକୁ ପ୍ରବେଶ କରିବେ, କେତେଜଣ ଜଗମୋହନରେ ରହିବେ, ପାଳିଆ ସେବାୟତଙ୍କୁ କିପରି ପାସ୍ ଦିଆଯିବ, ସୁରକ୍ଷା ବ୍ୟବସ୍ଥା କ'ଣ ରହିବ, ସେନେଇ ଆଲୋଚନା ହୋଇଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି । ଶ୍ରୀଜୀଉମାନେ ବ୍ୟବହାର କରୁଥିବା ରତ୍ନ ପଲଙ୍କ ନୂଆ ସେଟ୍ ତିଆରି ହୋଇଛି । ଏହା କେଉଁଦିନ ଲାଗିବ, କେଉଁ ଶୁଭବେଳାରେ ଲାଗି କରାଯିବ, ସେବକମାନଙ୍କ ସହିତ କଥା ହେବା ପରେ ସ୍ଥିର ହେବ ।

■ ତିଆରି ହୋଇଛି ଶ୍ରୀଜୀଉଙ୍କ ନୂଆ ରତ୍ନପଲଙ୍କ ସେଟ୍
■ ସେବାୟତଙ୍କ ପାଇଁ ମୋବାଇଲ କଟକଣା, ସହାୟକଙ୍କୁ ସମ୍ପୂର୍ଣ୍ଣ ମନା

ସେହିପରି ଗୁଣ୍ଡିଚା ମନ୍ଦିର ଖୋଲିବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ଏଥିପାଇଁ ପ୍ରସ୍ତୁତ ଏସ୍‌ଓପିକୁ ଅନୁମୋଦନ ଦିଆଯାଇଛି । କିନ୍ତୁ, କେଉଁଦିନ ମନ୍ଦିର ଖୋଲାଯିବ, ସେନେଇ ପରିଚାଳନା କମିଟିର ସେବାୟତ ପ୍ରତିନିଧିମାନେ ବୁଲି ଦେଖିବା ପରେ ଲଗ୍ନ ସ୍ଥିର ହେବ । ଭକ୍ତଙ୍କୁ ଯାଞ୍ଚ କରାଯାଇ ଭିତରକୁ ଛଡ଼ାଯିବ । ପୁରୀ ମେଡିକାଲ କଲେଜ ପାଇଁ ଅଧିକୃତ କରାଯାଇଥିବା ଜମି ମହାପ୍ରଭୁ ବିଜେ ପୁରୀଙ୍କ ନାମରେ ଥିଲା । ବିଗତ ଦିନରେ ରାଜ୍ୟ ସରକାର ମନ୍ଦିର ପ୍ରଶାସନକୁ ୨କୋଟି ଟଙ୍କା ଦେଇଥିଲେ । କିନ୍ତୁ ସେହି ଜମିର ବେଞ୍ଚମାର୍କ ମୂଲ୍ୟ ପ୍ରାୟ ୩୭କୋଟି ୫୦ ଲକ୍ଷ ଟଙ୍କା ହେଉଛି । ବାକି ୩୫ କୋଟି ଟଙ୍କା ରାଜ୍ୟ ସରକାର ଦେବେ ବୋଲି ନିର୍ଦ୍ଧାରିତ ହୋଇଛି । ତେଣୁ ପରିଚାଳନା କମିଟିରେ ଏହାକୁ ଅନୁମୋଦନ କରାଯାଇଛି ।

କୌଣସି ପ୍ରଶାସନିକ ଅଧିକାରୀ ମନ୍ଦିର ଭିତରେ ମୋବାଇଲ ଫୋନ୍ ବ୍ୟବହାର କରିପାରିବେ ନାହିଁ ବୋଲି ପୂର୍ବରୁ ସ୍ଥିର ହୋଇଛି । ଜରୁରୀକାଳୀନ ବ୍ୟବହାର ପାଇଁ ଦରକାର ପଡ଼ିଲେ, ସେମାନେ ଗାରଦ କିମ୍ବା ଶାଖା କାର୍ଯ୍ୟାଳୟକୁ ଯାଇ ଫୋନ୍ କରିବେ । ଖୁଲମ୍‌ଖୁଲା ଫୋନ୍‌ରେ କଥା ହୋଇପାରିବେ ନାହିଁ । ଏହି କଟକଣା ସେବାୟତଙ୍କ ପାଇଁ ଲାଗୁ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ସେବାୟତଙ୍କ ସହାୟକମାନେ ମନ୍ଦିର ଭିତରେ ଆଦୌ ଫୋନ୍ ବ୍ୟବହାର କରିପାରିବେ ନାହିଁ । ବ୍ୟବହାର କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି । ସେହିପରି ନାଟମଣ୍ଡପରେ ଏସି ଲଗାଯିବା ବ୍ୟବସ୍ଥା ଶୀଘ୍ର ହେବ । ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପାଇଁ ରାମ୍ପରେ ପରିବର୍ତ୍ତନ କରାଯାଇଛି । ପ୍ରୋଟୋକଲ ଦର୍ଶନ ବ୍ୟବସ୍ଥା କେବଳ ଶ୍ରୀମନ୍ଦିର ପ୍ରଶାସନ କରିବ । ଏଥିସହ ଦିବ୍ୟାଙ୍ଗଙ୍କ ଦର୍ଶନ ନେଇ ଆଲୋଚନା ହୋଇଥିବା ମୁଖ୍ୟ ପ୍ରଶାସକ କହିଛନ୍ତି । ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସହ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

## ମଣ୍ଡି ସମସ୍ୟା, ପିୟୁସିସି ଓ ସ୍ମାର୍ଟ ମିଟରକୁ ବିରୋଧ

# ୨୮ରେ ନବ ନିର୍ମାଣ କୃଷକ ସଂଗଠନର ଓଡ଼ିଶା ବନ୍ଦ

■ ଭୁବନେଶ୍ୱର, ୧୭।୧ (ସମିସ): ରାଜ୍ୟରେ ମଣ୍ଡି ସମସ୍ୟା ନେଇ ଚାଷୀକୂଳ ହନ୍ତସନ୍ତ ହେଉଛନ୍ତି । ପ୍ରଦୂଷଣ ନାମରେ ସାଧାରଣ ବ୍ୟକ୍ତିଙ୍କଠାରୁ ହଜାର ହଜାର ଟଙ୍କାର ଫାଇନ୍ ନେଇ ସରକାର ସେମାନଙ୍କୁ ଶୋଷୁଛନ୍ତି । ଯାହାକୁ ଆଉ ବରଦାସ୍ତ କରାଯିବ ନାହିଁ । ଏତଦ୍ ବ୍ୟତୀତ ବିଜୁଳି ବିତରଣ କମ୍ପାନୀ ଟାଟା ପାୱାରର ସ୍ମାର୍ଟ ମିଟର ଲଗାଇବାଠାରୁ ଆରମ୍ଭ କରି ଚାଲିଥିବା ଲୁଟର ପ୍ରତିବାଦ ଏବଂ ନବନିର୍ମାଣ ନେତୃତ୍ୱ ଉପରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀଙ୍କ ଗୁଣ୍ଡାଙ୍କ ଦ୍ୱାରା ଆକ୍ରମଣର ପ୍ରତିବାଦରେ ଆଗାମୀ ଜାନୁଆରୀ ୨୮ ତାରିଖରେ ଓଡ଼ିଶା ବନ୍ଦ ଡକରା ଦେଇଛି ନବନିର୍ମାଣ କୃଷକ ସଂଗଠନ । ଆସନ୍ତା ୨୮ ତାରିଖ ସକାଳ ୬ଟାରୁ ୨ଟା ପର୍ଯ୍ୟନ୍ତ ବନ୍ଦ ଡକରା ଦିଆଯାଇଛି । ଶନିବାର ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟରେ ଆହୂତ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଏନେଇ ଘୋଷଣା କରିଛନ୍ତି ।

ସେ କହିଥିଲେ ଯେ ଏ ପର୍ଯ୍ୟନ୍ତ ଚାଷୀମାନଙ୍କୁ ଟୋକନ ମିଳିପାରି ନାହିଁ । ଟୋକନ ମିଳିଲେ ମଧ୍ୟ ସେଥିରେ ଗତ ବର୍ଷ ୪୦ କ୍ୱିଣ୍ଟାଲ ବିକିଲା ବେଳେ ଏ ବର୍ଷ ୧୦ କ୍ୱିଣ୍ଟାଲ ଓ ୨୦ କ୍ୱିଣ୍ଟାଲ ଆସୁଛି । ପ୍ରତି ମଣ୍ଡିରେ ୩ରୁ ୫ କେଜି ପର୍ଯ୍ୟନ୍ତ କଟନୀ ଛଟନୀ କରାଯାଉଛି । ଚାଷୀଙ୍କ ଦୁଃଖ ଏଇଟି ସରୁନାହିଁ । ରାଜ୍ୟ ଯୋଗାଣ ମନ୍ତ୍ରୀ କହିଛନ୍ତି ଯେ ଚାଷୀଙ୍କ ଠାରୁ ମାତ୍ର ୧୫୦ କ୍ୱିଣ୍ଟାଲ ଧାନ ୩୧୦୦ ଟଙ୍କାରେ କିଣାଯିବ, ବାକି ଧାନକୁ ଚାଷୀ ବାହାର ବଜାରରେ ବିକ୍ରି କରିବ । ଠିକ୍ ସେହିପରି ଟାଟା ପାୱାର ସ୍ମାର୍ଟ ମିଟର ଲଗାଇବା ନାମରେ ସାଧାରଣ ଲୋକଙ୍କୁ ଲୁଟ୍ କରିବା ପାଇଁ ଯେଉଁ ରାସ୍ତା ତିଆରି କରୁଛି । ତାହା ବନ୍ଦ କରିବା ସହିତ ଏଠାରେ ଉତ୍ପାଦିତ ହେଉଥିବା ବିଜୁଳିକୁ ଚାଷୀଙ୍କୁ ଚାଷ ପାଇଁ ମାଗଣାରେ ଯୋଗାଇବା ଏବଂ ସାଧାରଣ ଗ୍ରାହକଙ୍କୁ ବିଜେପିର ଡବଲ ଇଞ୍ଜିନି ସରକାର ନିର୍ବାଚନରେ ଘୋଷଣା କରିଥିବା ୩୦୦ ୟୁନିଟ୍ ମାଗଣାରେ ଯୋଗାଇ ଦିଆଯାଉ ବୋଲି ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ତାଙ୍କ ବକ୍ତବ୍ୟରେ କହିଥିଲେ । ଏତଦ୍ ବ୍ୟତୀତ ଓଡ଼ିଶା ସରକାର ପ୍ରଦୂଷଣ ନାମରେ ସାଧାରଣ ବ୍ୟକ୍ତିଙ୍କଠାରୁ ଆଦାୟ କରୁଥିବା ହଜାର ହଜାର ଜୋରିମାନା ଟଙ୍କା ସରକାର ତତ୍ କାଳ ବନ୍ଦ କରନ୍ତୁ, ନଚେତ୍ ଓଡ଼ିଶାର ରାଜରାସ୍ତାରେ ମନ୍ତ୍ରୀ ଓ ସଚିବଙ୍କୁ ଚାଲିବାକୁ ଦିଆଯିବନାହିଁ ବୋଲି ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମ.ଡ଼ି ମନୱର ଅଲ୍ଲୀ କହିଛନ୍ତି । ସରକାର ଗୋଟିଏ ପଟେ ଜମି, ଖଣି, ଜଳ, ଜଙ୍ଗଲ ଇତ୍ୟାଦିକୁ ନଷ୍ଟ କରୁଥିବା ଖଣି କମ୍ପାନୀମାନଙ୍କଠାରୁ ସୁପ୍ରିମକୋର୍ଟ ଦେଇଥିବା ଆଦେଶକୁ କାର୍ଯ୍ୟକାରୀ କରି ତାଙ୍କ ଉପରେ ବାକିଥିବା ୩,୯୬୬ କୋଟି ଟଙ୍କା ଆଦାୟ କରିପାରୁନାହାନ୍ତି । ୪୨ ଶିଳ୍ପ କରିଥିବା କଂପାନୀମାନଙ୍କ ଠାରୁ ୩,୯୭୭ କୋଟି ଟଙ୍କା ଜଳକର ଆଦାୟ କରିପାରୁନାହାନ୍ତି । ସେହିପରି ଖଣି କମ୍ପାନୀ ଉପରେ ଖଣିଜ ଦ୍ରବ୍ୟ ଉତ୍ତୋଳନ ପାଇଁ ଚୁକ୍ତି ଖିଲାପ ଅଭିଯୋଗରେ ୫ ବର୍ଷରେ ପଡ଼ିଥିବା ୪୧ ହଜାର ୫୬୮ କୋଟି ୧୨ ଲକ୍ଷ ୬୨ ହଜାର ୪୭୪ ଟଙ୍କା ଆଦାୟ କରିବାର ସତସାହାସ ସରକାରଙ୍କର ନଥିବା ବେଳେ ଭୋଟଦେଇ ସରକାର ଗଢ଼ିଥିବା ସାଧାରଣ ବ୍ୟକ୍ତି ଉପରେ ନାଲିଆଖି କାହିଁକି ବୋଲି ଶ୍ରୀ ଅଲ୍ଲୀ ପ୍ରଶ୍ନ କରିଥିଲେ ।

## ସଦର ମହକୁମାକୁ ମୁଖ୍ୟମନ୍ତ୍ରୀ ବସ୍ ସେବାକୁ ବିରୋଧ

# ୨୪ରୁ କଟକକୁ ଗଡ଼ିବ ନାହିଁ ଘରୋଇ ବସ୍

କଟକ,୧୭ ।୧(ସମିସ): ଗ୍ରାମାଞ୍ଚଳ ତଥା ବ୍ଲକ୍‌ରୁ ସଦର ମହକୁମାକୁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳକୁ ତୀବ୍ର ବିରୋଧ କରିଛି ଓଡ଼ିଶା ଘରୋଇ ବସ୍ ମାଲିକ ସଂଘ । କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ପରେ କଟକରେ ଏହି ବସ୍ ସେବା ସଦର ମହକୁମାକୁ ସମ୍ପ୍ରସାରିତ ହେବା ଦୁର୍ଭାଗ୍ୟଜନକ ବୋଲି ସଂଘ କହିଛି । ଆସନ୍ତା ୨୩ ତାରିଖ ସୁଦ୍ଧା ସଦର ମହକୁମାକୁ ମୁଖ୍ୟମନ୍ତ୍ରୀ ବସ୍ ସେବା ବନ୍ଦ କରାନଗଲେ, ୨୪ତାରିଖରୁ କଟକକୁ କୌଣସି ଘରୋଇ ବସ୍ ଗଡ଼ିବ ନାହିଁ ବୋଲି ସଂଘ ଚେତାବନୀ ଦେଇଛି । ରାଜ୍ୟ ସରକାରଙ୍କ 'ମୁଖ୍ୟମନ୍ତ୍ରୀ ବସ୍ ସେବା'ର ରୁଟ୍ ବିସ୍ତାରକୁ ବିରୋଧ କରି ଏହି ଆନ୍ଦୋଳନ ପାଇଁ ଡାକରା ଦିଆଯାଇଛି ।

ଶନିବାର ଓଡ଼ିଶା ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ୮ଟି ଜିଲ୍ଲାର ୧୮ଟି ବସ୍ ସଂଘର ସଦସ୍ୟମାନେ ଯୋଗ ଦେଇଥିଲେ । ସଂଘ ପକ୍ଷରୁ ସରକାରଙ୍କୁ ଏକ ଚରମ ସମୟସୀମା ଦିଆଯାଇଛି । ଜାନୁଆରୀ ୨୩ ସୁଦ୍ଧା ସରକାର ଯଦି ପଞ୍ଚାୟତରୁ ଜିଲ୍ଲା ମୁଖ୍ୟାଳୟ ପର୍ଯ୍ୟନ୍ତ ଚାଲୁଥିବା ମୁଖ୍ୟମନ୍ତ୍ରୀ ବସ୍ ସେବାକୁ ବନ୍ଦ ନ କରନ୍ତି, ତେବେ ଆନ୍ଦୋଳନ ଜୋରଦାର ହେବ । ପ୍ରତିବାଦ ସ୍ୱରୂପ, ଜାନୁଆରୀ ୨୪ରୁ ସମଗ୍ର କଟକ ଜିଲ୍ଲାରେ ଘରୋଇ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ନିଷ୍ପତ୍ତି ହୋଇଛି । ଏହା ବାଦ୍ ଯଦି ସରକାର ପଦକ୍ଷେପ ନନିଅନ୍ତି, ତାହେଲେ ସମଗ୍ର ରାଜ୍ୟରେ ଘରୋଇ ବସ ସେବା ବନ୍ଦ କରି ଦିଆଯିବ ବୋଲି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି ।

ପ୍ରକାଶଥାଉକି, ପୂର୍ବର ଲକ୍ଷ୍ମୀ ବସ୍ (ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ବସ ସେବା)କୁ ଜିଲ୍ଲା ସଦର ମହକୁମାକୁ ଚଳାଚଳକୁ ବିରୋଧ କରାଯିବା ଫଳରେ ତତ୍କାଳୀନ ସରକାର ଏହାକୁ ସ୍ଥଗିତ ରଖିଥିଲେ । ପୂର୍ବରୁ କେବଳ ପଞ୍ଚାୟତରୁ ବ୍ଲକ୍ ମୁଖ୍ୟାଳୟ ପର୍ଯ୍ୟନ୍ତ ସୀମିତ ଥିଲା । କିନ୍ତୁ, ବର୍ତ୍ତମାନ ଏହି ବସ୍‌ଗୁଡ଼ିକ ଜିଲ୍ଲା ମୁଖ୍ୟାଳୟ ସମେତ ଅନ୍ୟାନ୍ୟ ପ୍ରମୁଖ ରୁଟ୍‌ରେ ଚାଲୁଛି, ଯାହା ଘରୋଇ ବସ୍ ମାଲିକଙ୍କ ବ୍ୟବସାୟକୁ ଗଭୀର ଭାବେ ପ୍ରଭାବିତ କରୁଛି । ବିଶେଷକରି, ସରକାରୀ ବସ୍‌ରେ ମାତ୍ର ୫ଟଙ୍କା ଭଡ଼ା ରହିଥିବାରୁ ଘରୋଇ ବସ୍‌ଗୁଡ଼ିକ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି ବୋଲି ସଂଘ ଅଭିଯୋଗ କରିଛି ।






## ଅଖିଳେଶଙ୍କ ସ୍ୱାସ୍ଥ୍ୟ ମନ୍ତ୍ର

# ସାମଗ୍ରିକ ସ୍ୱାସ୍ଥ୍ୟ ସେବା ସ୍ଲୋଗାନ ନୁହେଁ; କାର୍ଯ୍ୟକ୍ରମ ହେଉ

ଭୁବନେଶ୍ୱର,୧୭।୧(ସମିସ): ସୁସ୍ଥ ଜନସଂଖ୍ୟା ହେଉଛି ଜାତୀୟ ଉନ୍ନତିର ମୂଳ ଇଂଜିନ । ଓଡ଼ିଶା ସମେତ ସାରା ଭାରତ ବର୍ଷରେ ଲୋକମାନଙ୍କ ପାଇଁ ସାମଗ୍ରିକ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ଭାବେ ଉପଲବ୍ଧ ହେବା ଆବଶ୍ୟକ । ଏହା ଏକ ସ୍ଲୋଗାନ ନ ହୋଇ କାର୍ଯ୍ୟକ୍ରମରେ ପରିଣତ ହେବା ଉଚିତ ବୋଲି ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି ।

ଭୁବନେଶ୍ୱରରେ ଶନିବାର ଆୟୋଜିତ ଭିଜନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଯୋଗଦେଇ ଅଖିଳେଶ କହିଥିଲେ ଯେ 'ପ୍ଲାନ୍ ଡେଭ୍‌ଲପମେଣ୍ଟ ଏବଂ ଆସେଣ୍ଟ' ମନ୍ତ୍ରକୁ ଆଧାର କରି ସମସ୍ତେ କାର୍ଯ୍ୟ କରିବା ଉଚିତ । ଭାରତରେ ବୃଦ୍ଧି ପାଉଥିବା ଜନସଂଖ୍ୟା ଓ ତାହା ସହ ସଂପୃକ୍ତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି, ସ୍ୱାସ୍ଥ୍ୟ ଓ ସୁସ୍ଥତାର ସମ୍ପୂର୍ଣ୍ଣ ଆକାର ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି । କେବଳ "ସ୍ୱାସ୍ଥ୍ୟ" ନୁହେଁ; ସାମଗ୍ରିକ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆଲୋଚନା କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଯାଦବ କହିଛନ୍ତି ।

କାର୍ଯ୍ୟକ୍ରମରେ ଯୋଗଦେଇ ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ଆଲୋକ ରଞ୍ଜନ କହିଥିଲେ, ସମାଜର ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ଶ୍ରୀ ଯାଦବ ଇଚ୍ଛାଧୀନ ବଜେଟ୍ ବ୍ୟବହାର କରିଥିଲେ ।



ସମାଜବାଦୀ ପାର୍ଟି ସରକାର ଅଧୀନରେ ଆମ୍ବୁଲାନ୍ସ ସେବା ଗୋଟିଏ କ୍ରାନ୍ତିକାରୀ ପଦକ୍ଷେପ ଥିଲା । କାର୍ଯ୍ୟକ୍ରମର ପ୍ରଥମ ଭାଗରେ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦକ୍ଷତାସମ୍ପନ୍ନ ବ୍ୟକ୍ତିତ୍ୱ ନିଜ ମତ ରଖିଥିଲେ । ପ୍ରସିଦ୍ଧ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା ଆଲ୍କା ଦାହିୟା, ଡା. ପଙ୍କଜ ଭାରତୀ, ଶିଶୁ ରୋଗ ବିଶେଷଜ୍ଞ ଡା. ଆଶୁତୋଷ ବର୍ମା, ସ୍ୱାସ୍ଥ୍ୟ ଓ ଚିକିତ୍ସା କ୍ଷେତ୍ରର ଶିକ୍ଷକ ରାଜୀବ ରାୟ ପ୍ରମୁଖ ନିଜର ମତ ରଖିଥିଲେ । ସାଂସଦ ଡା. ରାଜୀବ ରାୟଙ୍କ ଆହ୍ୱାନରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ବେଳେ ଉତ୍ତର ପ୍ରଦେଶର ପୂର୍ବତନ ମନ୍ତ୍ରୀ ଅଭିଷେକ ମିଶ୍ରଙ୍କ ଦ୍ୱାରା ସଂଚାଳିତ ହୋଇଥିଲା । ଏହି ସମ୍ମେଳନରେ ବିଭିନ୍ନ ଶିଳ୍ପ କ୍ଷେତ୍ରର ବିଶେଷଜ୍ଞ ଓ ସମର୍ଥକମାନେ ଯୋଗଦେଇଥିଲେ ।

ଭିଜନ୍ ଇଣ୍ଡିଆ ସମ୍ମେଳନର ଉଦ୍ଦେଶ୍ୟ ହେଉଛି ଭାରତର ଉନ୍ନତି ପାଇଁ ପ୍ରଗତିଶୀଳ, ବ୍ୟବହାରିକ ଓ ସମାବେଶୀ ପଦକ୍ଷେପକୁ ପ୍ରୋତ୍ସାହନ ଦେବା । ସ୍ଥାନୀୟ ହୋଟେଲ ତାଜ୍ ବିଭାନ୍ତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଜେଡି ମହିଳା ନେତ୍ରୀ ସୁମିତ୍ରା ଜେନା, ସିପିଏମ ନେତ୍ରୀ କମ୍ରେଡ୍ ପୁଷ୍ପା, ସିପିଏମ୍‌ଏଲ୍ ନେତା ଯୁଧିଷ୍ଠିର ମହାପାତ୍ର, ଫରୱାଡର୍ ବ୍ଲକ ନେତା ଜ୍ୟୋତି ମହାପାତ୍ର ଓ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## ମହିଳା ନିର୍ଯାତନା ଓ ହିଂସାର ସମାଧାନ କରିବେ ମହିଳା

# ୧୦ଟି ଆକାଂକ୍ଷୀ ଜିଲ୍ଲାରେ 'ନାରୀ ଅଦାଲତ' ଶୁଭାରମ୍ଭ

ଭୁବନେଶ୍ୱର,୧୭ ।୧(ସମିସ): ମହିଳା ଅଧିକାର ସମ୍ପର୍କରେ ସଚେତନତାକୁ ସହଜ କରାଯିବା ସହ ତୃଣମୂଳ ସ୍ତରରେ ମଧ୍ୟସ୍ଥତା ମାଧ୍ୟମରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ବିବାଦର ତ୍ୱରିତ ସମାଧାନ କରାଯିବ । ଏହାଦ୍ୱାରା ଘରୋଇ ହିଂସା, ଯୌତୁକ, ଶିଶୁ ସୁରକ୍ଷା ଏବଂ ସମ୍ପତ୍ତି ଅଧିକାର ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ ଦୂର ହେବ । ଶନିବାର ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ବିଭିନ୍ନ ଯୋଜନା, ଅଭିଯାନ ଓ ପ୍ରକଳ୍ପ ସହ ୧୦ଟି ଜିଲ୍ଲାରେ ପାଇଲଟ୍ ପ୍ରକଳ୍ପ ଭାବେ 'ନାରୀ ଅଦାଲତ'ର ଶୁଭାରମ୍ଭ କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ମତବ୍ୟକ୍ତ କରିଛନ୍ତି ।

ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ନାରୀ ଅଦାଲତ ମାଧ୍ୟମରେ 'ନ୍ୟାୟ ସଖୀ' ନିଯୁକ୍ତି କରିବାର ପ୍ରକ୍ରିୟା ବାସ୍ତବ ରୂପ ନେଇଛି । 'ନାରୀ ଅଦାଲତ', ମଧ୍ୟସ୍ଥତା ଆଇନ ମାଧ୍ୟମରେ ପାରିବାରିକ ଓ ଦେୱାନୀ ମାମଲାର ସହଜ ସମାଧାନ



### ବିବାଦ ସମାଧାନ ପାଇଁ ନିଯୁକ୍ତ ହେବେ 'ନ୍ୟାୟ ସଖୀ'

ସହ ଏକ ଭେଦଭାବମୁକ୍ତ ମହିଳା-କୈନ୍ଦ୍ରିକ ସମାଜ ଗଠନ ହୋଇପାରିବ । ଏହି ଅଦାଲତରେ ଜୁଡିସିଆଲ ଅଫିସର, ପ୍ରୋସିକ୍ୟୁଟିଂ ଅଫିସର, କିରାଣି ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ କେବଳ ମହିଳା ରହିବେ । ଗାଁଗହଳିରେ ମହିଳାମାନଙ୍କ ଅଧ୍ୟକ୍ଷତାରେ ଅଦାଲତ ବସିବ । ସାଧାରଣତଃ ଘରୋଇ ହିଂସା, ଯୌତୁକ ନିର୍ଯାତନା, ପରକୀୟା ପ୍ରୀତି ଆଦି ସମସ୍ୟାକୁ ନେଇ ଥାନା କିମ୍ବା କୋର୍ଟକୁ ଭାରାକ୍ରାନ୍ତ ନ କରି ଗାଁ ମଧ୍ୟରେ ଏହାର ସମାଧାନ କରାଯିବ । ଆଗାମୀ ଦିନରେ ସାରା ରାଜ୍ୟରେ ଏହି ଅଭିଯାନ ବ୍ୟାପକ କରାଯିବାକୁ ପ୍ରୟାସ କରାଯିବ । ତାଲୁକା ଆଇନ ସେବା ପ୍ରାଧିକରଣର ସହଯୋଗରେ ମହିଳାମାନଙ୍କୁ ନ୍ୟାୟିକ କ୍ଷମତା ପ୍ରଦାନ କରିବା ଏବଂ ଏହି ଉଦ୍ୟମକୁ ସ୍ୱଚ୍ଛ ଓ ଫଳପ୍ରଦ କରିବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆହ୍ୱାନ ଦେଇଥିଲେ ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା 'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନ ଅନ୍ତର୍ଗତ ସପ୍ତାହବ୍ୟାପୀ ଜାତୀୟ କନ୍ୟା ସନ୍ତାନ ଦିବସ-୨୦୨୬ର ମଧ୍ୟ ଶୁଭାରମ୍ଭ କରିଥିଲେ । ଏହାସହ କେନ୍ଦ୍ରୀୟ ପ୍ରାୟୋଜିତ 'ପାଳନା' (ଅଙ୍ଗନୱାଡି-କମ୍-କ୍ରେଚ୍) ଯୋଜନାର କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀ ଉନ୍ମୋଚିତ ହୋଇଥିଲା । ସେହିପରି ୨.୪୯ କୋଟି ଟଙ୍କା ବ୍ୟୟରେ ଯାଜପୁରରେ ନିର୍ମିତ ଉତ୍କଳ ବାଳାଶ୍ରମର ୧୦୦ ଶଯ୍ୟା ବିଶିଷ୍ଟ ନୂତନ କୋଠାକୁ ଆଭାସୀ ମାଧ୍ୟମରେ ଉଦଘାଟନ କରାଯାଇଛି । ଏଥିସହ ଖୋର୍ଦ୍ଧା ଏବଂ ଗଜପତି ଜିଲ୍ଲାରେ ଦୁଇଟି ସମନ୍ୱିତ ବାତ୍ସଲ୍ୟ ସଦନ ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

## ଦିଗ ହରାଉଛି ଖାଦ୍ୟ ସୁରକ୍ଷା ଯୋଜନା

# ୩ ମାସର ପିଡିଏସ୍ ଚାଉଳ ପାଇନାହାନ୍ତି ହିତାଧିକାରୀ

ଥୁଆମୂଳରାମପୁର, ୧୭ ।୧(ସମିସ)



ଦେଶରେ କୌଣସି ଲୋକ ଯେମିତି ଭୋକରେ ନରହିବେ ସେଥିପାଇଁ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ ହେଉଛି । ଯେଉଁଠି ଗରିବ ଶ୍ରେଣୀର ପ୍ରତ୍ୟେକ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ପ୍ରତି ମାସ ପିଡିଏସ୍ ଚାଉଳ, ଗହମ, କିରୋସିନ ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇବାର ବ୍ୟବସ୍ଥା କରାଯାଇଛି । ଯାହା ଯୋଗାଣ ବିଭାଗ ଦ୍ୱାରା ପରିଚାଳନା କରାଯାଉଛି ।ଏକ ଶୃଙ୍ଖଳିତ ବ୍ୟବସ୍ଥା ମଧ୍ୟରେ ପ୍ରତି ପଞ୍ଚାୟତରେ ଯୋଗାଣ ବିଭାଗ ଦ୍ୱାରା ଯୋଗାଣ ସହାୟକ ମାଧ୍ୟମରେ ବଣ୍ଟନ ବ୍ୟବସ୍ଥା ହୋଇଛି । କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ବଡଛତ୍ରଙ୍ଗ ପଞ୍ଚାୟତ ଚମ୍ପାଚୁଆ ଗ୍ରାମର ହିତାଧିକାରୀଙ୍କୁ ୩ମାସର ପିଡିଏସ୍ ଚାଉଳ ମିଳିନି ।ଥୁଆମୂଳରାମପୁର ବ୍ଲକ ସମସ୍ତ ପଞ୍ଚାୟତର ଗରିବ ହିତାଧିକାରଙ୍କ ପାଇଁ ଚାଉଳ ୩ମାସର ଚାଉଳ ଯୋଗାଇ ଦିଆଯାଇଥିଲା । ଜାନୁଆରୀ, ଫେବୃଆରୀ ଓ ମାର୍ଚ୍ଚ ୩ ମାସ ପାଇଁ ଯୋଗାଣ ବ୍ୟବସ୍ଥା ହୋଇଥିଲା । ହେଲେ ବ୍ଲକର ବଡଛତ୍ରଙ୍ଗ ପଞ୍ଚାୟତର ଚମ୍ପାଚୁଆ ଗାଁର ହିତାଧିକାରୀମାନେ ପିଡିଏସ୍ ଚାଉଳ ପାଇନାହାଁନ୍ତି । ଏନେଇ ଥୁଆମୂଳ ରାମପୁର ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ଗାଁର ଗରିବ ହିତାଧିକାରୀ । ସୂଚନା ମୁତାବକ ଚମ୍ପାଚୁଆ ଗାଁର ଶତାଧିକ ହିତାଧିକାରୀ ଶନିବାର ଥୁଆମୂଳରାମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପହଞ୍ଚି ଦାବି ଉପସ୍ଥାପନ କରିଛନ୍ତି ।ଏହି ଅଭିଯୋଗ ଉପରେ ସ୍ଥାନୀୟ ବ୍ଲକ ଯୋଗାଣ ଅଧିକାରୀ ବିଭୁରଞ୍ଜନ ସାହୁ ଏହାର ତଦନ୍ତ କରାଯିବ ଓ ଏପରି ଅବହେଳା ପାଇଁ ଦୃଢ଼ ପଦକ୍ଷେପ ନିଆଯିବା ସହିତ ଯେଉଁମାନେ ଚାଉଳ ପାଇନାହାନ୍ତି ସେମାନଙ୍କୁ ଚାଉଳ ଯୋଗାଇ ଦିଆଯିବ ବୋଲି କହିଛନ୍ତି । ହେଲେ ଏହା ଯୋଗାଣ ସହାୟକଙ୍କ ଅବହେଳା ନା ଚାଉଳ ହେରଫେର ହେଉଛି ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗରିବଙ୍କ

### ବିଡିଓଙ୍କ ଦ୍ୱାରସ୍ଥ ଚମ୍ପାଚୁଆବାସୀ

ପାଇଁ ସରକାର ଯୋଗାଉଛନ୍ତି ପିଡିଏସ୍ ଚାଉଳ । ହେଲେ ବିଭିନ୍ନ ସମୟରେ ଗରିବଙ୍କ ପାଇଁ ଆସୁଥିବା ଚାଉଳ ଭଳି ରାସନ ସାମଗ୍ରୀ କେଉଁଠି ବାଟମାରଣା ହେଉଛି ତ ପୁଣି କେଉଁଠି ହିତାଧିକାରୀଙ୍କୁ ବଣ୍ଟନ ପାଇଁ ଉଚିତ ଓଜନରେ ମଧ୍ୟ ହେରଫେରର ଅଭିଯୋଗ ଆସିଥାଏ । ବିଭିନ୍ନ ସ୍ଥାନରେ ଗରିବଙ୍କ ଦାନା ବାଟମାରଣା ହେଉଛି । ହେଲେ ବିଭାଗୀୟ ଅଧିକାରୀଙ୍କ ନିରବତା ଯୋଜନାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି ।

## ସୀମା ସୁରକ୍ଷା ବଳରେ ନୂଆପଡ଼ାର ମାଧୁରୀ



**ନୂଆପଡ଼ା, ୧୭ ।୧(ସମିସ):** ଦେଶର ସର୍ବୋଚ୍ଚ ସୀମା ସୁରକ୍ଷା ବଳ (ବିଏସ୍ଏଫ)ରେ ନୂଆପଡ଼ା ଭଳି ଉପାନ୍ତ ଗ୍ରାମ୍ୟସ୍ତରର ଜଣେ ଅବହେଳିତ ଝିଅ ଚାକିରି ପାଇବାରେ ସଫଳ ହୋଇଛନ୍ତି । ଜିଲ୍ଲା ସଦର ମହକୁମା କୋଦୋମେରୀ ଗାଁର ବାପା ମାଆ ଛେଉଣ୍ଡ ମାଧୁରୀ ରାଉତ ସଦ୍ୟ ପ୍ରକାଶିତ ବିଏସ୍ଏଫ ରେଜେଲ୍ଟରେ ନିଜ ନାମ ଦାଖଲ କରି ପାରିଛନ୍ତି । ଆଜି ପର୍ଯ୍ୟନ୍ତ ନୂଆପଡ଼ା ଜିଲ୍ଲାରୁ କୌଣସି ଝିଅ ସୀମା ସୁରକ୍ଷା ବଳରେ ଚାକିରି କରିନାହାନ୍ତି । ମାଧୁରୀଙ୍କ ସଫଳତା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି । ମାଧୁରୀ ଜଣେ ରାଜ୍ୟ ସ୍ତରୀୟ କବାଡି ଖେଳାଳି । ସ୍ଥାନୀୟ କୋଦୋମେରୀ ସ୍କୁଲରେ ପ୍ରାଥମିକ ଏବଂ ହାଇସ୍କୁଲସ୍ତରୀୟ ଶିକ୍ଷା ଗ୍ରହଣ ପରେ ବର୍ତ୍ତମାନ ନୂଆପଡ଼ା ନ୍ୟାସନାଲ କଲେଜରେ ବାଣିଜ୍ୟରେ ସ୍ନାତକ ପାଠ ପଢୁଛନ୍ତି । ପ୍ରକାଶ ଯେ ବହୁତ ଛୋଟ ବେଳୁ ଅଜଣା ରୋଗରେ ବାପା ମାଆଙ୍କୁ ହରାଇ ନିଜ ଅଜା ଆଇଙ୍କ କୋଳରେ ବଢ଼ିଛନ୍ତି । ଛୋଟ ବେଳୁ ସୁରକ୍ଷା ବଳରେ ଯୋଗ ଦେଇ ଦେଶ ମାତୃକାର ସେବା କରିବେ ବୋଲି ସ୍ୱପ୍ନ ଦେଖିଥିବା କହିଛନ୍ତି ମାଧୁରୀ ।


### ● କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

# ଦେଶର ଅଗ୍ରଣୀ କୃଷି ଜିଲ୍ଲାରେ ରୂପାନ୍ତରିତ କରିବାକୁ ଆହ୍ୱାନ



**ନୂଆପଡ଼ା, ୧୭ ।୧(ସମିସ):** ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ନୂଆପଡ଼ାରେ ପାଞ୍ଚ ଦିନିଆ ଜିଲ୍ଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଶନିବାର ଉଦଘାଟିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୁଦନ ଦାଶ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପୂର୍ବତନ ସାଂସଦ ତଥା ପୂର୍ବତନ ବିଧାୟକ ବସନ୍ତ ପଣ୍ଡା, ସାଂସଦଙ୍କ ପ୍ରତିନିଧି ତଥା ବିଶିଷ୍ଟ କୃଷକ ନେତା ଯଦୁମଣି ପାଣିଗ୍ରାହୀ, ନୂଆପଡ଼ା ବିଧାୟକଙ୍କ ପ୍ରତିନିଧି ରାମଲାଲ ହଂସ, ଜିଲ୍ଲା ପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝୀ, କଳାହାଣ୍ଡି କୃଷି ବିଭାଗ ନିର୍ବାହୀ ଯନ୍ତ୍ରୀ ଅଜୟ ମାରାଣ୍ଡି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ପ୍ରମୁଖ ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ । ମୁଖ୍ୟ କୃଷି ଅଧିକାରୀ ଶ୍ରୀ ନାୟକ ସମସ୍ତଙ୍କୁ ସ୍ୱାଗତ କରି ନିଜ ବିଭାଗର ସଫଳତା ଏବଂ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ । ଅଭିଭାଷଣରେ ଜିଲ୍ଲାପାଳ କହିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପନିର୍ବାଚନ ପୂର୍ବରୁ ନୂଆପଡ଼ା ଗସ୍ତରେ ଆସି ୧୧୦୦କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ । ସେଥିମଧ୍ୟରୁ ୮ ୯୨କୋଟି ଟଙ୍କା କେବଳ ଜଳସେଚନ ପ୍ରକଳ୍ପ ପାଇଁ ରହିଛି । ଏହି ସବୁ ପ୍ରକଳ୍ପ ଆରମ୍ଭ ହେଲେ ଜିଲ୍ଲାର କୃଷକ ବହୁ ଭାବରେ ଉପକୃତ ହେବେ । କିଛି ଦିନ ପୂର୍ବରୁ ଉନ୍ନୟନ କମିଶନର ସବୁ ପ୍ରକଳ୍ପର ସମୀକ୍ଷା କରିଥିଲେ । ନିମନ୍ତ୍ରିତ ସମସ୍ତ ଅତିଥି କୃଷକଙ୍କ ସମାଜ ପ୍ରତି ମହତ ଅବଦାନକୁ ସ୍ୱୀକାର କରି ସେମାନଙ୍କ କିଭଳି ଆର୍ଥିକ ଉନ୍ନତି ହୋଇ ପାରିବ ବକ୍ତବ୍ୟ ରଖିଥିଲେ ।ଏହି ଅବସରରେ ସଫଳ କୃଷକ ଓ କୃଷି ଉଦ୍ୟୋଗୀ ରାମବତୀ ମାଝି, କୁମାରୀ ସୁନୀତା, ସବିତା ଜାଲ, ପଦ୍ମିନୀ ଶବର, ଡାଳିମ୍ବ ରଣା, ଗୀତାଞ୍ଜଳି ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମେଳାରେ କୃଷି ଓ ଆନୁଷଙ୍ଗିକ ବିଭାଗର ୪୦ ଟି ଷ୍ଟଲ ସ୍ଥାନ ପାଇଛି । ମେଳା ସହିତ ଶ୍ରୀ ଅନ୍ନ ମହୋତ୍ସବ ଅନୁଷ୍ଠିତ ହୋଇଛି । ମିଲେଟରେ ପ୍ରସ୍ତୁତ କ୍ଷୀରି ଓ ଅନ୍ୟାନ୍ୟ ମିଠା ପ୍ରଦାନ କରାଯାଉଛି । ଏହି ମେଳା ଅବସରରେ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ । ମେଳାରେ ଜିଲ୍ଲାର ସଫଳ କୃଷକମାନଙ୍କ ସଫଳତାର କାହାଣୀ ଉପରେ ଆଧାରିତ ନାଟକ ମାଧ୍ୟମରେ ପ୍ରଦର୍ଶନ କରିବା ପାଇଁ ମଧ୍ୟ ଯୋଜନା କରାଯାଇଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୂଚନା ଦେଇଛନ୍ତି ।

# ସିନାପାଲିକୁ ବିଧାନସଭା କ୍ଷେତ୍ର ଘୋଷଣା ପାଇଁ ଦାବି




**ସିନାପାଲି, ୧୭ ।୧(ସମିସ):** ଓଡ଼ିଶା ବିଧାନ ସଭାର ସଭ୍ୟ ସଂଖ୍ୟା ଅଭିବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ପ୍ରଦାନ କରିଥିବା ବେଳେ ନୂଆପଡ଼ା ଜିଲ୍ଲା ସିନାପାଲିକୁ ଏକ ବିଧାନସଭା କ୍ଷେତ୍ର ଘୋଷଣା କରିବା ପାଇଁ ଜନ ସାଧାରଣରେ ଦାବି ହେଉଛି । ନୂଆପଡ଼ା ଜିଲ୍ଲାର ଶେଷ ତଥା ଛତିଶଗଡ଼ ସୀମାରେ ଅବସ୍ଥିତ ଏହି ଅଞ୍ଚଳ ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ବିକାଶ ଧାରା ଅଧୁରା ଅବସ୍ଥାରେ ରହିଛି । ବର୍ତ୍ତମାନ ସୁଦ୍ଧା ଏହି ଅଞ୍ଚଳରୁ କାହାକୁ ମଧ୍ୟ ବିଧାନ ସଭାରେ ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳି ନାହିଁ । ପୂର୍ବରୁ ସିନାପାଲି ବ୍ଲକର ଅର୍ଦ୍ଧେକ ଅଞ୍ଚଳ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ଓ ଅର୍ଦ୍ଧେକ ଅଞ୍ଚଳ ଖଡିଆଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରହିଥିଲା । ୨୦୦୯ ରେ ସିମା ନିର୍ଦ୍ଧାରଣ ପରେ ଏହି ଅଞ୍ଚଳ ବର୍ତ୍ତମାନ କେବଳ ଖଡିଆଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅଛି । ସିନାପାଲି ବ୍ଲକରେ ବର୍ତ୍ତମାନ ୨୭ଟି ପଞ୍ଚାୟତ ରହିଥିବା ବେଳେ ଏହାର ଜନସଂଖ୍ୟା ପ୍ରାୟ ଦୁଇ ଲକ୍ଷ ହୋଇ ସାରିଛି । ଏହି ବ୍ଲକ ସହିତ ସଂଲଗ୍ନ ଥିବା ବୋଡ଼େନ ବ୍ଲକକୁ ମିଶାଇ ଏକ ବିଧାନ ସଭାର କ୍ଷେତ୍ର ପ୍ରତିଷ୍ଠା ହେଲେ ଅଞ୍ଚଳର ବିକାଶ ହୋଇ ପାରିବ ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି । ଉଭୟ ସିନାପାଲି ଓ ବୋଡ଼େନ ବ୍ଲକ ବର୍ତ୍ତମାନ ବି ଅନେକ ଆଶା ଓ ଆକାଂକ୍ଷା ନେଇ ବିକାଶକୁ ଚାହିଁ ରହିଛି ।ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ ଓ ଜଳସେଚନ ବ୍ୟବସ୍ଥାର କିଛିଟା ଅଗ୍ରଗତି ଘଟି ଥିବା ବେଳେ ଆହୁରି ଅନେକ ବାକି ରହିଛି ।ଏହି ଅଞ୍ଚଳକୁ ନେଇ ବିଧାନ ସଭା କ୍ଷେତ୍ର ପ୍ରତିଷ୍ଠା ହେଲେ ଅଞ୍ଚଳର ଜନସାଧାରଣ ନେତୃତ୍ୱ ନେବାର ସୁଯୋଗ ପାଇବା ସହିତ ଅଞ୍ଚଳର ବିକାଶ ତ୍ୱରାନ୍ୱିତ ହୋଇ ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏହି ଅଞ୍ଚଳ ଏକ ଆଦିବାସୀ ଅଧୁଷିତ ଅଞ୍ଚଳ ହୋଇଥିବା ବେଳେ ଆଜିବି ଅନେକ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ରହି ଜୀବନ ଯାପନ କରୁଛନ୍ତି । ଅଞ୍ଚଳର ଶହ ଶହ ଲୋକ ଭିଟାମାଟି ଛାଡ଼ି ବାହାର ରାଜ୍ୟ କୁ ଦାଦନ ଖଟିବାକୁ ଯାଉଛନ୍ତି । ଅଞ୍ଚଳରେ କୌଣସି କଳକାରଖାନା କିମ୍ବା ରୋଜଗାରର କୌଣସି ମାଧ୍ୟମ ନ ଥିବାରୁ ଲୋକେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସେହିପରି ଏହି ଅଞ୍ଚଳରେ ଯେତିକି ବିକାଶ ହେବା କଥା ପ୍ରତିନିଧିତ୍ୱ ନ ଥିବାରୁ ଅନେକ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରିନାହିଁ । ବିଜେଡି ଶାସନ କାଳରେ ଯେତିକି ବିକାଶ ହୋଇଛି ତାହା ପୂର୍ବେ ହୋଇ ନ ଥିବା ବେଳେ ବର୍ତ୍ତମାନ ଶାସନରେ ଥିବା ବିଜେପି ସରକାର ଅମଳରେ ହେବ ନା ନାହିଁ ତାକୁ ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି ଅଞ୍ଚଳବାସୀ । ଅଞ୍ଚଳର ବିକାଶଧାରାକୁ ଆଗକୁ ନେବାକୁ ହେଲେ ଏକ ବିଧାନସଭା କ୍ଷେତ୍ରର ଆବଶ୍ୟକତା ଜରୁରୀ ବୋଲି ଜନସାଧାରଣ ତଥା ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ଧନଞ୍ଜୟଙ୍କୁ ଚାଷ ଦେଇଛି ନୂଆ ପରିଚୟ

### ● ଯବାନ ଚାକିରି ଛାଡ଼ି ଚାଷରେ ମନୋନିବେଶ
### ● ବାର୍ଷିକ ୨୫ ଲକ୍ଷ ଆୟ ସହ ୪୦ଜଣଙ୍କୁ ଦେଇଛନ୍ତି ରୋଜଗାର

**ଗୋଲାମୁଣ୍ଡା, ୧୭ ।୧(ସମିସ):** କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକର ପ୍ରକୃତି ପ୍ରେମୀ ତଥା ଚାଷୀ ଧନଞ୍ଜୟ ନାଏକ ୨ଏକର ଜମିରେ ଜଙ୍ଗଲ ସୃଷ୍ଟି କରିଥିବା ବେଳେ ପନିପରିବା ଚାଷ ଦେଇଛି ତାଙ୍କୁ ନୂଆ ପରିଚୟ । ବର୍ଷକୁ ୨୫ ଲକ୍ଷ ଟଙ୍କା ଆୟ କରୁଥିବା ବେଳେ ୪୦ ଜଣଙ୍କୁ ରୋଜଗାର ଦେଇ ପଛୁଆ ବ୍ଲକର ଆଗୁଆ ଚାଷୀ ଭାବେ ସୃଷ୍ଟି କରିଛନ୍ତି ନିଜର ସ୍ୱତନ୍ତ୍ର ପରିଚୟ ।



ଗୋଲାମୁଣ୍ଡା ବ୍ଲକ ଧାମନପୁର ଗ୍ରାମର ଚାଷୀ ଧନଞ୍ଜୟ ନାଏକ ୨୦୦୨ ମସିହାରେ ଆଇଆରବି ଯବାନ ଭାବେ ଯୋଗ ଦେଇଥିଲେ । ୭ ଦିନ ଆଇଆରବି ଯବାନ ଟ୍ରେନିଂ କରିବା ପରେ ଆଉ ଚାକିରି କରିବା ପାଇଁ ଇଚ୍ଛା ହେଲା ନାହିଁ । ସେ ଘର ମୁହାଁ ହୋଇ ଗାଁକୁ ଫେରି ଆସିଥିଲେ । ପରେ ଛୋଟ ଛୋଟ ଜାଗାରେ ଚାଷ ଆରମ୍ଭ କରିଥିଲେ । ସାନଚେର ଗାଁର ଚାଷୀ କୃଷ୍ଣଚନ୍ଦ୍ର ନାଗ ଡ୍ରିପ ମାଧ୍ୟମରେ ବୈଜ୍ଞାନିକ ପ୍ରଣାଳୀରେ ଚାଷ କରିଥିବା ନେଇ ଦେଖିବାକୁ ପାଇଥିଲେ ଧନଞ୍ଜୟ ସେଠାରୁ ଶିଖି ଗତ ୨୦୧୨ ମସିହାରେ ପ୍ରଥମେ ୨୫ ଡ଼ିସିମିଲ ଜମିରେ ଲଙ୍କା ଚାଷ କରିଥିଲେ । ସେଥିରେ ୨ ଲକ୍ଷ ୨୫ ହଜାର ଟଙ୍କା ଆୟ କରିଥିଲେ । ସେହିଦିନ ଠାରୁ ଆଉ ପଛକୁ ଫେରି ନାହାନ୍ତି । ବର୍ତ୍ତମାନ ୨୫ ଏକର ଜମିରେ ଟମାଟୋ, ବାଇଗଣ, ଫୁଲ କୋବି, କାକୁଡି, କଞ୍ଚାଲଙ୍କା ଚାଷ କରୁଛନ୍ତି । ଚାଷରେ ବାର୍ଷିକ ୨୫ ଲକ୍ଷ ଟଙ୍କା ଆୟ କରିବା ସହ ୪୦ ଜଣଙ୍କୁ ରୋଜଗାର ଦେଇଛନ୍ତି । ନିଜ କର୍ମକୁ ସଠିକ ଭାବେ ବିନିଯୋଗ କରି ଆଜି ଧନଞ୍ଜୟ ନାଏକ ପଛୁଆ ବ୍ଲକର ଆଗୁଆ ଚାଷୀ ଭାବେ କଳାହାଣ୍ଡି ଜିଲ୍ଲାରେ ସୃଷ୍ଟି କରିଛନ୍ତି ନିଜର ସ୍ୱତନ୍ତ୍ର ପରିଚୟ ।

## ବ୍ଲକ୍‌ସ୍ତରୀୟ ବନ୍ଦେ ମାତରଂ ସମୂହ ଗାନ କାର୍ଯ୍ୟକ୍ରମ



**ନୂଆପଡ଼ା, ୧୭ ।୧(ସମିସ):** ନୂଆପଡ଼ା ସରକାରୀ ବାଳିକା ହାଇସ୍କୁଲରେ ନୂଆପଡ଼ା ବ୍ଲକସ୍ତରୀୟ ବନ୍ଦେ ମାତରଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମରେ ବିଡ଼ିଓ ରୋହିତ ଭୋଇ ଅଧ୍ୟକ୍ଷତା କରିଥିବା ବେଳେ ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ମୁଖ୍ୟଅତିଥି, ବ୍ଲକ ଉପାଧ୍ୟକ୍ଷ ଦିଲିପ ନିର୍ମଳକର, ବିଇଓ ଗୀତାରାଣୀ ଯୋଷୀ, ଜିପିଡିଓ ଅବିନାଶ ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚୈତରାମ ନାଏକ, ଶରତ କୁମାର ପଣ୍ଡା, ମଧୁସୂଦନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।ଏହି ଅବସରରେ ବ୍ଲକର ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ହାଇସ୍କୁଲ, କଲେଜ ଗୁଡ଼ିକରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ବନ୍ଦେ ମାତରଂର ମହତ୍ୱ ଏବଂ ଗୁରୁତ୍ୱ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ । ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ, ଅତିଥି, ଅଧିକାରୀ ବନ୍ଦେ ମାତରଂ ସମୂହଗାନ କରିଥିଲେ । ଏହି ସଙ୍ଗୀତକୁ ବରିଷ୍ଠ ଶିକ୍ଷକ ରାମେଶ୍ୱର ଦାଶ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ସଂକର୍ଷଣ ପୁରୋହିତ ମଞ୍ଚ ପରିଚାଳନା କରିଥିବା ବେଳେ ଦେବେନ୍ଦ୍ର ମହାପାତ୍ର, ପ୍ରଶାନ୍ତ ନାଥ, ପ୍ରଶାନ୍ତ ରାଉତ, ଅମୀୟ ଜ୍ୟୋତି ପାଢ଼ୀ, ଅମିଲାଲ ଶବର, ରାଜେଶ ମହଲା ପ୍ରମୁଖ ସହଯୋଗ କରିଥିଲେ ।

## ହାରାମାଲ ହାଇସ୍କୁଲର କ୍ରୀଡ଼ା ପ୍ରତିଯୋଗିତା ଓ ବାର୍ଷିକ ଉତ୍ସବ

**କଲମପୁର, ୧୭ ।୧(ସମିସ):** କଲମପୁର ହାରାମାଲ ହାଇସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବୁଢାରଜା ମନ୍ଦିରରୁ ମଶାଲ ବାହାରି ପଞ୍ଚାୟତ ଖେଳ ପଡ଼ିଆରେ ସ୍ଥାପନ କରାଯିବା ପରେ ସମସ୍ତ ଅତିଥିଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ପଙ୍କଜ କୁମାର ଜେନାଙ୍କ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଧର୍ମଗଡ଼ ବିଧାୟକ ପ୍ରତିନିଧି ସୁଶାନ୍ତ ରାଉତ, ମୁଖ୍ୟବକ୍ତା ଭାବେ ଇନ୍ଦ୍ରାବତୀ ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ମାନସ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ କଲମପୁର ତହସିଲଦାର ସ୍ମରଣିକା ତୁଳ, ହାରାମାଲ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାଳୀକିଙ୍କର ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କ୍ଷେତ୍ରମୋହନ ମାଝୀ, ହାରାମାଲ ସରପଞ୍ଚ ସୁଶିଳା ଦୁର୍ଗା, ସମିତି ସଭ୍ୟା କରୁଣା ବାଗ ପ୍ରମୁଖ ଯୋଗଦାନ କରିଥିଲେ । ବାର୍ଷିକ କ୍ରୀଡାରେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ବିକାଶ କୁମାର ପଣ୍ଡା ଓ ସୁଧୀର କୁମାର ମୁଣ୍ଡ ଖେଳ ପରିଚାଳନା କରିଥିବା ବେଳେ ହାରାମାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ହାରାମାଲ ସରକାରୀ ପ୍ରାଥମିକ ବିଦ୍ୟାଳୟ, ବ୍ରାହ୍ମଣ କେନ୍ଦୁଗୁଡା ପ୍ରାଥମିକ ବିଦ୍ୟାଳୟ ଓ ବୋଦେଲବନ୍ଧ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତିନି ଦିନ ଧରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ ବାଳକ ବିଭାଗରୁ ନବମ ଶ୍ରେଣୀର ଛାତ୍ର ସୋମନାଥ ଶବର ଚମ୍ପିୟାନ ହୋଇଥିବା ବେଳେ ବାଳିକା ବିଭାଗରୁ ଦଶମ ଶ୍ରେଣୀର ଛାତ୍ରୀ ବିନୋଦିନୀ ରଣା ଚାମ୍ପିଅନ୍ ହୋଇଥିଲେ ।ପ୍ରତ୍ୟେକ ବିଭାଗରୁ ବିଜୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରଯାଇଥିଲା । ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନେକ ପ୍ରକାର ନୃତ୍ୟ, ସଙ୍ଗୀତ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ପ୍ରଭାତ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଦାଶରଥି ମହାପାତ୍ର, ଶିକ୍ଷୟିତ୍ରୀ ଅଞ୍ଜଳି ପଣ୍ଡା, କିଶୋର ଚନ୍ଦ୍ର ପ୍ରଧାନୀ, ମାର୍କଣ୍ଡ ଠାକୁର, ନକୁଳ ଶବର, ସୁକାନ୍ତ ପଣ୍ଡା, ମାନବି ରାନୀ ଭୋଇ, ପିଅନ ସୁଜନ ଶବର, ରୀନା ଶବର ପ୍ରମୁଖ ସହଯୋଗ କରିଥିଲେ ।

## ଶିକ୍ଷକଙ୍କୁ ଆକ୍ରମଣ ଘଟଣାରେ ଯୁବକ ଗିରଫ

**କୋକସରା, ୧୭ ।୧(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ଥାନା ବେହେରା ପଞ୍ଚାୟତ ପିପଲପଡ଼ା ଗାଁରେ ସ୍କୁଲ ଭିତରେ ପଶି ଜଣେ ଶିକ୍ଷକଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଯୁବକ ଭାସ୍କର ବାଗକୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଛି । ସୂଚନା ଅନୁସାରେ, ଗତକାଲି ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦେବା ସମୟରେ ଉକ୍ତ ସ୍କୁଲର ପାଚିକାଙ୍କ ସ୍ୱାମୀ ଭାସ୍କର ବିଦ୍ୟାଳୟକୁ ପଶି ଆସି ଶିକ୍ଷକ ରିଷିରାଜ ମେହେରକୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲା । ଶିକ୍ଷକଙ୍କୁ କୋକସରା ଥାନା ପୁଲିସ ଉଦ୍ଧାର କରିବା ସହିତ ଅଭିଯୁକ୍ତକୁ ଯୁବକ ଭାସ୍କରକୁ ମଧ୍ୟ ଥାନାରେ ଆଣି ପଚରାଉଚରା କରିଥିଲେ । କୋକସରା ଥାନାରେ ମାମଲା ରୁଜୁ ହୋଇଥିଲା । ଏହି ଘଟଣାରେ ଶନିବାର ଭାସ୍କର ବାଗକୁ ଗିରଫ କରି କୋକସରା ଥାନା ପୁଲିସ କୋର୍ଟ ଚାଲାଣ କରିଛି ।

## ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି



**କେସିଙ୍ଗା, ୧୭ ।୧(ସମିସ):** ୭୭ ତମ ସାଧାରଣତନ୍ତ୍ର ଦିବସ । କଳାହାଣ୍ଡି ଜିଲ୍ଲା କେସିଙ୍ଗା ଠାରେ ମଧ୍ୟ ଏନ୍ ଏ ସି ପକ୍ଷରୁ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଏନ୍ଏସି ସ୍ଥିତ ସଦଭାବନା ଗୃହ ଠାରେ ନଗରପାଳ ନୃପରାଜ ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କାର୍ଯ୍ୟକ୍ରମର ରୂପ ରେଖ ପ୍ରସ୍ତୁତ କରାଯାଇଥିଲା ।ଅନ୍ୟମାନଙ୍କ ଅଞ୍ଚଳର ବୁଦ୍ଧିଜିବୀ, ଗଣମାଧ୍ୟମ ପ୍ରତିନିଧି, ପୂର୍ବତନ ନଗରପାଳ ସରିତା ସିନ୍ଦୂର, ରାମ କୁମାର ଜୈନ, ବି ଚନ୍ଦ୍ରଶେଖର ଆଚାରୀ ସମସ୍ତ ୱାର୍ଡ କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ ।

## ଆଇନ ସଚେତନତା ଶିବିର



**କେସିଙ୍ଗା, ୧୭ ।୧(ସମିସ):** ତଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ ସରକାରୀ ଉଚ୍ଚ ବିଦ୍ୟାଳୟ ଚାଞ୍ଚେର ପରିସରରେ ବାଲ୍ୟବିବାହ ମୁକ୍ତ ଭାରତ ଗଠନ ବିଷୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ।ଅଧ୍ୟକ୍ଷା ତଥା ବିଚାରପତି ଦୀପ୍ତା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ଅଭିଯାନ ଉପରେ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ସମେତ ପ୍ରଧାନଶିକ୍ଷକ ଜୀତେନ୍ଦ୍ର କୁମାର ପ୍ରଧାନ, ବରିଷ୍ଠ ଆଇନଜୀବୀ ସୌମ୍ୟ ରଞ୍ଜନ ମିଶ୍ର, ଉତ୍କେଲା ଫାଣ୍ଡି ଅଧିକାରୀ ଅନୁପ କୁମାର ଶତପଥୀ, ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ଓ ଅଦାଲତ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ପ୍ରଧାନଶିକ୍ଷୟିତ୍ରୀଙ୍କ ଅବହେଳା ଅଭିଯୋଗ

# ସିନାପାଲି ହଷ୍ଟେଲରେ ଛାତ୍ରୀଙ୍କ ମୃତ୍ୟୁ

ସିନାପାଲି, ୧୭ ।୧(ସମିସ)

ନୂଆପଡ଼ା ଜିଲ୍ଲା ସିନାପାଲି ସଦରସ୍ଥିତ ୧ଶହ ଶଯ୍ୟା ବିଶିଷ୍ଟ ଅନୁସୂଚିତ ଜନଜାତି ଏସ୍‌ଟି ଛାତ୍ରୀ ନିବାସର ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି । ମୃତ ଛାତ୍ରୀଙ୍କ ପରିବାରଲୋକ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅବହେଳା ଯୋଗୁଁ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି ।ମୃତ ଛାତ୍ରୀ ସିନାପାଲି ବ୍ଲକ କରଣବାହାଲି ପଞ୍ଚାୟତ ଡଙ୍ଗରିଗୁଡା ଗ୍ରାମର ଗୟାଧର ମାଝିଙ୍କ ଝିଅ ପଦ୍ମିନୀ ମାଝି (୧୫) ବୋଲି ଜଣାପଡ଼ିଛି । ସେ ଛାତ୍ରୀ ନିବାସରେ ରହି ବାଳିକା ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ପଢୁଥିଲା । ଅଭିଯୋଗ ଅନୁସାରେ ଗତ ମଙ୍ଗଳବାର ଦିନ ଛାତ୍ରୀଙ୍କ ଦେହ ଅସୁସ୍ଥ ହୋଇପଡ଼ିଥିଲା । ସେଠୁ ପୁଣି ବୁଧବାର ଦିନ ଜ୍ୱର ଓ ଝାଡାବାନ୍ତି ହୋଇଥିଲା । ଅଧିକ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେଲା ପରେ ଛାତ୍ରୀ ନିବାସ କର୍ତ୍ତୃପକ୍ଷ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ । ପରିବାର ଲୋକଙ୍କୁ ରାତି ପ୍ରାୟ ୯ ଘଣ୍ଟା ସମୟ ବେଳେ ଖବର କରିଥିଲେ । ପରିବାର ଲୋକେ ଖବର ପାଇ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପହଞ୍ଚି ଝିଅର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବା ଦେଖିବାକୁ ପାଇଥିଲେ । ଝିଅର ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ । ହେଲେ ସେଠାରେ ମଧ୍ୟ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଜଟିଳ ହୋଇପଡ଼ିଥିବାରୁ ଡାକ୍ତର ବୁର୍ଲା ହସପିଟାଲକୁ ସ୍ଥାନାନ୍ତର କରିଥିଲେ । କିନ୍ତୁ ସେଠାରେ ଚିକିତ୍ସାଧିନ ବେଳେ ଗୁରୁବାର



ଫାଇଲ୍ ଫଟୋ

ବିଳମ୍ବିତ ରାତିରେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣା ପରେ ପରିବାରଲୋକ ପ୍ରଧାନଶିକ୍ଷୟିତ୍ରୀ ଶର୍ମିଳା ଶତପଥିଙ୍କ ଅବହେଳା ଯୋଗୁଁ ଝିଅର ଜୀବନ ଚାଲି ଯାଇଥିବା ଅଭିଯୋଗ କରିଛନ୍ତି ।

ଅନ୍ୟପଟେ ପ୍ରଧାନ ଶିକ୍ଷୟିତ୍ରୀ ଶତପଥିଙ୍କୁ ପଚାରିବାରୁ ମଙ୍ଗଳବାର ଦିନ ଜ୍ୱର କିମ୍ବା ଝାଡାବାନ୍ତି ହୋଇନଥିଲା । ବୁଧବାର ଦିନ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦୁର୍ବଳ ହୋଇଥିଲା । ତାଙ୍କୁ ତୁରନ୍ତ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଗଲା ଓ ପରିବାର ଲୋକଙ୍କୁ ଖବର ଦିଆଗଲା । ସେଠାରୁ ଜିଲ୍ଲା ଓ ବୁର୍ଲା ହସପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା ଏଥିରେ କୌଣସି ପ୍ରକାରର ଅବହେଳା ହୋଇନାହିଁ । ତାଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ ବୋଲି କହିଛନ୍ତି ।


ପ୍ରାପ୍ତ ଖବର ଅନୁସାରେ ଛାତ୍ରୀନିବାସ ରେ ୧୦୦ରୁ ଅଧିକ ଛାତ୍ରୀ ରହୁଥିବା ବେଳେ ଜଣେ ମେଟ୍ରନ ଓ ୨ଜଣ ସିସିଏ ହଷ୍ଟେଲ ଦାୟିତ୍ୱରେ ରହିଛନ୍ତି । ଏହି ଘଟଣା ପରେ ଶୁକ୍ରବାର ସନ୍ଧ୍ୟାରେ ସିନାପାଲି ଡବ୍ଲୁଇଓ ସମେତ ବିଭାଗୀୟ ଜିଲ୍ଲା ଅଧିକାରୀ ଛାତ୍ରୀଙ୍କ ପରିବାରଙ୍କୁ ଭେଟି ୨୦ହଜାରର ଚେକ୍ ରେଡକ୍ରସ ପାଣ୍ଠିରୁ ସହଯୋଗ କରିଛନ୍ତି । ଅଧିକାରୀ କହିଛନ୍ତି ଛାତ୍ରୀଙ୍କ ପରିବାରଲୋକ ପ୍ରଧାନଶିକ୍ଷୟିତ୍ରୀ ତଥା ଛାତ୍ରୀ ନିବାସର ଅବହେଳା ଯୋଗୁଁ ଝିଅର ଜୀବନ ଚାଲି ଯାଇଥିବା ଅଭିଯୋଗ କରିଥିଲେ । ଅଭିଯୋଗ ଶୁଣି ବିଭାଗୀୟ ଅଧିକାରୀ ତଦନ୍ତ କରାଯିବ ବୋଲି କହିଛନ୍ତି ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଯମୁନା ଦାଶ
(କବୟିତ୍ରୀ)
ଗ୍ରାମ - ଚୁକୁନା ଶାସନ, ଆନନ୍ଦପୁର, କେନ୍ଦୁଝର
ଆବିର୍ଭାବ - ୦୬.୦୧.୧୯୨୯
ତିରୋଧାନ - ୦୭.୦୧.୨୦୨୬
ଆଜି ତୁମ ଦ୍ୱାଦଶାହ ତିଥିରେ ଅମର ଆତ୍ମାର ସଦଗତି କାମନା କରୁଛୁ
ଇତି: ତୁମର ହତଭାଗ୍ୟ ପରିବାର ଓ ଆତ୍ମୀୟସ୍ୱଜନ

## ପୁସ୍ତକ 'ୱାନ୍ ଇୟର ମେନି ଲେସନ୍' ଉନ୍ମୋଚିତ




**ରାଉରକେଲା, ୧୭ ।୧(ସମିସ):** ଇଞ୍ଜିନିୟର ଶୁଭଙ୍କର ରାଉତଙ୍କ ଦ୍ୱାରା ଲିଖିତ ପୁସ୍ତକ 'ୱାନ୍ ଇୟର ମେନି ଲେସନ୍' (ଏକବର୍ଷ ଅନେକ ପାଠ) ଉନ୍ମୋଚିତ ହୋଇଯାଇଛି । ଏନେଇ ଉଦିତନଗର ସ୍ଥିତ ଆରଏମ୍ ବିଲ୍ଡି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପୂର୍ବତନ ଅର୍ବାନ ବ୍ୟାଙ୍କ ନିର୍ଦ୍ଦେଶକ ତଥା ଆରଏମ୍ ମୋଟର୍ସ ପ୍ରତିଷ୍ଠାତା ରାଜେଶ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ପୁସ୍ତକକୁ ଉନ୍ମୋଚନ କରିଥିଲେ । ବ୍ରହ୍ମାନନ୍ଦ ବେହେରା ଓ ବାଲଗୋପାଳ ନାମତାଙ୍କ ସହାୟତାରେ ଅଭିପ୍ସା ରାଉତ ପୁସ୍ତକଟିର ସମ୍ପାଦନା କରିଛନ୍ତି । ବାସ୍ତବ ଜୀବନ ଅଭିଜ୍ଞତା ତଥା ଛାତ୍ର ଏବଂ ଯୁବ ଇଞ୍ଜିନିୟରମାନଙ୍କ ଶିକ୍ଷଣୀୟ ନିମନ୍ତେ ଏହି ପୁସ୍ତକଟିକୁ ରଚନା କରିଥିବା ଲେଖକ ଇଂ ଶୁଭଙ୍କର ରାଉତ କହିଛନ୍ତି । ଯୁବକ ବୟସରେ ବହୁ ବାଧାବିଘ୍ନ, ଉତ୍ଥାନ ପତନ, ବାରମ୍ବାର ଭୁଲ ଠିକ ମଧ୍ୟରେ ନୂତନ ଭାବେ ଷ୍ଟାର୍ଟଅପ୍ ନିର୍ମାଣ କରିବାରେ କିପରି ଆହ୍ୱାନ ସବୁକୁ ସେ ସମ୍ମୁଖୀନ ହୋଇଥିଲେ ସେ ସମ୍ପର୍କରେ ଶୁଭଙ୍କର ଉଲ୍ଲେଖ କରିଛନ୍ତି ।

### ସୁନ୍ଦରଗଡ଼ ଗୋଷ୍ଠୀ ସଂଘର୍ଷ ଘଟଣାରେ ୧୦ ଗିରଫ

# ସିସିଟିଭି ଫୁଟେଜ ଆଧାରରେ ବାନ୍ଧିଲା ପୁଲିସ

**ରାଉରକେଲା, ୧୭।୧(ସମିସ)**

ଗୋମାଂସ ମହଜୁଦ ଗୁଜବକୁ ନେଇ ଗତ ଗୁରୁବାର ସୁନ୍ଦରଗଡ଼ ସହରରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଶନିବାର ସୁନ୍ଦରଗଡ଼ ଟାଉନଥାନା ପୁଲିସ ସିସିଟିଭି ଫୁଟେଜ ଆଧାରରେ ଉଭୟଗୋଷ୍ଠୀର ୧୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକମାନେ ହେଲେ ସୁନ୍ଦରଗଡ଼ ଟାଉନ ଥାନା ଅଧୀନ ରିଜେଣ୍ଟ ମାର୍କେଟର ଅହମ୍ମଦ ଖାନ୍ ଓରଫ୍ ଛୋଟୁ ଖାନ୍ (୪୪), ରଙ୍ଗାଢିପାର କୀର୍ତ୍ତନ ମାହର (୩୩) ଆଦର୍ଶ ନଗରର କ୍ରିଷ୍ଣା ବାରିକ୍ (୧୯), ହସ୍ପିଟାଲ ଛକର ରାକେଶ କୁମାର ସୋନକର (୩୪), ନିଉ ଅମଲିପାଲିର ପ୍ରଦୀପ ରଥ(୩୩), ଆଦର୍ଶ ନଗରର ଦୀନେଶ ଠାକୁର (୩୫), ସୁନ୍ଦରଗଡ଼ ଟାଉନଥାନା ଅଧୀନ ଭିଡିରିଆପଡ଼ାର ସୁଭମ୍ ସାହୁ (୨୬), ରଙ୍ଗାଢିପା ବସନ୍ତ ବଗିଚାର ଶୁଭଙ୍କ ରୋହିଲା (୨୩), ରିଜେଣ୍ଟ ମାର୍କେଟ୍ ର ଶେଖ୍ ସବିର୍(୫୦) ଏବଂ ପାତ୍ରପଡ଼ାର ସୁଶିଲ ଗୁପ୍ତା (୩୭) ।

ଉଲ୍ଲେଖଯୋଗ୍ୟ ଯେ ଗତ ଗୁରୁବାର ସୁନ୍ଦରଗଡ଼ ଟାଉନ୍ ଥାନା ଅଧୀନ ରିଜେଣ୍ଟ ମାର୍କେଟରେ କୌଣସି ଏକ ନିର୍ଦ୍ଦିଷ୍ଟ ଘରେ ଗୋ-ମାଂସ ମହଜୁଦ ରଖାଯାଇଥିବା ନେଇ ବଜରଙ୍ଗ ଦଳ ପକ୍ଷରୁ ପୁଲିସକୁ ସୂଚନା ଦିଆଯାଇଥିଲା । ଏହି ଖବରପାଇ ସୁନ୍ଦରଗଡ଼ ଟାଉନ ଥାନା ପୁଲିସ ସମ୍ପୃକ୍ତ ଘରେ ସର୍ଚ୍ଚ ଅପରେସନ କରିଥିଲା । ହେଲେ ସେଠାରେ କୌଣସି ଗୋ-ମାଂସ ନ ମିଳିବାରୁ ଏସଡିପିଓ ନିର୍ମଳ କୁମାର ମହାପାତ୍ର ଏବଂ ଟାଉନ ଥାନା ପୁଲିସ ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରି ଫେରିଯାଇଥିଲା । ତେବେ ପୁଲିସକୁ କାହିଁକି ମିଥ୍ୟା ସୂଚନା ଦିଆଗଲା ବୋଲି ପ୍ରସଙ୍ଗକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ପାଟିତୁଣ୍ଡ, ଉଚ୍ଚବାଚ ଆରମ୍ଭ ହୋଇ ଉତ୍ତେଜନା ପ୍ରକାଶ ପାଇଥିଲା । ଏହାପରେ ଗୋଟିଏ ଗୋଷ୍ଠୀ ପକ୍ଷରୁ ପଥରମାଡ଼ ହେବାରୁ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା । ଖବରପାଇ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲେ । ତୁରନ୍ତ ଏସ୍‌ପି ଅମ୍ରିତପାଲ କୌର, ଅତିରିକ୍ତ ଏସ୍‌ପି ଶାନ୍ତାନୂତନ ସାମଦ, ମହେନ୍ଦ୍ର କୁମାର ମୁର୍ମୁ, ଏସଡିପିଓ ନିର୍ମଳ କୁମାର ମହାପାତ୍ର ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ । ସହରରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ୨୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା । ଏହାପରେ ଖବର ପାଇ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ରାଉରକେଲାରୁ ଯାଇ ଘଟଣା ସ୍ଥଳରେ ପହଞ୍ଚିଥିଲେ । ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ସହରରେ ଭାରତୀୟ ନ୍ୟାୟ ସଂହିତାର ୧୬୩ ଧାରା ଲାଗୁ କରାଯାଇଥିଲା । ଏଥିପାଇଁ ଗତ ଗୁରୁବାର ସଂଧ୍ୟାରୁ ସହରରେ ସମସ୍ତ ଦୋକାନ ବଜାର, ବସ୍ ଚଳାଚଳ, ଯାତାୟାତକୁ ବନ୍ଦ ରଖାଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସୁନ୍ଦରଗଡ଼ ସହରରେ ଇଣ୍ଟରନେଟ ସେବାକୁ ୨୪ ଘଣ୍ଟା ପାଇଁ ବନ୍ଦ ରଖାଯାଇଥିଲା । ସହରରେ ଶାନ୍ତି ଫେରାଇ ଆଣିବା ଏବଂ ଭବିଷ୍ୟତରେ କୌଣସି ଅଶାନ୍ତ ପରିବେଶ ସୃଷ୍ଟି ନ କରାଇବା ନିମନ୍ତେ ଶୁକ୍ରବାର ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଶାନ୍ତିକମିଟି ବୈଠକରେ ବିଭିନ୍ନ ସମ୍ପ୍ରଦାୟର ନେତୃବୃନ୍ଦ ମଧ୍ୟ ଉପସ୍ଥିତ ଥିଲେ । ସହରରେ କିପରି ବିଭିନ୍ନ ଜାତିଧର୍ମ ନିର୍ବିଶେଷରେ ଭାଇଚାରା ବଜାୟ ରହିବ, ଶାନ୍ତ ବାତାବରଣ ସୃଷ୍ଟି ହେବ ସେ ନେଇ ସହଯୋଗ କରିବାକୁ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ସମସ୍ତ ସମ୍ପ୍ରଦାୟର ନେତୃବୃନ୍ଦଙ୍କୁ ନିବେଦନ କରିଥିଲେ । ଶୁକ୍ରବାର ୧୬୩ ଧାରା ପ୍ରତ୍ୟାହାର କରି ନିଆଯିବା ସହ ବନ୍ଦ ରଖାଯାଇଥିବା ଇଣ୍ଟରନେଟ ସେବାକୁ ସ୍ୱାଭାବିକ କରାଯାଇଥିଲା ।

## ସମରା ଓରାମ ବିଦ୍ୟାଳୟରେ ପଞ୍ଚାୟତସ୍ତରୀୟ ବାର୍ଷିକ ଉତ୍ସବ

**ବଣାଇଁ, ୧୭ ।୧(ସମିସ):** ବଣାଇଁ ବ୍ଲକ ଅଧୀନ ଘୋଷରା ଗ୍ରାମରେ ଥିବା ସମରା ଓରାମ ଉଚ୍ଚବିଦ୍ୟାଳୟରେ ପଞ୍ଚାୟତସ୍ତରୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥିଭାବେ ଗ୍ରାମର ବରିଷ୍ଠ ସଭ୍ୟ ସୁରେନ୍ଦ୍ର ନାଥ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଗୋବିନ୍ଦପୁର ସରପଞ୍ଚ ଯମୁନା ନାୟକ, ହେମନ୍ତ କୁମାର ପ୍ରଧାନ, ସି ଆରସିସି ଚତୁର୍ଭୁଜ ପାତ୍ର ପ୍ରମୁଖ ଯୋଗ ଦେଇଥିଲ । ମୁଖ୍ୟବକ୍ତା ଭାବେ ସୁଶୀଲ କୁମାର ରଥ ଛାତ୍ରଛାତ୍ରୀଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଗଙ୍ଗାଧର ବିଶ୍ୱାଳ ମଞ୍ଚ ପରିଚାଳନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରାଧନ ଶିକ୍ଷୟିତ୍ରୀ ସୀମାରାଣୀ ପଟେଲ, ଗଗନ ନାୟକ ଭାବଗ୍ରାହୀ ମାଝୀ, ବେଣୁଧର ବିଶ୍ୱାଳ, ଶୁଭଙ୍କର ସାହୁ, ଗୀତାଞ୍ଜଳି ବେହେରା ଓ କର୍ମଚାରୀମାନେ ସହଯୋଗ କରିଥିଲେ । ଶିକ୍ଷକ ଜଗବନ୍ଧୁ ଗହୀର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ରୋଲିଂ ମିଲ୍ ପରିଚାଳନାରେ ସୁରକ୍ଷା' ବୈଠକ



**ରାଉରକେଲା, ୧୭।୧(ସମିସ):** ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ସେଲ୍‌ଫ ସୁରକ୍ଷା ସଂସ୍ଥା (ଏସଏସଓ), ରାଞ୍ଚି ସହଭାଗିତାରେ ଆୟୋଜିତ 'ରୋଲିଂ ମିଲ୍ ପରିଚାଳନାରେ ସୁରକ୍ଷା' ଉପରେ ତୃତୀୟ ସୁରକ୍ଷା ପରିଚାଳନା କମିଟି ବୈଠକ ଜାନୁଆରୀ ୧୬ ତାରିଖରେ ରାଉରକେଲା କ୍ଲବ୍‌ରେ ଆରମ୍ଭ ହୋଇଛି । ଏହାର ଉଦ୍‌ଘାଟନୀ ଅଧିବେଶନରେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ରାଞ୍ଚି ସ୍ଥିତ ସେଲ୍‌ଫ ସୁରକ୍ଷା ସଂସ୍ଥା (ଏସଏସଓ)ର ନିର୍ବାହୀ ନିର୍ଦ୍ଦେଶକ କେ ରାମକୃଷ୍ଣ ସମ୍ମାନିତ ଅତିଥି ଥିଲେ । ଏହି କାର୍ଯ୍ୟକ୍ରମରେ ଖଣି ଉନ୍ନୟନ ସିଏମଏଲଓ ର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ଓଜିଓଏମ, ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀ ଏବଂ ସେବା ବିଭାଗର ସିଜିଏମ ଇନ୍‌ଚାର୍ଜ ତଥା ଆକ୍ଟିଂ ଇଡି (ୱର୍କ୍ସ) ଅତିଶ ଚନ୍ଦ୍ର ସରକାର ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ବର୍ମା ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଏହି ଦେଢ଼ ଦିନିଆ ସମ୍ମିଳନୀର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ସେଲ୍‌ଫ, ଟାଟା ଷ୍ଟିଲ, ଆରଆଇଏନଏଲ, ଜେଏସଡବ୍ଲୁ, ଏନଏମଡିସି, ଏଏମଏନଏସ ଏବଂ ମେକନ୍‌ର ବିଭିନ୍ନ ୟୁନିଟ୍‌ରୁ ପ୍ରାୟ ୬୦ ଜଣ ପ୍ରତିନିଧି ଯୋଗ ଦେଉଛନ୍ତି । ଶ୍ରୀ ବର୍ମା ପ୍ଲାଣ୍ଟ ଗେଟରେ ପ୍ରବେଶ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବରେ ଘରକୁ ଫେରିବାକୁ ପଡ଼ିବ, ଏହା ସମସ୍ତ କର୍ମଚାରୀଙ୍କ ଏକ ସାମୂହିକ ପ୍ରତିଶ୍ରୁତି ହେବା ଉଚିତ ବୋଲି କହିଥିଲେ । ରୋଲିଂ ମିଲ୍ କାର୍ଯ୍ୟ ବିଷୟରେ ସେ ସୂଚାଇଥିଲେ ଯେ, ହାଇ-ସ୍ପିଡ୍ ଉପକରଣ, ହାଇଡ୍ରୋଲିକ୍ ସିଷ୍ଟମ୍, ଗ୍ୟାସ୍ ଲାଇନ ଏବଂ କେବୁଲ୍ ଗ୍ୟାଲେରୀଗୁଡ଼ିକ ସର୍ବୋଚ୍ଚସ୍ତରର ଯତ୍ନ ଏବଂ ସୁରକ୍ଷା ପ୍ରୋଟୋକଲର କଠୋର ପାଳନ ଆବଶ୍ୟକ କରନ୍ତି । ଡିଆଇସି ସପ୍ ଫ୍ଲୋର ପ୍ରବନ୍ଧକମାନଙ୍କୁ ପ୍ରତିଦିନ ସେମାନଙ୍କ ଦଳ ସହିତ ସୁରକ୍ଷା ଆଲୋଚନା କରିବାକୁ ଏବଂ ପ୍ରତ୍ୟେକ କର୍ମଚାରୀଙ୍କୁ ସୁରକ୍ଷା ଚିନ୍ତା ବିଷୟରେ ଖୋଲାଖୋଲି ଭାବରେ କହିବାକୁ ଉତ୍ସାହିତ କରିବାକୁ ସେ ପରାମର୍ଶ ଦେଇଥିଲା । ଏହି ଅଧିବେଶନରେ ଏଚଏସଏମ ଏବଂ ଆନୁଷଙ୍ଗିକ ବିଭାଗର ସିଜିଏମ ସୁବ୍ରତ କୁମାର ସ୍ୱାଗତ ଭାଷଣ ଦେଇଥିଲାବେଳେ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏଚ୍‌ଏସ୍‌ଏମ୍-୨ ବିଭାଗର ସିନିୟର ମ୍ୟାନେଜର ଅନୁପ ଅଗ୍ରୱାଲ ଏବଂ ଏସ୍‌ପିପି ବିଭାଗର ମ୍ୟାନେଜର ଶାମସ୍ ଗାଜାଲି ଉଦଘାଟନୀ ଅଧିବେଶନକୁ ସଂଯୋଜନା କରିଥିଲେ । ଉଦଘାଟନୀ ଦିବସରେ ବିଭିନ୍ନ ୟୁନିଟର ଦଳଗୁଡ଼ିକ ଲମ୍ବା ଏବଂ ଫ୍ଲାଟ୍ ଉତ୍ପାଦଗୁଡ଼ିକର ରୋଲିଂ ସମ୍ପର୍କିତ 'ରୋଲିଂ ମିଲ୍ସରେ ସୁରକ୍ଷା: ଭବିଷ୍ୟତର ସମ୍ଭାବନା ଏବଂ ଆହ୍ୱାନ, ଶିଳ୍ପ ସ୍ୱୟଂଚାଳିତତା ଏବଂ ଡିଜିଟାଲାଇଜେସନ୍ ମାଧ୍ୟମରେ ରକ୍ଷଣାବେକ୍ଷଣ ଏବଂ ପ୍ରକ୍ରିୟାରେ ସୁରକ୍ଷା ବିପଦ ହ୍ରାସ' ଉପରେ ବିସ୍ତୃତ ଉପସ୍ଥାପନା ପ୍ରସ୍ତୁତ କରିଥିଲେ ।

## ଡାଲମିଆ ମହାବିଦ୍ୟାଳୟରେ ଇଂରାଜୀ ସମ୍ମାନ



**କୁତ୍ରା, ୧୭ ।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଝାରବେଡାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଇଂରାଜୀ ବିଭାଗର 'ଗବେଷଣା ପଦ୍ଧତି ଓ ଭାଷାବିଜ୍ଞାନ' ବିଷୟରେ ଏକ ସମ୍ମାନ ଆୟୋଜିତ ହୋଇଯାଇଛି । ଏହି ସମ୍ମାନରେ ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ଆଲେକଜାଣ୍ଡାର ଡୁଙ୍ଗଡୁଙ୍ଗ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ ସଭା ପରିଚାଳନା କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲ ସଭାପତିତ୍ୱ କରି ଭାଷା ବିଷୟରେ ବକ୍ତବ୍ୟ ରଖିଥିଲେ । ଗବେଷିକା ଡ଼ଃ ଆଲବିନ ରିକୋ ଖାଲକୋ ଭାଷା ବିଜ୍ଞାନ ସମ୍ପର୍କରେ ବିସ୍ତୃତ ଆଲୋଚନା ଓ ବିଶ୍ଳେଷଣ କରିଥିଲେ । ଇଂରାଜୀ ବିଭାଗର ଅଧ୍ୟାପିକା ଓ ସାହିତ୍ୟ ସଂସଦର ଭିପି ଶ୍ରାବଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।


## ଅସୁରଖାଲ ମକର ମେଳା

**କୋଇଡ଼ା, ୧୭ ।୧(ସମିସ):** କୋଇଡ଼ା ବ୍ଲକ ପାଟମୁଣ୍ଡା ପଞ୍ଚାୟତ ଅଧୀନ ଆମିଲିଆମ୍ ଗ୍ରାମର ଅସୁରଖାଲ ନାମକ ପ୍ରାକୃତିକ ସୌନ୍ଦର୍ଯ୍ୟମୟ ସ୍ଥାନରେ ବାବା ଶାନ୍ତିଶ୍ୱର ମକର ମେଳା ପୂଜା କମିଟିର ପକ୍ଷରୁ ମହାଆଡ଼ମ୍ବରରେ ମକର ମେଳା ଆୟୋଜିତ ହୋଇଯାଇଛି । ପବିତ୍ର ମକର ସଂକ୍ରାନ୍ତି ଅବସରରେ ଦୁଇ ଦିନ ଧରି ଚାଲିଥିବା ଏହି ମେଳାକୁ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁ ଆସିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ କମିଟିର ସଭାପତି ବିଜୟ ଦେହୁରୀ, ସମ୍ପାଦକ ଈଶ୍ୱର ନାଇକ, ଉପସଭାପତି ଯୁଧିଷ୍ଠିର ପାଟମୁଣ୍ଡି, ଯୁଗ୍ମ ସମ୍ପାଦକ ନବୀନ ନାଏକ ସହ ଅନ୍ୟାନ୍ୟ ସଦସ୍ୟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା ।



## ଭାରସାମ୍ୟ ହରାଇ ଘାଟିରୁ ଖସିଲା ଟ୍ରେଲର

**ବଣାଇଁ, ୧୭ ।୧(ସମିସ):** ଟିକାୟତପାଲି ଥାନା ଅଧୀନ କୁଲକୁତା ଘାଟି ଉପରେ ଏକ ଘରୋଇ ବସ୍‌କୁ ବଞ୍ଚାଇବାକୁ ଯାଇ ଏକ ଟ୍ରଲର ଓଲଟି ପଡ଼ିଥିବା ଜଣାପଡ଼ିଛି । ସୌଭାଗ୍ୟବଶତଃ ଏକ ବଡ଼ ଦୁର୍ଘଟଣାରୁ ବସ୍ ସମେତ ଟ୍ରଲର ଡ୍ରାଇଭର ବର୍ତ୍ତିଯାଇଛନ୍ତି । ସୂଚନା ଅନୁସାରେ ଶୁକ୍ରବାର ସକାଳେ ସମ୍ବଲପୁର କୁଚିଣ୍ଡା ପଟୁ ଏକ ୧୮ ଚକିଆ ଟ୍ରଲର ରାଉରକେଲା ଅଭିମୁଖେ ଯାଉଥିବା ବେଳେ କୁଲକୁତା ଘାଟି ଉପରେ ଥିବା ବୁଲାଣିରେ ହଠାତ୍ ବସ୍‌ଟି ଟ୍ରଲର ସାମ୍ନାକୁ ଚାଲି ଆସିଥିଲା । ବସ୍‌କୁ ବଞ୍ଚାଇବାକୁ ଟ୍ରେଲର ଡ୍ରାଇଭର ଚେଷ୍ଟା କରିବା ବେଳକୁ ଭାରସାମ୍ୟ ଘାଟି ତଳକୁ ଖସି ପଡ଼ିଥିଲା । ଟ୍ରକ୍ ଡ୍ରାଇଭର ଜଣକ କେବିନ୍ ଭିତରେ ପିଟି ହୋଇ ଗୁରୁତର ଆହତ ହୋଇଥିଲେ । ଖବର ପାଇ ଟିକାୟତପାଲି ପୁଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଡ୍ରାଇଭରଙ୍କୁ ଉଦ୍ଧାର କରି ବଣାଇଁ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି ।



## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲହୁଣୀପଡ଼ା, ୧୭ ।୧(ସମିସ):** ଲହୁଣିପଡ଼ା ବ୍ଲକ ଖୁଣ୍ଟଗାଁସ୍ଥିତ ଅନୁସୂଚିତ ଜାତି ଜନଜାତୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ଉପ ସଭାପତି ଅମୂଲ୍ୟ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ଜିଲ୍ଲା ସର୍ବଶିକ୍ଷା ଅଭିଯାନ କୋଡିନେଟର ଅମାତ୍ୟ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲାମଙ୍ଗଳ ଅଧିକାରୀ ଭାଗୀରଥି ପଟେଲ, ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାମଙ୍ଗଳ ଅଧିକାରୀ ବିବେକାନନ୍ଦ ମହାନ୍ତି, ବଣାଇଁ ଅତିରିକ୍ତ ମଙ୍ଗଳ ଅଧିକାରୀ (ଆଇ ଟିଡିଏ) ବାବୁ ଲାଲ ମାଝୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ (ଆଇଟିଡିଏ) ଶ୍ୟାମ ସୁନ୍ଦର ଦାସ, ଲହୁଣିପଡ଼ା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭଗବତ ଟୁଡୁ, ସିଆରସିସି ଅଶ୍ୱିନୀ କୁମାର ବିଶ୍ୱାଳ, ହରିପ୍ରଦ ଜେନା, ଭରତ କୁମାର ପାତ୍ର ବେଣୁଧର ବେହେରା, ଖୁଣ୍ଟଗାଁ ସରପଞ୍ଚ ସୁମିତ୍ରା ଚାରଦିଆ ଯୋଗ ଦେଇଥିଲେ । ବଣାଇଁ ଆଇଟିଡିଏ ପ୍ରକଳ୍ପ ଅଧିକାରୀ ସ୍ୱଦୀପ ଟପ୍ପୋଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଗଣନାଥ ବାରିକ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ଜେନା ବିବରଣୀ ପାଠ କରିଥିଲେ । ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ରିଚି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ବିଶ୍ୱଜିତ ସାହୁ, ଦୀନବନ୍ଧୁ ସାହୁ, ସ୍ୱାଗତ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ବଘାର, ଭାରତୀ ପ୍ରଧାନ, ଲକ୍ଷ୍ମୀବାଳା ପଟ୍ଟନାୟକ, ସରସ୍ୱତୀ କିଷାନ, ପଙ୍କଜିନି ଗଡ଼ତିଆଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**କୁତ୍ରା, ୧୭।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ଲତାଲଗାଠାରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଉତ୍ସବର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବରେ ରଜାବସା ସରପଞ୍ଚ ନିରୁପମା ମାଝୀ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବରେ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ବେହେରା ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶତ୍ରୁଘ୍ନ ଏକ୍କା, ଶିକ୍ଷକ ମନୋଜ ଡୁଙ୍ଗଡୁଙ୍ଗ ଯୋଗଦେଇଥିଲେ । ଶେଷରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଧାନଶିକ୍ଷକ ଜନାର୍ଦ୍ଦନ ବଢେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଆସିମ୍ମା ଗୁରିଆ, ସରସ୍ୱତୀ ମିଞ୍ଜ, ନରେନ୍ଦ୍ର କୁଜୁର, ଡିଲେଶ୍ୱର ନାଏକ, ମାମିନା ବଢେଇ, ଲକ୍ଷ୍ମୀ ଖେସ, ସୁବର୍ଣ୍ଣା ସାହୁ, ଶୈବ୍ୟା ତନ୍ତୀ, କମଳିନୀ ଦିଉରିଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।


# ଆର୍‌ଏସ୍‌ପିର ଉଦ୍ୟାନକୃଷି ପ୍ରଦର୍ଶନୀ ଉଦ୍‌ଘାଟିତ

**ରାଉରକେଲା, ୧୭।୧(ସମିସ)**

ରାଉରକେଲା ଇସ୍ପାତ କାରଖାନାର ଉଦ୍ୟାନକୃଷି ବିଭାଗ ଆନୁକୂଲ୍ୟରେ ଜୁବୁଲି ପାର୍କଠାରେ ଆୟୋଜିତ ୫୮ତମ ବାର୍ଷିକ ଉଦ୍ୟାନକୃଷି ପ୍ରଦର୍ଶନୀକୁ ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ନମ୍ରତା ବର୍ମା, ମାନବସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିକାଶ ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି.କେ ଗିରି, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ଓଜିଓଏମ ସିଏମଏଲଓ ବିଭାଗରନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ୍ ଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତା, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲାର ଆଞ୍ଚଳିକ ଅଧିକାରୀ ଡ. ଅନୁପ ମଲ୍ଲିକ, ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ଡକ୍ଟର ପ୍ରତିଜ୍ଞା ପଲାଇ, ରୀତା ରାଣୀ, ବନ୍ଦନା ସିଂ ଏବଂ ନବନୀତା ଚୌଧୁରୀ, ସହର ଇଞ୍ଜିନିୟରିଂ ଓ ଉଦ୍ୟାନକୃଷି ବିଭାଗର ସିଜିଏମ ବି କେ ଯୋଜୋ, ଡ. ଅଭିଜିତ ବିଶ୍ୱାସ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଡିଆଇସି ଅନ୍ୟ ମାନ୍ୟଗଣ୍ୟ ଅତିଥିଙ୍କ ଗହଣରେ ପ୍ରଦର୍ଶନୀ ବୁଲି ଦେଖିଥିଲେ ଏବଂ ପ୍ରଦର୍ଶିତ ପ୍ରବେଶିକାଗୁଡିକୁ ନେଇ ଆଗ୍ରହ ପ୍ରକାଶ କରିଥିଲେ । ସେ ବିଗତ ୫୮ ବର୍ଷ ଧରି ଏଭଳି ଏକ ବିଶାଳ ଆୟୋଜନ ନିମନ୍ତେ ଉଦ୍ୟାନକୃଷି ବିଭାଗର ଉଚ୍ଚ ପ୍ରଶଂସା କରିଥିଲେ । ଏହି ପ୍ରଦର୍ଶନୀରେ ବିଭିନ୍ନ ବର୍ଗରେ ୯୬୦ରୁ ଅଧିକ ଏଣ୍ଟ୍ରି ସ୍ଥାନ ପାଇଥିଲା । ଏଗୁଡ଼ିକ ମଧ୍ୟରେ କଟାଯାଇଥିବା ଫୁଲ, ପଟ୍ ପ୍ଲାଣ୍ଟ, ଫଳ, ପନିପରିବା, ବନସାଇ, ଡିନର୍ ବୋଲ୍ ଆରେଞ୍ଜମେଣ୍ଟ, ବେଷ୍ଟ ଆରେଞ୍ଜଡ୍ ଫୁଲ, ବଟନ୍ ହୋଲ୍, ଫୁଲତୋଡା, ଫୁଲମାଳା ଏବଂ ଫୁଲ ଓ ପତ୍ରରେ ତିଆରି ମଡେଲ ସାମିଲ ରହିଛି । ବହୁ ସଂଖ୍ୟାରେ ଦର୍ଶକ ଜୁବିଲି ପାର୍କ ପରିଦର୍ଶନରେ ଆସି ବିଭିନ୍ନ ପ୍ରକାରର ଫୁଲ, ପନିପରିବା ଏବଂ ଫଳ, ବିଭିନ୍ନ ଗୋଲାପ, ସେବତୀ, ଡାଲିଆ, ଡାଏନ୍ଥସ, ସ୍ୱିଟ୍ ପିଜ, ଆଣ୍ଟିରିୟମ, କାର୍ନେସନ, କ୍ୟାଲେଣ୍ଡୁଲା, ଫ୍ଲକ୍ସ, ପେନ୍ସି, ଜରବେରା, ଲ୍ୟୁପିନ, ମେରିଗୋଲ୍ଡ, ଆଷ୍ଟର, ସାଲଭିଆ, ଗ୍ଲାଡିଓଲି, କ୍ୟାଣ୍ଡିଟୁଫ୍ଟ ଆଦିର ପ୍ରଦର୍ଶନ ଉପଭୋଗ କରିବା ସହ ସେଗୁଡିକର ଉଚ୍ଚ ପ୍ରଶଂସା କରିଥିଲେ । ଆରଏସ୍‌ପି ଲୋକସମ୍ପର୍କ ବିଭାଗର ଉପପ୍ରବନ୍ଧକ ଶଶାଙ୍କଶେଖର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



## ଭିବିଜୀ ରାମ୍‌ଜୀ ଉପରେ ଜିଲ୍ଲା ବିଜେପିର ବୈଠକ



**ଲହୁଣୀପଡ଼ା, ୧୭।୧(ସମିସ):** ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ସ୍ଥିତ ଭାରତୀୟ ଜନତା ପାର୍ଟି(ବିଜେପି) କାର୍ଯ୍ୟାଳୟ ସଭାଗୃହଠାରେ ଭିବିଜୀ ରାମଜୀ ବିକଶିତ ଭାରତ ସମ୍ପର୍କରେ ଏକ ବୈଠକ ସହ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ରାଉରକେଲା ଜିଲ୍ଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଳଙ୍କ ଅଧ୍ୟକ୍ଷତାରେ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ଭାରତୀୟ ଜନତା ପାର୍ଟି ରାଉରକେଲା ଜିଲ୍ଲା ସଭାପତି ପୂର୍ଣ୍ଣିମା କେରକେଟା, ସମ୍ମାନିତ ଅତିଥି ଭାବେ ବିଜେପି କୃଷକ ମୋର୍ଚ୍ଚା ସଭାପତି ଅନିଲ ମାହାନ୍ତ, ରାଉରକେଲା ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜିତ ନାଏକ ପ୍ରମୁଖ ଉପସ୍ଥିତ ରହି ବିକଶିତ ଭାରତ- ଭିବିଜୀ ରାମଜୀ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ସେହିପରି ମୁଖ୍ୟ କୃଷି ଋତୁରେ କୃଷି ଶ୍ରମିକଙ୍କ ଉପଲବ୍ଧତା ସୁନିଶ୍ଚିତ ଆଦି ଯୋଜନା ଗୁଡିକ ସମ୍ପର୍କରେ ଉପସ୍ଥିତ ସାମ୍ବାଦିକମାନଙ୍କୁ ସୂଚନା ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପ ସଭାପତି ସତ୍ୟପ୍ରିୟ ସାହୁ, ଜିଲ୍ଲା ସମ୍ପାଦକ ପ୍ରଣିତାପ ଦାସ, ଜିଲ୍ଲା ସମ୍ପାଦକ ଜୟନ୍ତୀ ମାହାନ୍ତ, ବଣାଇଁ ଯୁବ ମୋର୍ଚ୍ଚା ସଭାପତି ଅବିନାଶ ବ୍ରହ୍ମ, ରାଉରକେଲା ଜିଲ୍ଲା ସମ୍ପାଦକ ଶଂକର ଲୋହାର, ବରିଷ୍ଠ କାର୍ଯ୍ୟକର୍ତ୍ତା ଆହ୍ଲାଦ ବଡ଼ାଇ, ବୁଦ୍ଧଦେବ ସିଂ, ହେମେନ୍ଦ୍ର ମାହାନ୍ତ, ନିରୋଜ ଚତୁର୍ବେଦୀ, ଲହୁଣୀପଡ଼ା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମ, କ ବଲାଙ୍ଗ ମଣ୍ଡଳ ସଭାପତି ହେମ୍ପ୍ରୋ ଓରାମ, ବଣାଇଁ ମଣ୍ଡଳ ସଭାପତି ମିଥିଳା ପାତ୍ର, ଗୁରୁଣ୍ଡିଆ ମଣ୍ଡଳ ସଭାପତି ମନୋଜ ସାହୁ, ସରସରା ମଣ୍ଡଳ ସଭାପତି ବିରେନ୍ଦ୍ର ବଡନାୟକ, ରାଜେଶ କୁମାର ଜୈସ୍ୱାଲ, ଲବକିଶରସାହୁ, କର୍ମୁ କିସାନ, ଶିବ ସୁନ୍ଦର ରାଉତ, ପ୍ରମୁଖ ବିଜେପିର ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ସ୍ୱର୍ଗଦ୍ୱାର




ସୁଶୀଲ କୁମାର ପାଣିଗ୍ରାହୀ

ଫେରିଲା ପରେ
ସ୍ୱର୍ଗଦ୍ୱାର ଆଡ଼କୁ ମୁହଁ କରି
କହିଲି : ଦିନେ ଆସିବି
ଏଇଠୁ ଏକାକୀ ବାହାରି ପଡ଼ିବି
ଅନନ୍ତ ଯାତ୍ରାରେ

ଅନୁଭବ କଲି
କିଛି ଛାଡ଼ି ଆସିଛି ଭିତରେ
ଜଳୁଥିବା ଚିତାଗ୍ନିରେ
ଅହଂ ମୋର ଜଳିଯାଇଛି ବୋଧେ

ସାମ୍ନାରେ ସମୁଦ୍ରର
ଗଭୀରତା
ପାଖରେ ନଭଶ୍ଚୁମ୍ବୀ ଅଟ୍ଟାଳିକାର
ଉଚ୍ଚତା
ପାଦତଳେ ବାଲିକଣିକା ପରି
ମୁହୂର୍ତ୍ତ
ମୁଠାରେ ଧରି
ପଶି ପାରିବିନି
ଖାଲି ହାତରେ ଆସିବାକୁ
ପଡ଼ିବ ମୋତେ




ଚିତାଜୁଇର ଆଲୁଅ
ହଟାଇ ଦେଇଛି ମୋ ଆଖିର ଅନ୍ଧାର
ଜଳୁଥିବା କାଠ
ଉପାଡ଼ି ଦେଇଛି
ମୋହମାଟିରେ ପୋତିକରି ରଖିଥିବା
ମୋର ଦୁଇ ପାଦ
ଧୂଆଁ ଭିତରେ
ଦିଶୁଛି କେବଳ ନିଆଁର ତେଜ
ଏହା ସତ୍ୟ
ଏହା ହିଁ ସତ୍ୟ

ସ୍ୱର୍ଗଦ୍ୱାରରୁ ବାହାରିଲା ପରେ
ଲାଗୁଛି ମୋ ଭିତରେ
ଅଛି ଖାଲି ଗୋଟିଏ ମଣିଷ । ■

କଲ୍ୟାଣୀ ରେସିଡେନ୍ସି, ଫ୍ଲାଟ-୨୦୩
ଜଲାନ ଗଳି, ସମ୍ବଲପୁର-୨
ମୋ: ୮୧୪୪୨୨୮୨୦୨

# ପବନ ବହୁଛି ଯେମିତି





ତ୍ରିନାଥ ସିଂହ

ପବନ ବହୁଛି ଯେମିତି
କିଏ ଜାଣେ କେତେବେଳେ କୋଉକଥା !

ଅଗଣାରେ ଶୁଖୁଛି ଯୋଉ ଜାମାପଟା
କୁଲାରେ ବଡ଼ି ଓ ବାଉଁଶ କରଡ଼ି
କାନ୍ଥିନୀରେ ଆଚାର-ବୋତଲ, ଆମ୍ବୁଲ-ପାଛିଆ...
ସବୁ ଘିନିଆସ ।

ବାରଣ୍ଡାରେ
ସାନପୁଅର ସାଇକଲ୍ ଓ ଚିତ୍ରାଙ୍କନ ଖାତା...
ଖାତାରେ ଆଙ୍କିଛି ସିଏ ନିରୀହ ସ୍ୱପ୍ନଙ୍କୁ ସଜେଇ
ଯୋଉ ସୁନ୍ଦର ଛବିଳ ଘରର ନକ୍ସା
ପାହାଡ଼ତଳ ନଈରେ ଗୀତ ଗାଇଗାଇ
ନାଆ ମେଲିଦେଇଛି ଯୋଉ ନାଉରିଆ...
ସବୁ ଘିନିଆସ ।

ସରକାର ବାହାଦୂର କେତେକଥା କହୁଛନ୍ତି
ପ୍ରଜାକୁଳଙ୍କର ସ୍ୱାର୍ଥରକ୍ଷାକୁ ନେଇ-
ଖାଦ୍ୟଠାରୁ ଶିକ୍ଷା ଯାଏଁ
ଆର୍ଥିକ ସୁରକ୍ଷାଠାରୁ ସାମାଜିକ ନିରାପତ୍ତା ଯାଏଁ ...
ହେଲେ ଏତେବଡ଼ ପଡ଼ିଆରେ
ଚାକୁଣ୍ଡାଗଛଟିଏ ବି ନାହିଁ କୋଉଠି
ଖରା ଟିକେ ବଢ଼ିଗଲେ ଠିଆହେଇ ପଡ଼ିବାକୁ !

ସେଇ ଯୋଉ ଗଛ ଦେଖୁଛ, ଗହଳିଆ...ଘଞ୍ଚ...
ସେଠି ଠିଆ ହୁଅନାହିଁ
କେତେବେଳେ ବି ଚଡ଼ଚଡ଼ି ମାରି ଦେଇପାରେ
ଗଛକୁ

ସେଇ ଯୋଉ ରାସ୍ତା ଦେଖୁଛ, ମଚମଚ୍ କଳା...
ସେ ରାସ୍ତାରେ ଯାଅନାହିଁ
କେତେବେଳେ ବି ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ
ଧ୍ୱସ୍ତ ହେଇ ଯାଇପାରେ ପାଦତଳର ମାଟି

ଏଇ ନୀଳ-ନିର୍ଭୟ ଆକାଶ ତଳେ ବି
ତୋଳନାହିଁ ଘର
କେତେବେଳେ ବି ଭୁଶୁଡ଼ି ଯାଇପାରେ
ଏତେ ବଡ଼ ଆକାଶ
ମୁଣ୍ଡ ଗୁଞ୍ଜିଥିବା ଘର ଉପରେ ତୁମର...!!

କଡ଼ା ଇସ୍ତ୍ରୀ ମାରି
ଧଳା ସୁତୁରା ଯୋଉ ଜାମାଯୋଡ଼ ପିନ୍ଧି ବାହାରିଛ ଘରୁ
ଫେରିବାବେଳକୁ ହୁଏତ ସେ ସବୁ
ରକ୍ତରଞ୍ଜିତ ଦିଶୁଥିବ ତୁମ ରକ୍ତରେ
ହୁଏତ ରକ୍ତ ସାଲୁବାଲୁ ହେଇଯାଇଥିବ ତୁମର ଆଖି
ପ୍ରିୟ ପରିଜନଙ୍କର ବୀଭତ୍ସ ମୃତଦେହ ଦେଖି...


କିଏ ଜାଣେ, କେତେବେଳେ କୋଉକଥା !

ଯାଅ, ଘିନିଆସ
କାନ୍ଥିନୀରୁ ଆଚାର-ବୋତଲ, ଆମ୍ବୁଲ-ପାଛିଆ
ପୁଅର ଚିତ୍ରାଙ୍କନ ଖାତାରୁ
ସେ ଆଙ୍କିଥିବା ସ୍ୱପ୍ନ-ଛବିଳ-ଘର
ପାହାଡ଼ତଳ ନଈରେ ନୌକା ବାହୁଥିବା ନାଉରିଆର
ଭାବ-ବିହ୍ୱଳ-ଗୀତ...
ସବୁ ଘିନିଆସ ।

ପବନ ବହୁଛି ଯେମିତି...
କିଏ ଜାଣେ, କେତେବେଳେ କୋଉକଥା !! ■

ଭବିଷ୍ୟନିଧି କାର୍ଯ୍ୟାଳୟ, ପାନପୋଷ ମାର୍ଗ,
ରାଉରକେଲା - ୭୬୯୦୧୨
ମୋ: ୮୮୯୫୦ ୯୯୪୬୪

# ବାପା ଓ ବରଗଛ



ଅଞ୍ଜନ ଚାନ୍ଦ

ଗାଁ ମୁଣ୍ଡରେ ଆମର ଗୋଟେ ଭଲ ଘର ଥିଲା । ଉଚ୍ଚ ପିଣ୍ଡା । ସୁନ୍ଦର କାଠ କବାଟ । ଗଳି ରାସ୍ତା ଦୁଇ ପଟେ ମାଟିଛାତ ପଡ଼ିଥିବା ଦୁଇଟି ଶୀତଳ କୋଠରି । ପଛ ପାଖରେ ଲମ୍ବା ଚାଳିଆ ତଳେ ଚୁଲି ଓ ରୋଷେଇ ସଜ । କାଠ, କୁଟା, ଅନାବନା ଜିନିଷ ରହିବା ପରେ ଯେତିକି ଜାଗା ବଳି ପଡ଼େ ସେଠାରେ ଖାଇବା କାମଟି ବି ହୁଏ ।


ସେ ଘରଟି ଥିଲା ଗାଁର ଶେଷ ଘର । ତା'ପରେ ଉତ୍ତର ଗଡ଼ିଆ । ଆମ ବଂଶ ଆଠ ଘରର ଇଜିମାଲି । ସେ ଗଡ଼ିଆର ବନ୍ଧକୁ ଲାଗି ଖଣ୍ଡେ ଜଳାଭୂଇଁ । ସେଇଠୁ ଭୁଆ ବିଲ ଲମ୍ବିଥାଏ କାହିଁ ଯେ କେତେ ଦୂର । ସଞ୍ଜ ଆଗରୁ ଯେତେବେଳେ ଦନ୍ତୁରିତ କୃଷ୍ଣ ପାଚେରୀ ସେପଟେ ସୂର୍ଯ୍ୟ ଲୁଚିଯାଏ ମନେ ହୁଏ, ଯେମିତି ଆଉ କେଉଁ ଗୋଟେ ନୂଆ ଦେଶ ସେଠାରେ ପସରା ମେଲିଛି ।

ଆମ ପରି ଛୋଟ ପିଲାଙ୍କ ପାଇଁ ସେଇ ଉତ୍ତର ଗଡ଼ିଆ, ତା' ବନ୍ଧରେ ଥିବା ଗଛବୃଛ ଅନେକ ରହସ୍ୟ ଲୁଚାଇ ରଖିଥାଏ । ଗଡ଼ିଆ ଓ ଜଳାଭୂଇଁକୁ ଯେଉଁ ନାଳଟି ଲାଗିଥାଏ ତା'ର ପାଣି ଖୁବ୍ ସଫା ଏବଂ ଦଳେ କୁନି ମାଛ ସେଠାରେ ଅନବରତ ଲୁଚକାଳି ଖେଳରେ ମାତିଥା'ନ୍ତି । ଗଡ଼ିଆ ଆଡ଼ିରେ ମିଠା ଜାମୁକୋଳି ଗଛରେ ପଲେ ମାଙ୍କଡ଼ । ତାଳ ଗଛ ଅଗରେ ଝୁଲୁଥାଏ ବାଇଚଢ଼େଇ ବସା । କ'ଣ ଗୋଟେ ଅପୂର୍ବ ଚିଜକୁ ଦୁଇ ହାତରେ ଧରି ଖାଉଥାଏ ଗୁଣ୍ଡୁଚିମୂଷା । ଜଳ ଭିତରକୁ ଝମ୍ପ ମାରି ମାଛ ଧରୁଥାଏ ମାଛରଙ୍କା । ଜଳାଭୂଇଁରେ କେତୋଟି ବଗ ଧ୍ୟାନରେ ବସିଥାନ୍ତି । ସେମାନଙ୍କ ସହିତ ଆମର ନିତିଦିନିଆ ସମ୍ପର୍କ । ସେ ସମ୍ପର୍କରେ ମିତ୍ରତା ନଥିଲେ ବି ଆନ୍ତରିକତା ରହିଥାଏ । ଆମ ଦରିଦ୍ର ଶୈଶବକୁ ସେମାନେ ହିଁ ଆନନ୍ଦମୟ କରି ରଖିଥା'ନ୍ତି । ଦିନଗୁଡ଼ିକ ଖୁସିରେ ବିତିଯାଉଥାଏ । ଅଥଚ କ'ଣ ହେଲା କେଜାଣି ଦିନେ ସେଇ ସୁନ୍ଦର ଘର ଓ ଚମତ୍କାର ଜାଗାକୁ ଛାଡ଼ି ବାପା ଚାଲିଆସିଲେ ବରଜ ବାଡ଼ିକୁ ।

ଗାଁର ଦକ୍ଷିଣକୁ ବିରାଟ ମଶାଣି ପଦା । ବାଲି ରାସ୍ତାଟିଏ ହାଟ ପଦାକୁ ପଡ଼ିଛି । ସେଇ ରାସ୍ତା ଆର ପଟେ ଗୋଟେ ବୁଦୁବୁଦୁକିଆ ଅପନ୍ତରା ଜାଗାର ନାଁ ବରଜବାଡ଼ି । କେଜାଣି କେବେ ସେଠାରେ ପାନବରଜ ଥିଲା । ଏବେ କେବଳ ବଡ଼ ବଡ଼ ବାଲିକୁଦ । କଳା ପାଣିର ଗୋଟେ ଟୁଆଗଡ଼ିଆ । ଗଡ଼ିଆ କୂଳରେ ଖଣ୍ଡେ ଜାଗା ସଫା ହୋଇ ଛିଟା କାନ୍ଥ ଓ ନଡ଼ା ଛପର ଘରଟିଏ । ଚାଳ ଏତେ ତଳକୁ ନଇଁ ପଡ଼ିଛି ଯେ, ମୋ ପରି ଛୋଟ ପିଲାଙ୍କୁ ଛାଡ଼ି ବଡ଼ମାନଙ୍କୁ ଭିତରକୁ ପଶିବାକୁ ହେଲେ ଝୁଙ୍କି ପଡ଼ି ସଲାମ କରିବାକୁ ହୁଏ ।

ସେଦିନ ମନେ ହୋଇଥିଲା ବାପାଙ୍କ ପରି ଶତ୍ରୁ ବୋଧହୁଏ ସଂସାରରେ ନାହିଁ । ଗାଁ ଭିତରେ ନିଜ ଲୋକଙ୍କଠାରୁ ଦୂରକୁ ଆଣି ମଶାଣି ପଦାର ଭୂତମାନଙ୍କ ପାଖରେ ଆମକୁ ରଖିଲେ । ସେ ବି ନିଜେ କେଉଁ ଭଲରେ ଥିଲେ । ବିରସ ମୁହଁଟିକୁ କାନ୍ଧ ଉପରେ ଥୋଇ ନିରବରେ ବସି ରହୁଥିଲେ । ତାପରେ ଦୀର୍ଘଶ୍ୱାସ ଛାଡ଼ି ଉଠି ଯାଉଥିଲେ କାମକୁ । ବାଡ଼ି ସଫା କରୁଥିଲେ । ବିଲରୁ ମାଟି ଆଣି ଖଳା ତିଆରି କଲେ । ଚାରିପଟେ ବାଡ଼ ସଜାଡ଼ି ଫୁଲ ଓ ଫଳଗଛ ଲଗାଇଲେ । ଏସବୁ କାମ ଭିତରେ ଦିନେ ଦେଖିଲି କେଉଁଠୁ ବରଗଛଟିଏ ଆଣି ସେ ରାସ୍ତା ପାଖରେ ଲଗାଇଲେ ।

-"ଏତେ ବଡ଼ ଗଛ କ'ଣ ଲାଗିବ?" - ରାସ୍ତାରେ ଯିଏ ଯାଉଥିଲେ କହୁଥିଲେ । ବାପା ତାଙ୍କର ନଶୁଣି କାମରେ ଲାଗିଥା'ନ୍ତି । ସେ ସବୁଦିନ ସେମିତି । ମନକୁ ଯାହା ଆସିବ କାହା କଥା ଶୁଣିବେ ନାହିଁ । କାହାକୁ କିଛି କହିବେ ନାହିଁ । ନିଜ କାମ ଭିତରେ ଏମିତି ମଜି ଯାଇଥିବେ ଯେମିତି ବାହାର ଦୁନିଆ ସହିତ ତାଙ୍କର କିଛି ସମ୍ପର୍କ ନାହିଁ ।



ବାପାଙ୍କ ଅନବରତ ଯତ୍ନରେ ବରଗଛଟି ସେଇ ନୂଆ ଜାଗାରେ ନିଜକୁ ଚଳେଇ ନେଲା । କିଛିଦିନ ଉଦାସ ରହି ସେ ପୁଣି ଥରେ ହେଇଁଲା । ନୂଆ ଶାଖା ପ୍ରଶାଖା ଆନନ୍ଦରେ ଆକାଶକୁ ମେଲାଇ ଦେଲା । ସେଦିନ ଖୁବ୍ ବିରଳ ଚେନାଏ ହସ ବାପାଙ୍କ ମୁହଁରେ ଦେଖିଲି । ଗଛ ଚାରିପଟେ ମାଟିର ପିଣ୍ଡି ତିଆରି କରି ସେ ସୌଧଟିଏ ଗଢ଼ିବା ପରି ଆନନ୍ଦରେ ବିଭୋର ଦିଶିଲେ ।

ବାପାଙ୍କର ପାଖ ଦୃଷ୍ଟି ଭଲ ନଥିଲା । ଜହ୍ନମାମୁ କି ରହସ୍ୟ ଗପ ବହି ଖଣ୍ଡେ ପଢ଼ିବା ବେଳକୁ ଗୋଟେ ପୁରୁଣା ଚଷମାକୁ ପୋଛିପାଛି ଆଖିରେ ଦେଉଥିଲେ । କିନ୍ତୁ ସେ ଯେ ଆଗକୁ ଲମ୍ବିଥିବା ସମୟର ବହୁ ଦୂରକୁ ଦେଖି ପାରୁଥିଲେ ଏହା ଅନେକ ଦିନ ପରେ ବୁଝିଲି ।

ହାଟ ପଦାକୁ ପଡ଼ିଥିବା ବାଲି ରାସ୍ତାରେ ମାଟି ପଡ଼ିଲା । କେଉଁ ପାହାଡ଼ ଦେହରୁ ପଥର ଆଣି ବିଛାଇ ଦିଆଗଲା । ତା' ଉପରେ ଘର୍ଘର୍ ହୋଇ ଚାଲିଲା ହଜାର ମହଣି । ଶେଷରେ ନାଲି ଗୋଡ଼ି ବିଛାଇ ତିଆରି ହେଲା ସୁନ୍ଦର ରାସ୍ତା । ଗାଡ଼ି ମୋଟର ସହିତ ଅନ୍ନପୂର୍ଣ୍ଣା ଓ ମହାଲକ୍ଷ୍ମୀ ଦୁଇ ଖଣ୍ଡ ବସ୍ ଗାଁରୁ ସହରକୁ ଯିବା ଆସିବା କଲା ।

ବରଗଛ ମୂଳର ମାଟିପିଣ୍ଡିକୁ ବାପା ପକ୍କା କରିଦେଲେ । ଦଇନ କକା ଗୁମୁଟି ପକାଇ ସେଠାରେ ହରେକମାଲ ଦୋକାନ ଖୋଲିଲେ । ଗଛ ଉପରେ କେତେ ଚଢ଼େଇ, ତଳେ ମଣିଷ, ଗୋରୁ ଗାଈ । ପାଖ ଗାଁର ପିଲାମାନେ ସେଠାକୁ ଖେଳିବାକୁ ଆସିଲେ । ଆମ କୈଶୋର ସେଇ ବରଗଛ ତଳେ ପୁଣି ଚଳଚଞ୍ଚଳ ହେଲା । ଚାରିପଟେ ଥିବା ଗାଁର ଲୋକ, ବାଟ ଚଲା ବାଟୋଇ, ସମସ୍ତଙ୍କ ସହିତ ଗଛଟିର ସମ୍ପର୍କ ଦିନକୁ ଦିନ ନିବିଡ଼ ହୋଇ ଉଠିଲା ।

ସମୟ ଯେବେ ପଛକୁ ଯାଏ ତା' ଗତିର ପ୍ରଖରତା ଅନୁଭବ କରିହୁଏ । ବୁଝିହୁଏ ସେଇ ବିଗତ ସମୟ ସହିତ ଆମେ କେତେ ସବୁ ଦୁର୍ଲଭ ଚିଜ ହରାଇ ବସିଛୁ । ଆହା, କୁଆଡ଼େ ଗଲା ସେ ସୁନ୍ଦର ପିଲାଦିନ । ବାପାଙ୍କ ଶାସନର ଆବରଣ ତଳେ ଛପି ରହିଥିବା ସ୍ନେହ, ଗାଳି ଭିତରେ ଲୁଚିଥିବା ଆଶିଷ, ସେତେବେଳେ କିଛି ତ ବୁଝି ହେଉନଥାଏ । ଯେବେ ସବୁ କଥା ବୁଝି ହୁଏ ସେବେ ବୋଧେ ବାପା ଆଉ ନଥାନ୍ତି ସଂସାରରେ । ଜୀବନ ଯାକ କେତେ ସଂଘର୍ଷ କରି ତଥାପି ଦର୍ପରେ ଚାଲୁଥିବା ଲୋକଟି ଦିନେ ଏଇ ମାତ୍ର ଖଟରୁ ତଳକୁ ଖସି ପଡ଼ି ମରଣ ପାଖରେ ହାରିଯାଏ । ମଶାଣି ପଦାରେ ତାଙ୍କର ସେଇ ପ୍ରିୟ ବରଗଛଠାରୁ କିଛି ଦୂରରେ ଧୂଆଁ ହୋଇ ଉଡ଼ିଯାଏ କେଉଁ ଅଜଣା ଦେଶକୁ ।

ଏଇ ନିକଟରେ ମୁଁ ପରିବାର ସହିତ ଗାଁକୁ ଯାଇଥିଲି । ସେଦିନର ବାଲିବନ୍ତ ମଫସଲ ଏବେ ଅନେକ ବଦଳିଛି । ନାଲି ଗୋଡ଼ି ରାସ୍ତା ହୋଇଛି ପ୍ରଶସ୍ତ ପିଚୁ ସଡ଼କ । କେତେ ଗାଡ଼ି ମୋଟର ଅନବରତ ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଧାଉଁଛି । ଛକ ଛକରେ ଦୋକାନ ବଜାର । ଲୋକମାନେ ଗାଁ ଭିତରୁ ଉଠି ଆସି ରାସ୍ତା ପାଖରେ ପକ୍କା ଘର କରୁଛନ୍ତି । ବରଗଛଟି ଏବେ ବିପୁଳ କଳେବରରେ ମାଟି ତଳକୁ ଓହଳ ଲମ୍ବାଇଛି । ତଳେ ଥିବା ପକ୍କା ପିଣ୍ଡି ତଥାପି ଭଲ ଅଛି । ସେଇ ପିଣ୍ଡି ଉପରେ ବସି ବାପାଙ୍କ କଥା ଭାବୁ ଭାବୁ କେତେବେଳେ ମୋ ଆଖିକୁ ଛାଇନିଦ ମାଡ଼ି ଆସିଛି ।


ହଠାତ୍ ଦଲକାଏ ଶୀତଳ ପବନରେ ନିଦ ଭାଙ୍ଗିଗଲା । ମୁଁ ଚମକି ଉଠି ପଡ଼ିଲି । ମନେହେଲା କିଏ ଯେମିତି ଅତି ଧୀରେ ମୋ ମୁଣ୍ଡକୁ ଆଉଁସି ଦେଇ ପୁଣି କୁଆଡ଼େ ଅଦୃଶ୍ୟ ହୋଇଗଲେ । ■

ବିକାଶନଗର, ଅଙ୍ଗାରଗଡ଼ିଆ
ବାଲେଶ୍ୱର
ମୋ: ୬୩୭୦୬୬୧୧୪୭

## ପୁସ୍ତକ ପରିଚୟ

### ଆରବ୍ଧ ପ୍ରାରବ୍ଧ

ମହେନ୍ଦ୍ର ତ୍ରିପାଠୀ




ଅନସୂୟା ପବ୍ଲିକେଶନ୍ସ
ତ୍ରିଲୋଚନପୁର, ଡେଲାଙ୍ଗ
ପୁରୀ-୭୫୨୦୧୫
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ ୧୭୦ ଟଙ୍କା

ସାହିତ୍ୟିକ ମହେନ୍ଦ୍ର ତ୍ରିପାଠୀଙ୍କ ରଚିତ 'ଆରବ୍ଧ ପ୍ରାରବ୍ଧ' ପୁସ୍ତକ ପ୍ରକାଶ ପାଇଛି । ଏହି ପୁସ୍ତକରେ ମୋଟ ତେତିଶିଟି ପ୍ରବନ୍ଧ ସଂକଳିତ ହୋଇଛି । ଆମ ସମୟର ସାମାଜିକ ମୂଲ୍ୟବୋଧ ଓ ଆଧ୍ୟାତ୍ମିକ ଜୀବନବୋଧକୁ ନେଇ ଏହି ପୁସ୍ତକର ଅନେକ ପ୍ରବନ୍ଧ ରଚିତ । 'ଜୀବନ', 'ଆଧ୍ୟାତ୍ମିକ ଭାରତ ନିର୍ମାଣରେ ଦେଶଭକ୍ତି', 'ତ୍ୟାଗରେ ଭଗବତ୍ ପ୍ରାପ୍ତି', 'ସାହିତ୍ୟିକ ମୂଲ୍ୟବୋଧ', 'ପ୍ରସଙ୍ଗ: ଦୁଃଖ ଓ ସୁଖ', 'ମମତ୍ୱ', 'କଳା ଓ ବିଶ୍ୱକଳାକାର', 'ରେବତୀରୁ ରୁବିରାୟ', 'ଉତ୍କଳମଣିଙ୍କ କାରାକବିତାରେ ଶିବରାତ୍ରିର ମହନୀୟତା', 'ସତ୍ୟବାଦୀ ପଞ୍ଚସଖା: ଅନନ୍ୟ ଆଧ୍ୟାତ୍ମିକ ଆନ୍ଦୋଳନର ଅଗ୍ରସୈନ୍ୟ', 'ଆମ ଭାଷା ସାହିତ୍ୟର ଶବ ଶୋଭାଯାତ୍ରା', 'ପୁରସ୍କାର ପାଇଁ ସାହିତ୍ୟ', 'ସାହିତ୍ୟ ପାଇଁ ପୁରସ୍କାର', 'ଜନଗଣନା: ଆମର କିଛି ନାହିଁ', 'ଶିକ୍ଷକ ଆନ୍ଦୋଳନର କଳାତ୍ମକ ଦିଗ', ଆଦି ପ୍ରବନ୍ଧଗୁଡ଼ିକ ଜୀବନ, ସାହିତ୍ୟ, ଆଧ୍ୟାତ୍ମିକତା, ସାଂପ୍ରତିକ ସାମାଜିକ ସମସ୍ୟା ଉପରେ ଆଲୋଚନା କରାଯାଇଛି । ମଣିଷ ଜୀବନ ଓ ସମାଜକୁ ଗଭୀର ଭାବେ ଅନୁଧ୍ୟାନ କରି ପ୍ରାବନ୍ଧିକ କେତେକ ନିଷ୍ଠୁର ବାସ୍ତବ ଉଦାହରଣ ଦେଇଛନ୍ତି । 'ଆରବ୍ଧ ପ୍ରାରବ୍ଧ' ପୁସ୍ତକର ପ୍ରବନ୍ଧଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ଔର୍ କୌଆ ଉଡ଼ା ନହିଁ

ସୁଧାକର ପଣ୍ଡା



ବୋଧରସ ପ୍ରକାଶନ
ଲକ୍ଷ୍ନୌ
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୬୫ ଟଙ୍କା

ପ୍ରଫେସର ସୁଧାକର ପଣ୍ଡାଙ୍କ ହିନ୍ଦୀ ଭାଷାରେ ରଚିତ 'ଔର୍ କୌଆ ଉଡ଼ା ନହିଁ' ପୁସ୍ତକରେ ୧୨ଟି ମନଛୁଆଁ ଗପ ସଂକଳିତ ହୋଇଛି । ଏହି ପୁସ୍ତକର 'ଔର୍ କୌଆ ଉଡ଼ା ନହିଁ', 'କୁଲ୍ଲୁ ଔର୍ ଗୁଲ୍ଲୁ', 'ପିକୁଲା ଔର୍ ଛୋଟା ମାଲିକ', 'ତୋତେ ଔର୍ ବରଗଦ କା ପେଡ୍' ଆଦି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ବିଲେଇ, କୁକୁର, ପକ୍ଷୀ, ମାଛ ସମେତ ଅନ୍ୟାନ୍ୟ ଗୃହପାଳିତ ପଶୁପକ୍ଷୀଙ୍କ ଜୀବନକୁ କେନ୍ଦ୍ର କରି ଏହି ପୁସ୍ତକର କାହାଣୀଗୁଡ଼ିକ ଗତିଶୀଳ ହୋଇଛି । ଆମ ଦୈନନ୍ଦିନ ଜୀବନରେ ମାନବେତର ଜୀବଜନ୍ତୁଙ୍କ ଗଭୀର ସଂପର୍କ ରହିଛି । ସେମାନଙ୍କ ଭିତରେ ଥିବା ପ୍ରେମ, ଭାବନାକୁ ଗାଳ୍ପିକ ଅତି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି । ସେହିପରି ଗୃହପାଳିତ ପଶୁପକ୍ଷୀ ଓ ମଣିଷ ଭିତରେ ଥିବା ଅନାବିଳ ସଂପର୍କ ଅତି ମାର୍ମିକ ଭାବେ ଅନେକ ଗପରେ ପ୍ରତିଫଳିତ ହୋଇଛି । ଏହି ପୁସ୍ତକର ପ୍ରତ୍ୟେକ ଗପରେ କିଛି ନା କିଛି ଶିକ୍ଷଣୀୟ ସାମାଜିକ ବାର୍ତ୍ତା ରହିଛି । ସରଳ ଓ ବୋଧଗମ୍ୟ ଭାଷାରେ ରଚିତ ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

# 'ବିଦଗ୍ଧ ଚିନ୍ତାମଣି'ରେ ରସ ରମ୍ୟତା



ଡକ୍ଟର ଅଭିମନ୍ୟୁ ବରାଳ

ରୀତି ଯୁଗୀୟ ଓଡ଼ିଆ ସାହିତ୍ୟ ଗଗନରେ ଯେଉଁ ଉଜ୍ଜ୍ୱଳ ଜ୍ୟୋତିଷ୍କ ପୁଞ୍ଜର ଅଭ୍ୟୁଦୟ ଘଟିଥିଲା, ସେହି ଜ୍ୟୋତିଷ୍କମାନଙ୍କ ମଧ୍ୟରୁ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାର ଅନ୍ୟତମ । ତତ୍ ପ୍ରଣୀତ କାବ୍ୟ କବିତା ରାଜି ଉତ୍କଳ ସାହିତ୍ୟ ନନ୍ଦନକାନନରେ ଏକ ମନୋରମ ପାରିଜାତ ପୁଷ୍ପ । ସେହି ଦେବପୁଷ୍ପର ଅପୂର୍ବ ତଥା ପବିତ୍ର ସୌରଭରେ ଉତ୍କଳ ସାହିତ୍ୟ ବାଣୀଭଣ୍ଡାର ଅତ୍ୟନ୍ତ ସୁରଭିତ ଏବଂ ସମୃଦ୍ଧ । ସେହି ପ୍ରଥିତଯଶା କବି ଅଭିମନ୍ୟୁ ସାମନ୍ତ ସିଂହାର 'ବିଦଗ୍ଧ ଚିନ୍ତାମଣି', 'ବାଘଗୀତ', 'ଗୋବରା ଚଢ଼େଇ ଗୀତ', 'ବୋଲେ ହୁଁ ଗୀତ', 'ପ୍ରେମ କଳା', 'ରସବତୀ', 'ସୁଲକ୍ଷଣା', 'ପ୍ରେମ ଚିନ୍ତାମଣି' ଭଳି ଅନେକ କାବ୍ୟ ରଚନା କରିଥିଲେ । ସେଥିମଧ୍ୟରୁ ତାଙ୍କର ଅନବଦ୍ୟ ସୃଷ୍ଟି ହେଉଛି 'ବିଦଗ୍ଧ ଚିନ୍ତାମଣି' । ଏହି କାବ୍ୟରେ 'ଅଳଙ୍କାର ଶାସ୍ତ୍ର' ବର୍ଣ୍ଣିତ ସମସ୍ତ ରସ ପରିପୂର୍ଣ୍ଣ ହୋଇ ରହିଛି ।

ବିଦଗ୍ଧ କବି ଅଭିମନ୍ୟୁ ୧୭୬୦ ଖ୍ରୀ.ଅ.ରେ ମାଘ ଶୁକ୍ଳ ସପ୍ତମୀ ତିଥିରେ ଯାଜପୁର ଜିଲ୍ଲା ଅନ୍ତର୍ଗତ ବାଲିଆଗ୍ରାମରେ ପ୍ରସିଦ୍ଧ ଜମିଦାର ଇନ୍ଦ୍ରଜିତ ସାମନ୍ତ ସିଂହାର ଓ ତୁଳସୀ ଦେବୀଙ୍କ କୋଳ ମଣ୍ଡନ କରି ଭୂମିଷ୍ଠ ହୋଇଥିଲେ । ମାତା ତୁଳସୀ ଦେବୀ ଥିଲେ ଅତ୍ୟନ୍ତ ଧର୍ମପ୍ରାଣା,ଭକ୍ତିମତି ଏବଂ ପତିବ୍ରତା ନାରୀ । କବିଙ୍କ ସୁଯୋଗ୍ୟ ପିତା ଇନ୍ଦ୍ରଜିତ ସାମନ୍ତ ସିଂହାର ଥିଲେ ଏକାଧାରାରେ ଅସୀମ ପରାକ୍ରମଶାଳୀ ଯୋଦ୍ଧା, ରସିକ, ବିବେକୀ ଆଉ ଧାର୍ମିକ । ଏକଥା ଅଭିମନ୍ୟୁ ସ୍ୱୀୟ 'ବାଘଗୀତ'ରେ ଉଲ୍ଲେଖ କରି କହିଛନ୍ତି – "ବାଲିଆ ବୋଲି ଯେ ଏକ ନଗର । ତହିଁ ନୃପତି ସାମନ୍ତ ସିଂହାର । ରସିକ ବିବେକୀ ବଡ଼ ଧାର୍ମିକ । ପ୍ରଶଂସା କରନ୍ତି ବହୁତ ଲୋକ ।" ଐଶ୍ୱର୍ଯ୍ୟ ପ୍ରାଚୁର୍ଯ୍ୟ ମଧ୍ୟରେ ଥିଲେ ମଧ୍ୟ କବି ଅଭିମନ୍ୟୁ ବାଣୀ ଆରାଧନା ତଥା ସାରସ୍ୱତ ସାଧନାରୁ ବିରତ ହୋଇ ନ ଥିଲେ । 'ବିଦଗ୍ଧ ଚିନ୍ତାମଣି' ମହାକାବ୍ୟ ତାଙ୍କର ଶ୍ରେଷ୍ଠ କୃତି । ଉକ୍ତକାବ୍ୟରେ ରସ ଚର୍ଯ୍ୟାର ସମ୍ୟକ ଆଲୋଚନା କରିବା ।

ଅଳଙ୍କାର ଶାସ୍ତ୍ରରେ କୁହାଯାଇଛି, 'ରସ କାବ୍ୟର ଆତ୍ମା ଆଳଙ୍କାରିକ' । ବିଶ୍ୱନାଥଙ୍କ ମତରେ "ବାକ୍ୟ ରସାତ୍ମକ କାବ୍ୟମ" । ରସମୟ ବାକ୍ୟ ହିଁ କାବ୍ୟ । "ଶୁଷ୍କ କାଷ୍ଠ ପତ୍ୟନ୍ତ ଗ୍ରେ" - କବିତା ହେଲା ନାହିଁ । କିନ୍ତୁ ରସମୟ ବାକ୍ୟ- "ନିରସ ତରୁବର ପୂରୋତ ଭାତି"- କବିତା ହେଲା । ରସ ଅଲୌକିକ । 'ବ୍ରହ୍ମାନନ୍ଦ ସହୋଦର' । ପ୍ରାଚୀନ 'ଅଳଙ୍କାର ଶାସ୍ତ୍ର'ରେ ଭରତ ମୁନି ପ୍ରଣୀତ ଆଠଟି ରସ ଉପରେ ଆଲୋଚନା କରାଯାଇଛି । ଯଥା- "ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକାଃ, ବୀଭତ୍ସ, ଅଦ୍ଭୁତ ସଂଜ୍ଞୌ ଚେତ୍ୟଷ୍ଟୌ ନାଟ୍ୟ ରସାସ୍ମୃତାଃ । ଅର୍ଥାତ୍ – ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକ, ବୀଭତ୍ସ ଓ ଅଦ୍ଭୁତ । ଭରତ ମୁନି ସ୍ୱୀକୃତ ଆଠଟି ରସ ସହିତ 'ଲୋଚନ ଟୀକା'ର ଆଉ ଗୋଟିଏ ରସକୁ ଗ୍ରହଣ କଲେ । ଏହା ହିଁ 'ଶାନ୍ତ ରସ' । ପ୍ରଥମ ଆଠଟି ରସ ଧର୍ମାର୍ଥ କାମମୂଳକ ଏବଂ ଶେଷଟି ମୋକ୍ଷମୂଳକ । ଏହା ପରେ ଆସେ ଭକ୍ତିରସ କଥା । ଏହା କେବଳ ଭାବ ନୁହେଁ, ରସ ମଧ୍ୟ ।

'ବିଦଗ୍ଧ ଚିନ୍ତାମଣି' ଏକ ଭକ୍ତି ରସାତ୍ମକ କାବ୍ୟ ହେଲେ ହେଁ, ଏଥିରେ କୃଷ୍ଣ ରତିକୁ ମୁଖ୍ୟ ଭାବରେ ଗ୍ରହଣ କରାଯାଇଛି । ନାୟକ ଲଳିତ ମାଧବ ଶ୍ରୀକୃଷ୍ଣ, ନାୟିକା ମହାଭାବମୟୀ ହ୍ଲାଦିନୀ ଶକ୍ତିମୟୀ ଶ୍ରୀରାଧା । କାବ୍ୟର ପ୍ରଥମ ପର୍ଯ୍ୟାୟରେ ଚନ୍ଦ୍ରାବଳୀ ଓ ଶ୍ରୀକୃଷ୍ଣଙ୍କର ଶୃଙ୍ଗାର ଲୀଳା କଥା ବର୍ଣ୍ଣନା କରାଯାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ସଖା ଓ ସଖୀମାନେ ପରିପୋଷକ ହୋଇଅଛନ୍ତି । ଶ୍ରୀକୃଷ୍ଣ-ଚନ୍ଦ୍ରାବଳୀ ଓ ଶ୍ରୀରାଧାଙ୍କର ସମ୍ଭୋଗ- ବିପ୍ରଲମ୍ଭ ଶୃଙ୍ଗାର ମଧ୍ୟ ଦେଇ ମୋକ୍ଷ ଶୃଙ୍ଗାର ପ୍ରାଧାନ୍ୟ ଲାଭ କରିଅଛି । ଭୋଜରାଜ ଶୃଙ୍ଗାରକୁ ଏକ ମାତ୍ର ରସ ଭାବରେ ଗ୍ରହଣ କରିଅଛନ୍ତି । ତାଙ୍କ ମତରେ ଶୃଙ୍ଗାର ହେଉଛି ଆତ୍ମରତିର ନାମାନ୍ତର । ଭୋଜରାଜ କହନ୍ତି "ସକଳ ରସର ମୂଳ କାରଣ ଅହଂକାର । ଅଭିମାନ ହିଁ ଅହଂକାର ।" ଭୋଜରାଜ ଏହି ଅହଂକାର ବା ଅଭିମାନକୁ ଶୃଙ୍ଗାର ନାମ ଦେଇଅଛନ୍ତି । ଏହି ଅହଂକାରର ଚରମ ପରିଣତି ଘଟେ । ସମ୍ଭୋଗ ଶୃଙ୍ଗାର ବର୍ଣ୍ଣନା କରିବାକୁ କବି କହିଛନ୍ତି:-

"ମୁକ୍ତ କରି ଚିର ହରି । ମର୍ଦ୍ଦନ ଉରଜ କରି
ମଣ୍ଡେ ବନ୍ଧ ଆରମ୍ଭିଲେ । ମନୋଜ ବଳେ ଯେ ।"
(ବିଦଗ୍ଧ ଚିନ୍ତାମଣି: ୨୧ ଛାନ୍ଦ)

ଏଠାରେ ଉତ୍କଟ ସମ୍ଭୋଗ ଶୃଙ୍ଗାର ବର୍ଣ୍ଣିତ ହୋଇଛି । ସେହିପରି ବିପ୍ରଲମ୍ଭ ଶୃଙ୍ଗାର ବର୍ଣ୍ଣନାରେ କବି କହିଛନ୍ତି : -

ହା ହା ବଲ୍ଲଭ କେଉଁ ସୁଲଭ ଦେଲ ।
ଲଭ୍ୟ ନହେଉ ସେବା ଦୁର୍ଲ୍ଲଭ ହେଲ ଯେ ।
ଚିନ୍ତାମଣି କି ପାଇଁ ଚିନ୍ତା ମଣି କି ।
ଆଜ କି ଦେଖାଇଲ ଟାଣ ଆଣିକି ହେ । (୩୧ ଛାନ୍ଦ)

'ବିଦଗ୍ଧ ଚିନ୍ତାମଣି' କାବ୍ୟରେ କରୁଣ ରସର ମଧ୍ୟ ବର୍ଣ୍ଣନା ରହିଛି । ସେହିପରି ଏହି କାବ୍ୟରେ ବାତ୍ସଲ୍ୟ ରସ, ହାସ୍ୟ ରସ, ଭକ୍ତି ରସ ପ୍ରାବଲ୍ୟ ମଧ୍ୟ ଦେଖିବାକୁ ମିଳିଥାଏ ।

କବିଙ୍କ ଭାଷାରେ ବାତ୍ସଲ୍ୟ ରସର ବର୍ଣ୍ଣନା ବେଶ୍ ହୃଦୟସ୍ପର୍ଶୀ ହୋଇଛି ।

ନିଧନ ସଂଖାଳି ମୋର (ରେ) ଦରିଦ୍ର ପସରା
ଅନ୍ଧ ଲଉଡ଼ି ବାବୁ (ରେ) ହୃଦ ରତ୍ନହାରା ।
ମୋ କଳାମାଣିକରେ । (୬୭ ଛାନ୍ଦ)

'ବିଦଗ୍ଧ ଚିନ୍ତାମଣି'ରେ ସର୍ବତ୍ର ଭକ୍ତିରସ ବିଦ୍ୟମାନ । ଏହି କାବ୍ୟରେ କବି ଶାନ୍ତ ରସର ବର୍ଣ୍ଣନା ବିଭିନ୍ନ ପ୍ରସଙ୍ଗରେ କରିଥିବା ଜଣାଯାଏ ।

ଯେ ଯାହା ପ୍ରୀତି ସେ ତାହା ଜୀବନ
ଉଚ୍ଚନୀଚ ଲୋଭେ ନୋହେ ବଂଚନ । (୯୪ ଛାନ୍ଦ)

ବୈଷ୍ଣବମାନେ ଭକ୍ତି ରସକୁ ମୁଖ୍ୟ ଭାବରେ ଗ୍ରହଣ କରି କୃଷ୍ଣାନୁଭକ୍ତିକୁ ପ୍ରାଧାନ୍ୟ ଦେଇଅଛନ୍ତି । ଏଥିରୁ ପୁଣି ଆସିଛି ବାତ୍ସଲ୍ୟ ରସ । ଏହି ପରିପ୍ରେକ୍ଷୀରେ ଅଭିମନ୍ୟୁଙ୍କର 'ବିଦଗ୍ଧ ଚିନ୍ତାମଣି' କାବ୍ୟର ରସ ରମ୍ୟତାର ବିଚାର କରାଯାଇପାରେ । ଉକ୍ତ କାବ୍ୟରେ ଅଛି ଶୃଙ୍ଗାର ରସ, ବାତ୍ସଲ୍ୟ ରସ, ଶାନ୍ତ ରସ, ଭକ୍ତି ରସ ଓ ହାସ୍ୟ ରସ । ବୀର, ଭୟାନକ, ବୀଭତ୍ସ, ଅଦ୍ଭୁତ, ରୌଦ୍ର ରସ ଏଥିରେ ଥିଲେ ହେଁ ଅତ୍ୟନ୍ତ କ୍ଷୀଣ ଭାବରେ ରହିଛି । କରୁଣ ରସ ବିପ୍ରଲୟ ଶୃଙ୍ଗାର ମଧ୍ୟ ଦେଇ ଫୁଟି ଉଠିଛି । ସୁତରାଂ 'ବିଦଗ୍ଧ ଚିନ୍ତାମଣି'ରେ ରସ ରମ୍ୟତା ଅତ୍ୟନ୍ତ ହୃଦୟସ୍ପର୍ଶୀ । ■

ବର୍ଷଣା ବିହାର
ମନ୍ଦିରମାର୍ଗ, ସାକ୍ଷୀଗୋପାଳ, ପୁରୀ
ମୋ: ୯୯୩୭୮୩୫୨୩୦

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଢ଼ିବ ବିଜୁଳି...

ସେହିପରି ଓଏଚପିସି ଗତବର୍ଷ ୩୫୮ କୋଟିଟଙ୍କା ଲାଭ କରିଥିବା ବେଳେ ପୁଣି ଉତ୍ପାଦନ ମୂଲ୍ୟକୁ ୟୁନିଟ ପିଛା ୧୫ ପଇସା ବୃଦ୍ଧି ପାଇଁ ଯୁକ୍ତି ଦର୍ଶାଇଛି। ଓଏଚପିସିର ସମୁଦାୟ ଲାଭାଂଶ ୨୦୨୫ ପର୍ଯ୍ୟନ୍ତ ୨୩୨୦ କୋଟି ଟଙ୍କାରେ ପହଞ୍ଚିଛି।

ଶେଷଥର ପାଇଁ ୨୦୨୧-୨୨ରେ ଖୁଚୁରା ବିଜୁଳି ମୂଲ୍ୟ ୟୁନିଟ ପିଛା ୩୦ ପଇସା ବୃଦ୍ଧି ପାଇଥିବା ବେଳେ ଏହାପରଠାରୁ ଲଗାତାର ୪ ବର୍ଷ ଧରି ଆଉ ବିଜୁଳି ଦର ବଢ଼ି ନ ଥିଲା। ତେବେ ଏହି ଶକ୍ତି ଉଦ୍ୟୋଗଗୁଡ଼ିକ ପୂର୍ବ ଆର୍ଥିକ ବର୍ଷରେ ଲାଭ କରିଥିଲେ ହେଁ, ଆସନ୍ତା ଆର୍ଥିକ ବର୍ଷରେ ବିଦ୍ୟୁତ୍ ମୂଲ୍ୟ ବୃଦ୍ଧି ପାଇଁ ନିଜ ନିଜ ବାର୍ଷିକ ରାଜସ୍ୱ ଆବଶ୍ୟକତା(ଏଆର୍ଆର୍)ରେ ଦାବି କରିଛନ୍ତି, ଯାହାକୁ ନେଇ ଶକ୍ତି ସମୀକ୍ଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ବରିଷ୍ଠ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ଏହାକୁ ପ୍ରବଳ ବିରୋଧ କରି ଓଇଆର୍‌ସିରେ ଗତ ୧୬ ତାରିଖରେ ୧୮ଟି ସତ୍ୟପାଠ ଦାଖଲ କରିଛନ୍ତି।

ଶ୍ରୀ ମହାପାତ୍ର ଓଡ଼ିଶା ବିଦ୍ୟୁତ୍ ସଂସ୍କାର ନିୟମ, ୧୯୯୫କୁ ଦର୍ଶାଇ କହିଛନ୍ତି ଯେ ସର୍ବଭାରତୀୟ ସ୍ତରରେ ଓଡ଼ିଶା ପ୍ରଥମେ ବିଦ୍ୟୁତ୍ ସଂସ୍କାର କାର୍ଯ୍ୟ ଆରମ୍ଭ କରି ଉପଭୋକ୍ତାମାନଙ୍କୁ ସୁଲଭ ମୂଲ୍ୟରେ ନିରବଚ୍ଛିନ୍ନ ଓ ଗୁଣାତ୍ମକ ମାନର ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖିଥିଲା। କିନ୍ତୁ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟକ୍ଷମ ଥିବା ସରକାରୀ ଉଦ୍ୟୋଗଗୁଡ଼ିକ ଉକ୍ତ ଲକ୍ଷ୍ୟକୁ ସମ୍ପୂର୍ଣ୍ଣ ପାସୋରି ଯାଇ ଲାଭଖୋର ମନୋବୃତ୍ତିରେ ପରିଚାଳିତ ହୋଇ ଉପଭୋକ୍ତାମାନଙ୍କୁ ଶୋଷଣ କରି ଚାଲିଛନ୍ତି। ଓଡ଼ିଶା ବିଦ୍ୟୁତ ଉପଭୋକ୍ତା ସର୍ବଭାରତୀୟ ହାରଠାରୁ ଅଧିକ ବିଦ୍ୟୁତ ବିଲ ପରିଶୋଧ କରିବା ସରକାରୀ ଉଦ୍ୟୋଗ ଗୁଡ଼ିକର ବିଫଳତାକୁ ସ୍ପଷ୍ଟ ଇଙ୍ଗିତ କରୁଛି। ଓଡ଼ିଶା ଅନ୍ୟ ରାଜ୍ୟକୁ କୋଇଲା ଯୋଗାଣ କରୁଛି। ଓଡ଼ିଶାରୁ ଆମଦାନୀ କୋଇଲାରୁ ବିଜୁଳି ଉତ୍ପାଦନ କରି ପଞ୍ଜାବ ଓ ଦିଲ୍ଲୀ ପରି ରାଜ୍ୟ ନିଜ ରାଜ୍ୟର ଲୋକଙ୍କୁ ମାଗଣା ବିଜୁଳି ପ୍ରଦାନ କରୁଥିବାବେଳେ ଓଡ଼ିଶାର ଉପଭୋକ୍ତା ଉଚ୍ଚ ବିଜୁଳି ଦର ପ୍ରଦାନ କରୁଛନ୍ତି। ଟାଟା ପାୱାରର ଅତିରିକ୍ତ ସୁରକ୍ଷା ଜମା ନୋଟିସ, ସ୍ମାର୍ଟ ମିଟର ନିଷ୍ପତ୍ତିକୁ ସାଧାରଣରେ ବିରୋଧ କରାଯାଉଛି। ଏପରିସ୍ଥଳେ ଯଦି ଆସନ୍ତା ଆର୍‌ଥିକ ବର୍ଷ ପାଇଁ ବିଜୁଳି ଦର ବଢ଼େ, ଏହା ଉପଭୋକ୍ତାଙ୍କ ପାଇଁ ବେଢ଼ି ଉପରେ କୋରଡ଼ା ମାଡ଼ ସଦୃଶ ହେବ। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

### ଆମେରିକା ରାଷ୍ଟ୍ରପତି...

ନେଇଛି। ଏହା ସହିତ ଦେଶକୁ ବିପୁଳ କ୍ଷତି ସହିବାକୁ ପଡ଼ିଛି। ଇରାନକୁ ଟ୍ରମ୍ପ ବଦନାମ ମଧ୍ୟ କରିଦେଇଛନ୍ତି। ଇରାନ ଉପରେ ବିଜୟ ହାସଲ କରିବା ପାଇଁ ଟ୍ରମ୍ପ ଏପରି କରିଛନ୍ତି। ସେ ଅଶାନ୍ତି ସୃଷ୍ଟିର ସୂତ୍ରଧର ଥିଲେ। ହିଂସାକାରୀଙ୍କୁ ଉସକାଇ ଥିଲେ। ସାମରିକ ସହାୟତା ପ୍ରଦାନ କରାଯିବ ବୋଲି କହି ସ୍ଥିତିକୁ ଅଧିକ ଖରାପ କରିଦେଇଥିଲେ।

ସାମାଜିକ ଗଣମାଧ୍ୟମରେ ଭିଡିଓ ସେୟାର କରି ଖାମନେଇ କହିଛନ୍ତି ଯେ ଆମେରିକା ଉସୁକାଇବାରୁ ଅଶାନ୍ତି ସୃଷ୍ଟି ହୋଇଛି। ଇରାନକୁ ଗିଳିଦେବା ଏହାର ଉଦ୍ଦେଶ୍ୟ ଥିଲା। ଏହି ଷଡ଼ଯନ୍ତ୍ର ଇରାନର ଅଣ୍ଟା ଭାଙ୍ଗି ଦେଇଛି। ଏବେ ଏହି ଷଡ଼ଯନ୍ତ୍ରକାରୀଙ୍କ ଅଣ୍ଟା ଭାଙ୍ଗିଦେବୁ। ଇରାନ ଯୁଦ୍ଧ ଚାହୁଁନାହିଁ, କିନ୍ତୁ ଦେଶ ବିରୋଧରେ କାମ କରୁଥିବା ଲୋକଙ୍କୁ ଛଡ଼ାଯିବ ନାହିଁ ବୋଲି ଖାମନେଇ ସ୍ପଷ୍ଟ କରିଛନ୍ତି। ବିକ୍ଷୋଭରେ ୩ ହଜାରରୁ ଅଧିକ ଜୀବନ ଯାଇଛି। ଏହା ପଛରେ ଆମେରିକା ଏବଂ ଇସ୍ରାଏଲର ହାତ ରହିଛି। ଏଥିପାଇଁ ଯିଏ ସାହାଯ୍ୟ କରିଛି ତାହାକୁ ଛାଡ଼ିବୁନି। ସେ ଇରାନର ହୁଅନ୍ତୁ ଅବା ବାହାରର ସମସ୍ତଙ୍କୁ ଉଚିତ ଦଣ୍ଡ ଦେବୁ ବୋଲି ଖାମନେଇ କହିଛନ୍ତି।

### ଜଳିଗଲେ ୩ ଯୁବକ...

ହେବାରୁ ଦୁହିଁଙ୍କୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଛି। ନିଆଁର ପ୍ରକୋପ ଏତେ ଭୟାବହ ଥିଲା ଯେ ଅଟୋ ସମେତ କାର୍‌ଟି ବି ଜଳି ଯାଇଛି। କିନ୍ତୁ ରିପୋର୍ଟ ଲେଖା ହେବା ବେଳକୁ କାର୍‌ରେ ଥିବା ଯାତ୍ରୀଙ୍କ ସଂପର୍କରେ କିଛି ଜଣାପଡ଼ିନାହିଁ।

ସୂଚନାନୁଯାୟୀ, ବରୁଣ ଓ ବାବୁଲା ଫୁଲବାଣୀରେ ରହି ଯୁକ୍ତ ଦୁଇରେ ପାଠ ପଢ଼ନ୍ତି। ଆଜି ସନ୍ଧ୍ୟାରେ ଦୁହେଁ ଏକ ଅଟୋରେ ଫୁଲବାଣୀରୁ ନିଜ ଗାଁ ସଦର ବ୍ଲକ ମିଣିଆକାଠିକୁ ଫେରୁଥିଲେ। ଉକ୍ତ ଅଟୋଟିରେ ଶୈଳେନ୍ଦ୍ର ମଧ୍ୟ ଯାଉଥିଲେ। ଦାତପାଜୁ ଛକ ନିକଟରେ ବୌଦ୍ଧ ପଟୁ ଆସୁଥିବା ଏକ କାର୍ ସହ ଅଟୋଟି ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଚାହୁଁଚାହୁଁ ଗାଡ଼ି ଦୁଇଟି ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। ଏପରିକି, ଅଟୋରେ ଥିବା ଯାତ୍ରୀମାନେ ବାହାରିବାକୁ ସମୟ ପାଇ ନଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ନିଆଁ ଲିଭାଇଥିଲେ। କିନ୍ତୁ ସେତେବେଳକୁ ଅଟୋରେ ଥିବା ତିନି ଯାତ୍ରୀ ଜଳି ଯାଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ବରୁଣଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ସଦର ଥାନା ଆଇଆଇସି ପ୍ରଦୀପ ଜେନା ଓ ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

### ଦଳବିରୋଧୀ ଷଡ଼ଯନ୍ତ୍ରରେ...

ନିଷ୍ପତ୍ତି ନିଆଯାଇଛି ବୋଲି ବିଜେଡି ମୁଖପାତ୍ର ତଥା ଦଳର ମିଡିଆ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି। ଏପରିକି ପାଟକୁରା ଓ ଚମ୍ପୁଆରୁ ତୃଣମୂଳ ସ୍ତରରୁ ମତାମତ ଆସିବା ପରେ ଦଳର ନେତାମାନଙ୍କ ସହିତ ଆଲୋଚନା କରି ସଭାପତି ଏହି ନିଷ୍ପତ୍ତି ନେଇଥିବା ସେ ସୂଚନା ଦେଇଛନ୍ତି।

ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ଡ. ମହାନ୍ତି କହିଛନ୍ତି ଯେ ବିଜୟ ମହାପାତ୍ରଙ୍କ ସହ ନିଲମ୍ବିତ ଦୁଇ ବିଧାୟକ ଏକ ବଡ଼ ଷଡ଼ଯନ୍ତ୍ରର ଅଂଶ ଥିଲେ, ଯାହା ଦଳକୁ ଦୁର୍ବଳ କରିବାକୁ ଉଦ୍ଦିଷ୍ଟ ଥିଲା। ଦଳଠାରୁ କେହି ଊର୍ଦ୍ଧ୍ୱରେ ନୁହନ୍ତି। କାହା ବାପା ହୁଏତ ବଡ଼ ନେତା ହୋଇପାରିଥାନ୍ତି; ମାତ୍ର ଦଳକୁ ଦୁର୍ବଳ କରିବାର କାହାର ଅଧିକାର ନାହିଁ। ଏହି ଦୁଇ ନେତା ଦଳକୁ ଦୁର୍ବଳ କରିବାକୁ ହୀନ ଉଦ୍ୟମ କରୁଥିବା ବେଳେ ଧରାପଡ଼ିଯାଇଛନ୍ତି। ଫଳରେ ଦଳ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି ବୋଲି ସେ କହିଛନ୍ତି।

ଅରବିନ୍ଦଙ୍କୁ ନବୀନ ପଟ୍ଟନାୟକ ହିଁ ଟିକଟ ଦେଇଥିଲେ। ପାଟକୁରାରେ ଦଳର କାମ ସେ ସୂଚାରୁ ରୂପେ ତୁଲାଇବେ ବୋଲି ନବୀନ ଆଶା ରଖିଥିଲେ। ସନାତନ ମହାକୁଡ଼ଙ୍କଠାରୁ ମଧ୍ୟ ଅନୁରୂପ ଆଶା ରହିଥିଲା; ମାତ୍ର ଉଭୟ ବିଧାୟକ ଗତ କିଛି ମାସ ଧରି ଦଳ ବିରୋଧରେ ଷଡ଼ଯନ୍ତ୍ରରେ ଲିପ୍ତ ଥିଲେ। ଦୁର୍ନୀତିଗ୍ରସ୍ତ ଓ ବିଶ୍ୱାସଘାତକମାନଙ୍କୁ ସଭାପତି ନବୀନ ପଟ୍ଟନାୟକ ସଦାବେଳେ ଘୃଣା କରନ୍ତି। ଗତ ୨୪ ବର୍ଷ ମଧ୍ୟରେ ଯେଉଁମାନେ ବି ଦଳୀୟ ଅନୁଶାସନ ଭିତରେ ରହି ନାହାନ୍ତି, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେହିକ୍ରମରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି କାର୍ଯ୍ୟାନୁଷ୍ଠାନକୁ ସାରା ଓଡ଼ିଶାରେ ଦଳୀୟ କର୍ମୀ ସ୍ୱାଗତ କରିଛନ୍ତି ବୋଲି ଡ. ମହାନ୍ତି କହିଛନ୍ତି।

ବିଜେଡିରେ ସଭାପତି ନବୀନ ପଟ୍ଟନାୟକଙ୍କୁ ଆହ୍ୱାନ ଦେବାର କ୍ଷମତା କାହାର ନାହିଁ। ସ୍ୱଚ୍ଛତା, ଅନୁଶାସନ ସବୁବେଳେ ନବୀନଙ୍କ ପାଇଁ ଗୁରୁତ୍ୱ ରଖି ଆସିଛି। ବିଜେଡି ସବୁବେଳେ ଲୋକଙ୍କ ସହ ଥିଲା ଏବଂ ରହିଛି। ଲୋକେ ଏବେ ଅନୁତପ୍ତ। ଲୋକେ କହୁଛନ୍ତି ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଯେଉଁ ଡବଲ ଇଞ୍ଜିନ ସରକାର ଚାଲିଛି, ତାହା ଏକ ବିଫଳ ସରକାର। ଦଳ ଯାହା ସବୁ ପ୍ରତିଶ୍ରୁତି ଦେଇଥିଲା, ତାହା ପୂରଣ କରୁନି। ଲୋକେ କହୁଛନ୍ତି ନବୀନ ବାବୁ ଭଲ ଥିଲେ। ସେମାନେ ପୁଣି ନବୀନ ବାବୁଙ୍କ ହାତମୁଠାକୁ ଟାଣ କରିବାକୁ ଚାହୁଁଛନ୍ତି। ସେଥିପାଇଁ କିଛି ବର୍ଗ ଦଳଟିକୁ ଦୁର୍ବଳ କରିବାକୁ ଲାଗିଛନ୍ତି। ସେଥିରେ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ ସଂପୃକ୍ତ ଅଛନ୍ତି। ପ୍ରଚ୍ଛଦରେ ରହି ବିଜୟ ମହାପାତ୍ର ସେମାନଙ୍କୁ ସହଯୋଗ କରୁଥିଲେ ବୋଲି ଲେନିନ କହିଛନ୍ତି।

ବିଜେଡିକୁ ଦୁର୍ବଳ କରିବା ପାଇଁ ସନାତନ ମହାକୁଡ, ବିଜୟ ମହାପାତ୍ର ଓ ଅରବିନ୍ଦ ମହାପାତ୍ରଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା। କିଏ ବ୍ୟାକ୍‌ଅପ୍ ଦେବ, କିଏ ସଂଗଠିତ କରିବ ଓ କିଏ କାର୍ଯ୍ୟକାରୀ କରିବ, ତାହା ସ୍ଥିର ହୋଇସାରିଥିଲା। ଯେତେବେଳେ ଏହା ସ୍ପଷ୍ଟ ହୋଇଗଲା, ସେତେବେଳେ ବିଶ୍ୱାସଘାତକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଗଲା। ଅରବିନ୍ଦ ମହାପାତ୍ର ପ୍ରମାଣ ମାଗିବା ସମ୍ପର୍କରେ ଡ. ମହାନ୍ତି କହିଛନ୍ତି ଯେ ସେ କୋର୍ଟକୁ ଯାଆନ୍ତୁ। ଯେଉଁଠି ଦରକାର ସେଠାରେ ଆମେ ପ୍ରମାଣ ଦେବୁ। ସେଥିରେ କିଛି ଅସୁବିଧା ନାହିଁ। ବାହାରକୁ ନିରୀହ ଦେଖାଯାଉଥିବା ସମସ୍ତ ବ୍ୟକ୍ତି ସରଳ ନୁହନ୍ତି ବୋଲି ସେ ଅରବିନ୍ଦଙ୍କ ଉଦ୍ଦେଶ୍ୟରେ କହିଛନ୍ତି।

### ବାଂଲାଦେଶରେ ହିନ୍ଦୁ...

୫,୦୦୦ ଟଙ୍କାର ପେଟ୍ରୋଲ ଭରିଥିଲା। କିନ୍ତୁ ଡ୍ରାଇଭର ପଇସା ନଦେଇ ପଳାଇଯାଉଥିଲେ। ରୋକିବା ଫଳରେ ସେ ରିପନଙ୍କ ଉପରେ ଗାଡ଼ି ଚଢ଼ାଇଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ ବୋଲି ପୁଲିସ କହିଛି। ପୁଲିସ ଏହାପରେ ଗାଡ଼ି ଜବତ କରିବା ସହ ଏସ୍‌ୟୁଭି ଡ୍ରାଇଭର ଅବୁଲ ହାସୋମ ଓ ଡ୍ରାଇଭର କମାଲ ହୁସେନଙ୍କୁ ଗିରଫ କରିଛି। ଅବୁଲ ହାସେମ ଜଣେ ଠିକାଦାର ଓ ସେ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି)ର ରାଜବାଡ଼ି ଜିଲ୍ଲାର ପୂର୍ବତନ କୋଷାଧ୍ୟକ୍ଷ ଓ ଜିଲ୍ଲା ଯୁବ ଦଳର ପୂର୍ବତନ ଅଧ୍ୟକ୍ଷ ଭାବେ ଦାୟିତ୍ୱରେ ଥିଲା। ଗତ ଡିସେମ୍ବର ୧୮ ପରଠାରୁ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ସ୍ଥାନରେ ୮ ଜଣ ହିନ୍ଦୁ ଲୋକ ହତ୍ୟାର ଶିକାର ହେଲେଣି।

### ଛତିଶଗଡ଼ ସହ ଆଲୋଚନା...

ମଗାଯିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି।

ସେହିପରି ବିଜେଡିର ବରିଷ୍ଠ ବିଧାୟକ ତଥା କମିଟି ସଦସ୍ୟ ନିରଞ୍ଜନ ପୂଜାରୀ କହିଛନ୍ତି ଯେ ମହାନଦୀ ବିବାଦରେ ସରକାର ଛତିଶଗଡ଼ ସହ କ'ଣ ଆପୋସ ବୁଝାମଣା କରୁଛନ୍ତି, ତାହାକୁ ସାର୍ବଜନୀନ କରିବା ପାଇଁ ଆମେ ଦାବି କରିଥିଲୁ। ଏହା ସହ ଏକ ସର୍ବଦଳୀୟ ବୈଠକ ଡାକି ସମସ୍ତଙ୍କ ମତ ନିଆଯାଉ। ଏଥିରେ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା ହେଉ ବୋଲି ଆମର ଦାବି ରହିଥିଲା। ଏହି ଦାବିକୁ ସରକାର ଗ୍ରହଣ କରିଛନ୍ତି। ଆସନ୍ତା ବୈଠକରେ ଏନେଇ ବିସ୍ତୃତ ଆଲୋଚନା ହେବ ବୋଲି ସେ କହିଛନ୍ତି।

ଅପରପକ୍ଷେ ସରକାରଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଓଡ଼ିଶାର ସ୍ୱାର୍ଥକୁ ପ୍ରାଥମିକତା ଦେବା ସହ ଉପମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କମିଟି ଛତିଶଗଡ଼ ସହ ଆପୋସ ସମାଧାନ ଦିଗରେ ଆଲୋଚନା କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ବିବାଦରେ ଗଠିତ ଟ୍ରିବ୍ୟୁନାଲର କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ମାସ ୧୩ ତାରିଖରେ ଶେଷ ହେଉଥିବାରୁ ଏହାର ଅବଧି ବୃଦ୍ଧି ପାଇଁ ଆବେଦନ କରାଯାଇଛି। ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ନିରଞ୍ଜନ ପୂଜାରୀ, କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦୋସ, ଆଡ୍‌ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟଙ୍କ ସମେତ ଜଳ ସମ୍ପଦ ବିଭାଗ ପ୍ରମୁଖ ସଚିବ ଶୁଭା ଶର୍ମା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ର ଯାଦବ ଓ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ରାଉରକେଲା ବିମାନ...

ବେଳେ ଦୁର୍ଘଟଣା ଘଟିଥିଲା। ଏଥିରେ ବିମାନର ୨ ପାଇଲଟ୍ କ୍ୟାପଟେନ୍ ନବୀନ ଖାଡ଼ଙ୍ଗା ଓ କ୍ୟାପଟେନ୍ ତରୁଣ ଶ୍ରୀବାସ୍ତବଙ୍କ ସମେତ ଯାତ୍ରୀ ସୁଶାନ୍ତ କୁମାର ବିଶ୍ୱାଳ, ତାଙ୍କ ଭଉଣୀ ଅନୀତା ସାହୁ, ସୁନୀଲ ଅଗ୍ରୱାଲ୍ ଓ ତାଙ୍କ ପତ୍ନୀ ସବିତା ଅଗ୍ରୱାଲ୍ ଆହତ ହୋଇଥିଲେ। ସମସ୍ତଙ୍କୁ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରଥମ ଦିନରୁ ହିଁ ଅଧିକ ଚିକିତ୍ସା ପାଇଁ ନିଜ ଖର୍ଚ୍ଚରେ ସୁନୀଲ ଅଗ୍ରୱାଲ୍ ଓ ତାଙ୍କ ପତ୍ନୀ ସବିତା ଅଗ୍ରୱାଲ୍ ମୁମ୍ବାଇକୁ ଏୟାରଲିଫ୍ଟ ହୋଇଥିଲେ। ସୁଶାନ୍ତଙ୍କର ଅବସ୍ଥା ସ୍ୱାଭାବିକ ରହିଥିବା ବେଳେ ଗତକାଲି ତାଙ୍କ ଫୁସଫୁସ୍‌ରେ ସଂକ୍ରମଣ ଦେଖାଦେଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏୟାର ଆମ୍ବୁଲାନ୍ସରେ ମୁମ୍ବାଇର ଲୀଳାବତୀ ହସ୍ପିଟାଲକୁ ସ୍ଥାନାନ୍ତର ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ହେଲେ ଏହା ପୂର୍ବରୁ ତାଙ୍କର ଜୀବନ ଚାଲି ଯାଇଥିଲା। ତାଙ୍କ ଭଉଣୀ ଅନୀତା ଏବଂ ପାଇଲଟ୍‌ଦ୍ୱୟଙ୍କ ଅବସ୍ଥା ଠିକ୍ ରହିଥିବା କୁହାଯାଉଛି।

## ଡିଜେ ନେଲା ଜୀବନ

ତିଗିରିଆ, ୧୭।୧ (ସମିସ): ସରକାରଙ୍କ ପକ୍ଷରୁ ଡିଜେକୁ ନିଷିଦ୍ଧ କରାଯାଇଥିବା ବେଳେ ବ୍ୟାଣ୍ଡ ପାର୍ଟି ଏହାକୁ ଖୁଲମଖୁଲା ଉଲ୍ଲଙ୍ଘନ କରୁଛନ୍ତି। ଗତକାଲି ବିଳମ୍ବିତ ରାତିରେ ବାହାଘର ଶୋଭାଯାତ୍ରାର ଡିଜେରେ ଦିଆଯାଇଥିବା ଭାଇବ୍ରେଟର ଓ ସାଉଣ୍ଡକୁ ସହ୍ୟ କରି ନପାରି ଛାତି ଯନ୍ତ୍ରଣାରେ ଲକ୍ଷ୍ମୀଧର ଚନ୍ଦ (୪୬) ଅକାଳରେ ଟଳିପଡ଼ିଛନ୍ତି। ତିଗିରିଆ ଥାନା ନୂଆପାଟଣା ପଞ୍ଚାୟତ ଅଧିନ ସୁରେନ୍ଦ୍ରପାଟଣା ଗ୍ରାମରେ ଏହି ହୃଦୟ ବିଦାରକ ଘଟଣା ଘଟିଛି। ଡିଜେ ସାଉଣ୍ଡ ସିଷ୍ଟମକୁ ସଂପୂର୍ଣ୍ଣ ବାରଣ କରିବା ଓ ମୃତ ଯୁବକର ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦାବି ନେଇ ଶନିବାର ମୃତ ଯୁବକଙ୍କ ଶବକୁ ରାସ୍ତାରେ ରଖି ନ୍ୟାୟ ପାଇବା ଆଶାରେ ସ୍ଥାନୀୟ ବାସିନ୍ଦା ଓ ପରିବାର ସଦସ୍ୟ ରାସ୍ତାରୋକ କରିଥିଲେ। ପୁଲିସ ପ୍ରଶାସନ, ତହସିଲଦାର ଓ ଜନ ପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲେ ହେଁ ସଂପୃକ୍ତ ଘଟଣାକୁ ନେଇ ନୂଆପାଟଣାରେ ଉତ୍ତେଜନା ଜାରି ରହିଛି। ଏହି ଘଟଣାର ପ୍ରତିବାଦରେ ନୂଆପାଟଣା ବଜାର ବନ୍ଦ ରହିଥିଲା। ଏହି ଘଟଣାରେ ବର ଓ ବର ପିତାଙ୍କ ନାମରେ ତିଗିରିଆ ଥାନାରେ ମାମଲା ରୁଜୁ ହୋଇଛି।

## ଶିମିଳିପାଳରୁ ହାତୀର ଗଳିତ ଶବ ଠାବ

ବାରିପଦା, ୧୭।୧ (ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନର ପୋଡ଼ାଡିହା ଓ ଭଞ୍ଜବସା ରେଞ୍ଜ ସୀମାବର୍ତ୍ତୀ ଅଞ୍ଚଳରୁ ଏକ ହାତୀର ଗଳିତ ମୃତଦେହ ଠାବ ହୋଇଛି। ବନ କର୍ମଚାରୀ ପାଟ୍ରୋଲିଂ କରିବା ବେଳେ ହାତୀଟିର ଗଳିତ ମୃତଦେହକୁ ଠାବ କରି ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ତେବେ ହାତୀ ମୃତ୍ୟୁର କାରଣ, ବୟସ କିମ୍ବା ଲିଙ୍ଗ ଖବର ଲେଖା ହେବା ବେଳକୁ ଜଣାପଡ଼ିନାହିଁ। ସୂଚନାଯୋଗ୍ୟ, ୨ ଦିନ ତଳେ ଠାକୁରମୁଣ୍ଡା ଅଞ୍ଚଳରୁ ଏକ ୬୦ ବର୍ଷ ବୟସର ମାଈ ହାତୀର ମୃତଦେହ ଉଦ୍ଧାର ହୋଇଥିଲା।


**OFFICE OF THE PRINCIPAL**
**GANDHI MAHAVIDYALAYA ROURKELA-04**

No.137/GM Date 17.01.2026

**QUOTATION CALL NOTICE**

Sealed quotations are invited from Registered Firms / Publishers / Book stores for Supply of books (both +2 & +3) amounting more than Rs. 2,00,000/- (Rupees Two lakhs) only for college library. Further, printing press are also requested to submit quotation for printing of College Magazine - 2025-26 (1500 Nos. having around 120 pages). The firms may visit the college website - **www.gmvrkl.ac.in** for the detailed specification.

Sd/- Principal
Gandhi Mahavidyalaya, Rourkela-04

**GOVERNMENT OF ODISHA** L-166
**DEPARTMENT OF AGRICULTURE AND FARMERS' EMPOWERMENT**
**OFFICE OF THE EXECUTIVE ENGINEER (AGRIL.), AGRIL. ENGG DIVISION, RAYAGADA**
**No. 60 Date: 16/01/2026**
**INVITATION FOR BIDS (IFB)**
**e-procurement notice**

**Bid identification number / Tender call notice no - EE (A)-06 of 2025-26**

The Executive Engineer (Agril.), Agril. Engg Division, Rayagada who has been authorized as the procuring officer for the projects of Agril. Engg Division, Rayagada is directed to invite percentage rate bid on behalf of the Government of Odisha for the Civil construction works (including IE and PH works) under Rayagada Division. The costs of the project are approximately **25.21 to 33.18 Lakhs** (Excluding GST & LC).

Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from **https://tendersodisha.gov.in from 19.01.2026 at 11:00 hours** to 31.01.2026 at 17:30 hours.

The bid will be opened on 02.02.2026 at 11:00 AM hours and onwards in the O/o Executive Engineer, Agril. Engg Division, Rayagada. All other details regarding term and conditions, corrigendum from time to time if any, DTCN etc. can be seen and downloaded from **https://tendersodisha.gov.in**.

OIPR-
Executive Engineer (Agril.)
Agril. Engg Division, Rayagada

**OFFICE OF THE MUNICIPAL COUNCIL, TITILAGARH** C-2125
(Deptt. of Housing & Urban Development Govt. of Odisha)
At/Po- Titilagarh, Dist.- Balangir-767003, email- titilagarhmunicipality@gmail, www. Titilagarhmunicipality.in

**QUOTATION CALL NOTICE**
No.296 / dtd.16.01.2026

Sealed Quotation are invited from the reputed Company / Firms / Suppliers having GSTIN, PAN Card and other related document for supply fitting fixing of pole & LED Light with all accessories as per mentioned bellows within the jurisdiction of Titilagarh Municipality area. The last date of receipt of quotation is 31.01.2026 upto 1,00 PM and (he same will be opened on 4.00 PM on the same day. The quotation should must accompanied with Rs.6000/- (non- refundable) as paper cost in shape of MR of Titilagarh Municipality or DD in favour of Executive Officer, Titilagarh Municipality, EMD forRs.15000. in shape of Fixed deposit / KVP/ NSC in favour of the Executive Officer. Titilagrh Municipality along with GST certificate, PAN card and Company price list (If any). Quotation received by the office after the scheduled date & time as mentioned above shall not be entertained. The certified company rate chart should must furnish in Quotation the Authority has reserved the right to reject any or all quotations without assigning any reason thereof.

| sl No | Description | Unit | Minimum Requirement | Rate | Amount |
|---|---|---|---|---|---|
| 1 | Supply of 8.0 Mtr length continuously tapered, single piece, 3 mm thick Galvanized Octagonal pole. The face to face dimension is 130mm at bottom and 70mm at top dia. and size of base plate is 200x200x12 mm thick with suitable foundation bolt. | No. | 14 | | |
| 2 | Foundation for 8 mtr pole: - Construction of suitable shallow foundation with M-25 concrete for the Octagonal pole with all materisals & labours. | No. | 14 | | |
| 3 | Supply of Foundation Nut & Bolts 600mm X 20mm Suitable for 8 Mtr Octagonal Pole. | Set | 14 | | |
| 4 | Supply of 1 Meter long Double Arm GI Bracket suitable for 70mm Top Dia and 40mm for fixing of Street light with Nut & Bolts complete. | No. | 14 | | |
| 5 | Supply of 120 Watt LED Street Light Luminaire (Jaquar / Philips / Havels or its equivalent) with second optics made in pressure die cast housing and heat sink in aluminium extrusion with IP66 150Watt LED Street light fitting. | No. | 28 | | |
| 6 | Supply of 5 Meter Long GI Tubular Pole of Size (3"x2") with fabrication, welding, cutting and painting complete with base plate for supporting of pole complete suitable for fixing of Design Light | No. | 13 | | |
| 7 | Foundation for 5 mtr. pole .-Tubular with all concrete material and labour at the site as per direction of Engineer-in-charge. | No. | 13 | | |
| 8 | Supply of 40 Watt LED Ring gate post top Light (Warm White) LED post top made in cast aluminum with decorative opal polycarbonate diffuser with IP 65 Protection (Jaquar / Philips / Havels or its equivalent) | No. | 12 | | |
| 9 | Supply of 2.5 sqmm 3 core Copper flexible cable ( for Connection of Street light & Decorative light) | Mtr | 200 | | |
| 10 | Supply of 4 x 16 sqmm Aluminum Armored Cable for Underground cabling. | No. | 780 | | |
| 11 | 32/40 MM HDPE Pipe for Underground Cabling with laying charges. | Mtr | 800 | | |
| 12 | Earthling ( as per Govt. Norms) ;_coil type of coil -50 mm dimension 150 turns 2.5 m lead GI 85 WG | No. | 27 | | |
| 13 | Errection Charges for installation of 8 mtr Octagonal pole and light excluding cost of materials. | No. | 14 | | |
| 14 | Errection Charges for installation of 5 mtr Octagonal pole and light excluding cost of materials. | No. | 13 | | |
| 15 | Supply and fixing of Outdoor type 100 AMP Panel box complete. | No. | 1 | | |

The Details of items, terms and condition of the quotation will be available in the office of the undersigned during office hour on all working days w.e.f. from date of publication of this quotation and District website also.

The undersigned reserves the right to accept or reject any or all the Quotations without assigning reason thereof.

OIPR-
Executive Officer
Titilagarh Municipality

Phone No. (06854) 241159 / 232714
Email: ceo@koraputccb.com

**KORAPUT CENTRAL CO-OPERATIVE BANK LTD.,**
HEAD OFFICE: N.K.T. ROAD, JEYPORE – 764003: DIST: KORAPUT (ODISHA)

Letter No. 6223/P&S/2025-26 Date 17.01.2026

**QUOTATION CALL NOTICE**

Sealed quotations are invited from the Authorised firms / individual with supported valid GST & PAN are requested to submit their sealed quotations for supply of approximately 56 nos. of 12 V (100 AH) SMF-AMARON QUANTA Batteries through buy back system of (100 AH batteries) and 1 No. of NUMERIC 15 KVA online UPS for the Head office & Branch Bank before the undersigned on or before **Dt. 27.01.2026** by **2.00 P.M** latest as per following specification along with 2% security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as **UPS & Batteries** on envelop.

The tender will be opened on **Dtd. 27.01.2026 at 4.00 P.M** in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members. The details are as hereunder:

| Sl. No. | Particulars | Approximate required in Nos. |
|---|---|---|
| 1. | 12 V 100 AH SMF-AMARON QUANTA Batteries | 56 |
| 2. | NUMERIC 15 KVA online UPS | 1 |

Buy back of batteries & UPS

| Sl. No. | Particulars | Approximate in Nos. |
|---|---|---|
| 1. | 100 AH Batteries | 56 |
| 2. | NUMERIC 15 KVA online UPS | 1 |

The above items should be quoted including GST, Transportation, Installation charges and supply at any branch bank of the Koraput Central Cooperative Bank Ltd., Jeypore (within undivided Koraput District). The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof.

Taxes will be deducted as applicable at the time of payment of Bill amount.

For any queries, please contact to Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: 9777519964.

Secretary
K.C.C. Bank Ltd. Jeypore

O-2068

OFFICE OF THE EXECUTIVE ENGINEER,
RWS&S DIVISION, KENDRAPARA.
At : Ichhapur, Post : Shree Baladevjew, Email: eerwsskendrapara@gmail.com

**INVITATIONS FOR BIDS (IFB) [e-Procurement]**
Bid Identification No. RWS/ 67 /2025-26
Letter No. 50 / Dated 09.01.2026

1. The Executive Engineer, RWS&S Division, Kendrapara on behalf of Governor of Odisha invites percentage bid in **SINGLE** cover system in **ONLINE MODE** from eligible contractors for Sinking of 200 mm dia Production well for different Rural Piped Water Supply Schemes in Kendrapara District.
2. Name of the work : Sinking of 200 mm dia Production well through Mud Rotary Rigs for different RPWS Schemes in Kendrapara District.
3. No. of Work : 06 Nos. ( Six) only
4. Value of the Work : ₹ 6.31 lakhs to ₹ 7.27 Lakhs
5. Concerned tender inviting authority : Executive Engineer, RWS&S Division, Kendrapara
6. Cost of Bid documents (Rs.) (Online) : ₹ 4000/-.
7. Cost of Security deposit (Online) : ₹ 6400 to ₹ 7300/-
8. Class of Bidder : "D" and "C"
9. Period of Completion : 45 days
10. Availability of bid documents in the website : From date. 19.01.2026 at 10.00 A.M to date. 29.01.2026 till 5.30 P.M
11. Last Date & Time of seeking tender clarification : Up to 21.01.2026 till 5.30 P.M
12. Date of Opening of Bid : 30.01.2026 at 11.00 A.M onwards

The bidders have to participate in the tender through ONLINE bidding only. Further details can be had from the website i.e http://tendersodisha.gov.in. The bid shall be accompanied with valid Contractor Registration Certificate, PAN, GST, No relation certificate in Schedule-A, Affidavit in support of authenticity of documents in Schedule-F and information regarding current litigation in Schedule-E.
Subsequent corrigendum / addendum if required shall only be appeared in the above website.

OIPR-
Executive Engineer,
RWS&S Division, Kendrapara

**AFFIDAVIT**

By virtue of an affidavit sworn before Executive Magistrate, Cuttack, dtd. 16.01.2026, I, Adeeba Kafil Khan, C/o- Dr. Kafilul Bari Khan, At- Dewan Bazar, Moti Gali, Po- Buxi Bazar, Ps.- Lalbag,Cuttack, Pin-753001, Odisha do hereby solemnly declare that I have changed my name from Adeeba Kafil to Adeeba Kafil Khan. Henceforth, I shall be known as **Adeeba Kafil Khan** for all purposes.

**AFFIDAVIT**

By virtue of an affidavit No. 350, dated : 13.01.2026 sworn before Executive Magistrate, Bhadrak, I, Suryamani Rout, S/o. Nityananda Rout, resident of At-Chinamali, PO-Kenduapada, PS-Bhadrak (R), Dist-Bhadrak, Odisha,Pin- 756112, solemnly affirm that I have changed my minor son's name from **Subhankar Rout** to **Subham Rout.** Henceforth he shall be known as **SUBHAM ROUT** for all future purposes.

*Suryamani Rout*

**FOR SALE**

1 Number of TRACTOR – KUBOTA MU 4501 4WD, Registration No.- OD-22-W-9831 Model- 2023, ENGINE NO – BMW2476, CHASSIS NO - KBULBADNENEA53943, For Details, contact – 8895995989, 9437355692, Second floor, Plot No- 353/2585, Building No- 723/1793, At-Bypass Chhaka, Above Punjab National Bank, Po- Salandi Bypass, Via- Kuansa, Bhadrak - 756100, PH. NO- 06784-250703.

**AFFIDAVIT**

By virtue of an affidavit (SI No. 21, dtd- 15.01.2026) before the Notary Public, Bhubaneswar. I, **Bhabesh Maheswari**, S/o Radhakrishna Bihani, resident of At- Chachohika Bani NAC, PS- Banki, Dist- Cuttack, Odisha have changed my name from **Balkishan Bihani to Bhabesh Maheswari** for all purposes.

**AFFIDAVIT**

By virtue of an affidavit EN no. O-317/80, before the Executive Magistrate, Bhubaneswar, dtd 13.01.2026, I, Sangeeta Mohapatra, W/o- Pralaya Ranjan Baral, resident of Dimiri, Noda, Gobindpur, Dist- Cuttack do hereby declare that my correct name is Sangeeta Mohapatra. But before marriage my name was Sangita Mohapatra and after marriage my name has been changed as Sangita Baral in certain records. That Sangeeta Mohapatra, Sangita Mohapatra, and Sangita Baral all are one and the same person, i.e., myself. Henceforth, I shall be known as Sangeeta Mohapatra for all purposes.

**Sd/- Sangeeta Mohapatra**

**AFFIDAVIT**

By virtue of on affidavit sworn before Executive Magistrate, Kujang, No- 4045, dtd- 17/12/2025. I, Mrutunjay Baliarsingh, resident of At- Shiriapada, Po- Olhan, Ps- Gadisagoda, Block- Kanas, Dist- Puri, Odisha, Pin- 752019, declare that I have changed my name from **Mrutunjaya Majhi to Mrutunjay Baliarsingh.** Henceforth, I shall be known as **Mrutunjay Baliarsingh** for all purposes.

**Mrutunjay Baliarsingh**

**AFFIDAVIT**

By virtue of an affidavit (SI No. 22, dtd- 15.01.2026) before the Notary Public, Bhubaneswar. I, **Maheshwari Sunita Bhavesh**, W/o Bhavesh Maheshwari, resident of At- Chachohika Bani NAC, PS- Banki, Dist- Cuttack, Odisha have changed my name from **Sunita Bihani to Maheshwari Sunita Bhavesh** for all purposes.

**AFFIDAVIT**

By Virtue Of an Affidavit CF no. 86 dtd. 17.01.2026 the Executive Magistrate Nayagarh, I Bijaya Kumar Naik, S/o- Baikuntha Naik, At/Po- Patabandha, Ps- Bolagarh, Dist- Khordha, Declar That I have changed my name Bijay Naik to Bijaya Kumar Naik. Henceforth I Shall be known as **Bijaya Kumar Naik** for all purposes.

**FOR SALE**

1 Number of TRACTOR –KUBOTA MU 5502 4WD, Registration No.- OD-22-X-1568 Model- 2023, ENGINE NO – BPG1638, CHASSIS NO - KBULBBDNJPEF53228, For Details, contact – 8895995989, 9437355692, Second floor, Plot No - 353/2585, Building No- 723/1793, At-Bypass Chhaka, Above Punjab National Bank,Po-Salandi Bypass, Via- Kuansa, Bhadrak - 756100, Ph. No- 06784-250703.

**AFFIDAVIT**

By virtue of an affidavit sworn before Notary Public, Jaleswar, dated 02.01.2026, I, Rama Hansda, Vill- Padasahi, Patharpura, Po/Ps- Jaleswar, Dist.- Baleshwar-756032 declare that I have changed my minor daughter's name from Buddha Hansda to Shankari Hansda. Henceforth,she will be known as Shankari Hansda for all purposes.

Sd/- Rama Hansda

**AFFIDAVIT**

By virtue of an Affidavit before Notary Public, Malkangiri, I **DURPATI GULLEL**, aged about 31 Years, W/o: RAMA GULLEL, resident of village: Gullelput, Suku, Dist.: Koraput, Odisha- 764021, declare by this Affidavit No.:166/2026, Dated:17/01/ 2026 that I have changed my name from Drapati Lokai to Durpati Gullel. Henceforth I shall be known as **Durpati Gullel** for all future purposes.

**AFFIDAVIT**

By virtue of an affidavit (CF No.38, dtd- 16.01.2026) sworn before The Executive Magistrate, Bhubaneswar. I, **Chittaranjan Prusty,** S/o- Debaraj Prusty, resident of At/Po- Kishoreprasad, Badasahi, Ps- Gania, Dist- Nayagarh, Odisha, PIN- 752085 declare that I have changed my minor daughter's name from **Ayushi Priyadashini to Ayushi Priyadarshini** in her Admission Card & School Records. Henceforth, she shall be known as **Ayushi Priyadarshini** (new name) for all purposes.

**Chittaranjan Prusty**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-CCTV-PMS-KUR-535, ତା. 09.01.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର 9 PMS (ପାର୍ସଲ୍ ମ୍ୟାନେଜମେଣ୍ଟ ସିଷ୍ଟମ୍) ସ୍ଥାନଗୁଡ଼ିକରେ 47 CCTV ଗୁଡ଼ିକର ଯୋଗାଣ ଏବଂ ସଂସ୍ଥାପନ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 24,43,618.33, EMD (ଟଙ୍କାରେ) : 48,900/-।

ବିଡ୍ ଅପଲୋଡ଼ ହେବା ତାରିଖ : ତା.19.01.2026 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.02.02.2026 ରିଖ 1100 ଘଣ୍ଟାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ହାତକୋରିୟରାପାଇଁ କରିଥିବା କିମ୍ବା ବାଲ୍କିଙ୍ଗ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦାପି ଏଗୁଡ଼ିକ ଫର୍ମ (Firm)ର ଟେଣ୍ଡର ବାକ୍ସରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଇ-ଟେଣ୍ଡର ୱେବସାଇଟ www.ireps.gov.inରେ ଉପଲବ୍ଧ ଅଛି।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିଶିଷ୍ଟ/ଶୁଦ୍ଧିପତ୍ର ଜାରି କରାଯିବ ଏବଂ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଟେଣ୍ଡରକୁ ପୁନଃ ପରିବର୍ତ୍ତନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ୍

PR-1021/Q/25-26

## ମନରେଗା, ୩୦୦ ୟୁନିଟ୍ ବିଦ୍ୟୁତ୍ ବିଲ୍ ଛାଡ଼

# ଧାନ ଅଭାବୀ ବିକ୍ରିକୁ ନେଇ ଗର୍ଜିଲା କଂଗ୍ରେସ



ଝାରସୁଗୁଡ଼ା,୧୭।୧(ସମିସ): ଦେଶରେ ମନରେଗା ବ୍ୟବସ୍ଥାକୁ ବନ୍ଦ କରିବା, ୩ଶହ ୟୁନିଟ ବିଦ୍ୟୁତ ବିଲ ଛାଡ କରିବା ଆଳରେ ରାଜ୍ୟବାସୀଙ୍କୁ ଠକିବା ଏବଂ ବର୍ତ୍ତମାନ ସାରା ରାଜ୍ୟରେ ଚାଷୀ ଅଭାବୀ ଧାନ ବିକ୍ରିର ଶିକାର ହେବା ଘଟଣାକୁ କଂଗ୍ରେସ ପକ୍ଷରୁ ପ୍ରବଳ ବିରୋଧ କରାଯାଇଛି। କଂଗ୍ରେସ ରାଜ୍ୟ ପ୍ରଭାରୀ ଓ ପିସିସି ସଭାପତିଙ୍କ ନେତୃତ୍ୱରେ ଝାରସୁଗୁଡ଼ା ପୁରୁଣା ବସଷ୍ଟାଣ୍ଡ ଠାରୁ ବେହେରାମାଲ ପର୍ଯ୍ୟନ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଓଡ଼ିଶା ଦାୟିତ୍ୱରେ ଥିବା ପ୍ରଭାରୀ ଅଜୟ ଲଲ୍ଲୁ ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଦାସ ଝାରସୁଗୁଡ଼ାରେ ହୋଇଥିବା ବିକ୍ଷୋଭ ସମୟରେ କହିଛନ୍ତି ଯେ ୟୁପିଏ ସରକାର ଦ୍ୱାରା ୨୦୦୫ରେ ଆଗତ ହୋଇଥିବା ମନରେଗା ଯୋଜନା ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ମଜୁରି ଭିତ୍ତିକ ରୋଜଗାର ଦାବି କରିବାର ଆଇନଗତ ଅଧିକାର ଦେଇଥିଲା। କେନ୍ଦ୍ର ସରକାର ଏହି ଆଇନକୁ ହଟାଇ ନୂତନ ଆଇନ ତିଆରି କରି ଶ୍ରମିକଙ୍କୁ ନିଜ ହକରୁ ବଞ୍ଚିତ କରିଛନ୍ତି, ରାଜ୍ୟରେ ସାଧାରଣ ନିର୍ବାଚନ ସମୟରେ ୩ ଶହ ୟୁନିଟ ବିଦ୍ୟୁତ ବିଲ ଛାଡ କରିବୁ ବୋଲି ମିଥ୍ୟା ପ୍ରତିଶ୍ରୁତି ଦେଇ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବା ଏବଂ ସାରା ରାଜ୍ୟରେ ଚାଷୀ ଅଭାବୀ ଧାନ ବିକ୍ରିର ଶିକାର ହେବା ସହିତ କେନ୍ଦ୍ର ଓ ରାଜ୍ୟ ସରକାର ନିଜ ମନମାନୀରେ ଦେଶ ଓ ରାଜ୍ୟବାସୀଙ୍କୁ ଚଳାଉଥିବା କଂଗ୍ରେସ ଅଭିଯୋଗ କରିଥିଲା। ଏହାସହ କଂଗ୍ରେସ କର୍ମୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିବା ସହିତ ତାଙ୍କ ସମସ୍ତ ନୀତିକୁ ବିରୋଧ କରିଥିଲେ। ଏହି ବିକ୍ଷୋଭ ସମୟରେ ସଭାରେ ଜିଲ୍ଲା କଂଗ୍ରେସ ସଭାପତି ଜୀବନ ସାର୍ଥକ ଦାସଙ୍କ ସହିତ ବହୁ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିଲେ।

## ୩ ସାମ୍ବାଦିକଙ୍କୁ ଆକ୍ରମଣ, ୩ ଗିରଫ

ଝାରସୁଗୁଡ଼ା,୧୭।୧(ସମିସ): ଝାରସୁଗୁଡ଼ାରେ ତିନିଜଣ ସାମ୍ବାଦିକ ଡିଜେଲ ଚୋରି ଖବର ସଂଗ୍ରହ କରିବାକୁ ଯାଇଥିବା ବେଳେ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ମାଲିମୁଣ୍ଡା ବନ୍ଧରପଡା ନିକଟ ଇଣ୍ଡିଆନ ଅଏଲ ଟର୍ମିନାଲ ପାଖରେ ଡିଜେଲ ଚୋରି ସମ୍ବନ୍ଧୀୟ ଖବର ସଂଗ୍ରହ ପାଇଁ ଯାଇଥିବା ତିନି ଜଣ ସାମ୍ବାଦିକ ଭିଡିଓ ଉତ୍ତୋଳନ କରୁଥିବା ବେଳେ ସେଠାରେ ଟ୍ୟାଙ୍କରରୁ ଡିଜେଲ ବାହାର କରୁଥିବା ଯୁବକମାନେ ବିରୋଧ କରିଥିଲେ। ଏହାକୁ ନେଇ ଯୁକ୍ତିତର୍କ ହୋଇଥିଲା ଓ ଅଭିଯୁକ୍ତମାନେ ତିନି ଜଣ ସାମ୍ବାଦିକଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିବା ନେଇ ଝାରସୁଗୁଡ଼ା ବିମାନବନ୍ଦର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ତିନି ଅଭିଯୁକ୍ତଙ୍କୁ ଗିରଫ କରିଥିବା ନେଇ ଜଣାପଡିଛି। ଅଭିଯୋଗ ଅନୁଯାୟୀ ଖବର ସଂଗ୍ରହ ସମୟରେ ତେଲ ଚୋରିରେ ସମ୍ପୃକ୍ତ ବ୍ୟକ୍ତିମାନେ ସେମାନଙ୍କ ଉପରକୁ ଆକ୍ରମଣ କରିବା ସହ କାର୍‌ରେ ମଡାଇ ଜୀବନରୁ ମାରି ଦେବାକୁ ଉଦ୍ୟମ କରିଥିଲେ। ତିନି ଜଣ ସାମ୍ବାଦିକ ଏହି ଆକ୍ରମଣରୁ ବର୍ତ୍ତିଯିବାରୁ ସେମାନଙ୍କୁ ବାଡିରେ ମାଡ ମାରିଥିବା ଅଭିଯୋଗ ହୋଇଛି। ଏଥିରେ ପୀଡ଼ିତ ସାମ୍ବାଦିକ ମାନଙ୍କ ମୁଣ୍ଡ, ଗାଲ ଏବଂ ଶରୀରର ଅନ୍ୟ ସ୍ଥାନରେ ଗଭୀର ଆଘାତ ଲାଗିଛି। ଅଭିଯୁକ୍ତ ବନ୍ଧରପଡା ଅଞ୍ଚଳର ଦୁର୍ଗା କିଶାନ (୩୪), ସରୋଜ କିଶାନ (୨୨) ଏବଂ ବୁଲୁ ରଣବିଡା (୨୬)ଙ୍କୁ ପୁଲିସ ଗିରଫ କରିଥିବା ନେଇ ଜଣାପଡିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ମାନଙ୍କ ସମ୍ପର୍କରେ ତଦନ୍ତ କରାଯାଇ ଗିରଫ କରାଯିବ ବୋଲି ଆଇଆଇସିଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣାକୁ ଷ୍ଟେଟ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ (ଏସୟୁଜେ) ଓଡ଼ିଶା ପକ୍ଷରୁ ଗଭୀର ନିନ୍ଦା କରିବା ସହ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି। ଏକ ପ୍ରେସ ବିଜ୍ଞପ୍ତିରେ ଏସୟୁଜେ ରାଜ୍ୟ ସଭାପତି କୈଳାଶ ନାୟକ ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ପୁଲିସ ଡିଜିଙ୍କୁ ଅବଗତ କରାଯିବା ସହ ରାଜ୍ୟରେ କର୍ତ୍ତବ୍ୟରତ ସାମ୍ବାଦିକଙ୍କ ସୁରକ୍ଷା ପ୍ରତି ସମ୍ବେଦନଶୀଳ ହୋଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ବିଦ୍ୟୁତ୍ ଖୁଣ୍ଟକୁ ପିଟିଲା ଭାରୀଯାନ, ଅଳ୍ପକେ ବର୍ତ୍ତିଲେ ଲୋକ

ଝାରସୁଗୁଡ଼ା,୧୭।୧(ସମିସ): ବ୍ରଜରାଜନଗର ପୌର ପରିଷଦ ଅଧୀନ ସାନଯୋବ ଗାଁରେ ଶନିବାର ଏକ ଟ୍ରେଲର ଗାଁ ମଝି ରାସ୍ତା ଦେଇ ଯାଉଥିବା ସମୟରେ ଏକ ବିଦ୍ୟୁତ ଖୁଣ୍ଟକୁ ପିଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ଗାଁ ଦେଇଯାଇଥିବା ବିଦ୍ୟୁତ ଖମ୍ବ ଓ ତାର ସବୁ ଛିଣ୍ଡି ଯାଇଥିଲା। ରାସ୍ତାରେ ଯାତାୟତ କରୁଥିବା ଜନସାଧାରଣ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଗ୍ରାମବାସୀ ବ୍ରଜରାଜନଗର ପୌର ପରିଷଦ, ବ୍ରଜରାଜନଗର ଟ୍ରକ ମାଲିକ ସଂଘ ଓ ପ୍ରଶାସନକୁ ଗାଁ ମଝିରେ ଭାରୀଯାନ ଚଳାଚଳ ଯୋଗୁଁ ହେଉଥିବା ସମସ୍ୟା ବିଷୟରେ ବାରମ୍ବାର ଅବଗତ କରି ଆସିଛନ୍ତି। ସ୍କୁଲ ସମୟରେ ଛାତ୍ର ଛାତ୍ରୀ ଗମନାଗମନ କରୁଥିବା ସମୟରେ ମଧ୍ୟ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ଅବଗତ କରାଇ ଥିଲେ କିନ୍ତୁ କୌଣସି ସୁଫଳ ମିଳିପାରିନାହିଁ। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଅମାନିଆ ଟ୍ରକ ଗୁଡିକ ସେହି ଗାଁରାସ୍ତା ଦେଇ ଦ୍ରୁତ ଗତିରେ ଯିବା ଆସିବା କରୁଛନ୍ତି ଏବଂ ଗାଁର କୌଣସି ଲୋକ ଯଦି ମନା କରୁଛନ୍ତି ତାହେଲେ ଟ୍ରକ ମାଲିକ ମାନେ ଆସି ଧମକ ଚମକ ଦେଉଥିବା ନେଇ ଅଭିଯୋଗ ହୋଇଛି। ପୁଲିସ ମଧ୍ୟ ବାରମ୍ବାର ଆସି ଚାଲାଣ କାଟିଲେ ମାନୁ ନାହାନ୍ତି ବୋଲି ଅଭିଯୋଗ ହୋଇଛି। ଶନିବାର ବ୍ରଜରାଜନଗର ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦ୍ର ମଣି ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ସବୁ ନିରୀକ୍ଷଣ କରିଥିଲେ। ଆସନ୍ତା ଗ୍ରୀଭାଆନ୍ସରେ ଏ ବିଷୟରେ ଆର୍‌ଟିଓଙ୍କୁ ଅବଗତ କରାଇବେ ବୋଲି କହିଥିଲେ। ପୂର୍ବରୁ ହୋଇଥିବା ଗ୍ରୀଭାଆନ୍ସରେ ଏ ବିଷୟରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ପାରି ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଏବଂ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କେବଳ ଏକ ପ୍ରହସନ ଚାଲିଥିବା ନେଇ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

## ଚେକ୍ ବାଉନ୍ସ ମାମଲାରେ ଅଭିଯୁକ୍ତ ଦଣ୍ଡିତ

ଦେବଗଡ଼,୧୭।୧(ସମିସ): ଏସଡିଜେଏମ କୋର୍ଟ ଶନିବାର ଏକ ଚେକ ବାଉନ୍ସ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ତିନିମାସ କାରାଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡିଛି। ଏଥିସହ କ୍ଷତିପୂରଣ ପାଇଁ ଏକଲକ୍ଷ ୨୦ ହଜାର ଟଙ୍କା ଦେବାପାଇଁ ନିର୍ଦ୍ଦେଶ ଦେବାସହ ଅନାଦେୟ ହେଲେ ଅଧିକ ୧୫ ଦିନ ଜେଲ ଦଣ୍ଡ ଶୁଣାଇଛନ୍ତି। ଅଭିଯୁକ୍ତ ଦେବଗଡ଼ ପୌରାଞ୍ଚଳ ଖପରସାହି ନିବାସୀ ଜିତେନ୍ ସାହୁ ଭିତିରିଆ ସାହି ନିବାସୀ ପ୍ରକାଶ ପାତ୍ରଙ୍କ ଠାରୁ ଏକଲକ୍ଷ ଟଙ୍କା ନେଇ ପରିଶୋଧ ପାଇଁ ଦେବଗଡ଼ ଆଇଡିବିଆଇ ବ୍ୟାଙ୍କ ଶାଖାର ଏକ ଚେକ ପ୍ରଦାନ କରିଥିଲେ। ଏହି ଚେକ ବ୍ୟାଙ୍କରେ ଜମା କରିବାରୁ ବ୍ୟାଙ୍କ ଖାତାରେ ଜମା ନଥିବାରୁ ଚେକଟି ବାଉନ୍ସ ହୋଇଥିଲା। ଏ ନେଇ ପ୍ରକାଶ ପାତ୍ର ଅଦାଲତଙ୍କ ଆଶ୍ରୟ ନେଇଥିଲେ। ଏହି ମକଦ୍ଦମାରେ ଉଭୟ ପକ୍ଷଙ୍କ ସାକ୍ଷ୍ୟଙ୍କ ବୟାନ ଓ ଓକିଲଙ୍କ ଜବାବ ସୁଆଲ ପରେ ଏସଡିଜେଏମ ଧନଞ୍ଜୟ ନାୟକ ଅଭିଯୁକ୍ତଙ୍କୁ ଉପୋରକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି।

## ଝାରସୁଗୁଡ଼ା ଡିଆଇଇଟିରେ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର

ଝାରସୁଗୁଡ଼ା,୧୭।୧(ସମିସ): ଝାରସୁଗୁଡ଼ା ଜିଲ୍ଲାର ପଞ୍ଚପଡା ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି)ରେ ଗତ ୧୫ ଓ ୧୬ ତାରିଖ ଦୁଇ ଦିନ ଧରି ଏକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଡିଆଇଇଟି ଝାରସୁଗୁଡ଼ାର ଅଧ୍ୟକ୍ଷା ମମତା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ଦିଲିପ ଖୁଣ୍ଟିଆ ଓ ବରଗଡ଼ ଅଞ୍ଚଳ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଭେଙ୍କଟେଶ୍ୱର ମେହେର ଆଲୋଚକ ଭାବେ ଉପସ୍ଥିତ ଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ୨ୟ ଦିବସରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସୁନ୍ଦରଗଡ ଡିଆଇଇଟିର ପୂର୍ବତନ ଅଧ୍ୟକ୍ଷ କୁଞ୍ଜବିହାରୀ ଛତ୍ରିଆ ଓ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଶମ୍ଭୁ ଶଙ୍କର ଦୀପ ଆଲୋଚକ ଭାବେ ଉପସ୍ଥିତ ଥିଲେ। ଅନୁଷ୍ଠିତ ଦୁଇ ଦିନିଆ ଆଲୋଚନା ଚକ୍ରରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ରଶ୍ମିତା ନାଏକ ଓ ସରସ୍ୱତୀ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ଝାରସୁଗୁଡ଼ା ବିଧାନସଭା କ୍ଷେତ୍ର ବିକାଶ କମିଟି ସମୀକ୍ଷା ବୈଠକ

ଝାରସୁଗୁଡ଼ା,୧୭।୧(ସମିସ): ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ି ତୋଳିବା ଏବଂ ସମସ୍ତ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ବୈଠକ ଆୟୋଜିତ ହୋଇଛି। ଏଥିରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଉପସ୍ଥିତିରେ ବିଭିନ୍ନ ବିଭାଗର କାର୍ଯ୍ୟସୂଚୀ ଓ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା ହୋଇଥିଲା। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଭାରତୀୟ ପ୍ରଶାସନିକ ସେବା ପ୍ରଶିକ୍ଷଣାର୍ଥୀ ପ୍ରଜ୍ଞାନନ୍ଦନ ଗିରି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ଏବଂ ଜିଲ୍ଲା ଯୋଜନା ଓ ସମୀକ୍ଷା ୟୁନିଟ୍‌ର ଉପନିର୍ଦ୍ଦେଶକ ଦେବେନ୍ଦ୍ର ମଲ୍ଲିକଙ୍କ ସମେତ ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଝାରସୁଗୁଡ଼ା ଜିଲ୍ଲାକୁ ରାଜ୍ୟର ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ିତୋଳିବା ପାଇଁ କାର୍ଯ୍ୟଖସଡା ବା ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ସାମାଜିକ, ଅର୍ଥନୈତିକ ଏବଂ ଭୌତିକ ଭିତ୍ତିଭୂମି କ୍ଷେତ୍ରରେ ଥିବା ସମସ୍ୟାଗୁଡିକୁ ଚିହ୍ନଟ କରାଯାଇ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ବିଭାଗର ଚାଲୁ ରହିଥିବା କାର୍ଯ୍ୟ ଏବଂ ଅଟକି ରହିଥିବା ପ୍ରକଳ୍ପଗୁଡିକୁ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଥିବା ବେଳେ ପ୍ରତି ପଞ୍ଚାୟତରେ ଏକ ମିନି ଷ୍ଟାଡିୟମ ନିର୍ମାଣ ଓ ଜଳାଶୟ ଗୁଡିକର ପୁନରୁଦ୍ଧାର ତଥା ସୌନ୍ଦର୍ଯ୍ୟକରଣ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି। ଜିଲ୍ଲାର ପ୍ରତିଟି ଗାଁର ଶେଷ ସୀମା ପର୍ଯ୍ୟନ୍ତ ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ବା 'ଅନ୍ତ୍ୟୋଦୟ ସଂଯୋଗ' ସୁନିଶ୍ଚିତ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗକୁ ନେଇ ଏକ ମିଳିତ କମିଟି ଗଠନ କରାଯାଇଛି। ଆଗାମୀ ୫ ବର୍ଷରୁ ୫୦ ବର୍ଷ ପର୍ଯ୍ୟନ୍ତ ଜିଲ୍ଲାର ସାମଗ୍ରିକ ବିକାଶକୁ ଦୃଷ୍ଟିରେ ରଖି 'ଦୂରଦର୍ଶୀ ଯୋଜନା' ପ୍ରସ୍ତୁତ କରିବାକୁ ପ୍ରତ୍ୟେକ ବିଭାଗକୁ ପ୍ରସ୍ତାବ ଦିଆଯାଇଛି। ଜିଲ୍ଲା ପ୍ରଶାସନର ଡିପିଏମୟୁର ପ୍ଲାନିଂ ୱିଙ୍ଗ୍ ଦ୍ୱାରା ଆୟୋଜିତ ବୈଠକରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୌରପାଳିକାର ନିର୍ବାହୀ ଅଧିକାରୀ, ତହସିଲଦାର ଏବଂ ଲାଇକେରା, କିର୍ମିରା, କୋଲାବିରା ଓ ଝାରସୁଗୁଡ଼ାର ପଞ୍ଚାୟତ ସମିତି ଅଧ୍ୟକ୍ଷମାନେ ଯୋଗ ଦେଇଥିଲେ।

### ଜିଲ୍ଲା ପ୍ରଶାସନର ନିଆରା ପ୍ରୟାସ

## ୭ ବର୍ଷ ପରେ ଘରକୁ ଫେରିଲେ ଧ୍ରୁବଲେ



ଝାରସୁଗୁଡ଼ା, ୧୭।୧ (ସମିସ): ଜିଲ୍ଲା ପ୍ରଶାସନର ମାନବିକ ଆଭିମୁଖ୍ୟ ଓ ନିରନ୍ତର ସେବା ମନୋଭାବରୁ ଶନିବାର

**ବିଚ୍ଛିନ୍ନ ପରିବାରକୁ ଯୋଡୁଛି 'ସ୍ନେହ ସେତୁ' ଅଭିଯାନ**

ପୁଣି ଏକ ପରିବାରରେ ହସଫୁଟିଛି। ମାନସିକ ଅସୁସ୍ଥତା ଯୋଗୁଁ ଦୀର୍ଘ ୭ ବର୍ଷ ଧରି କଳାହାଣ୍ଡି ଭବାନୀପାଟଣାରୁ ନିଖୋଜ ଥିବା ଧ୍ରୁବଲେ ଗାରିଆଙ୍କୁ ଆଜି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଏବଂ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଉପସ୍ଥିତିରେ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଅଛି। ୨୦୧୮ ମସିହାରୁ ଉଦ୍ଧାର ହେବା ପରେ ମିଶନ ଆଶାଲୋକଠାରେ ତାଙ୍କର ଚିକିତ୍ସା ଓ ସେବା କରାଯାଉଥିଲା। ଜିଲ୍ଲାପାଳ ଶ୍ରୀ ଚହ୍ୱାଣଙ୍କ ନେତୃତ୍ୱରେ ଜିଲ୍ଲା ପ୍ରଶାସନର 'ସ୍ନେହ ସେତୁ' ଅଭିଯାନ ମାଧ୍ୟମରେ ପୂର୍ବରୁ ମଧ୍ୟ ଅନେକ ବ୍ୟକ୍ତିଙ୍କୁ ନିଜ ପରିବାର ସହ ପୁନର୍ମିଳନ କରାଯାଇଛି। ଜିଲ୍ଲା ପ୍ରଶାସନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସମନ୍ୱୟରେ ପରିଚାଳିତ ଏହି ଅଭିଯାନ ଆଗାମୀ ଦିନରେ ଅନେକ ଅସହାୟଙ୍କ ଜୀବନରେ ନୂଆ ଆଶା ସଞ୍ଚାର କରିବ ବୋଲି ବିଧାୟକ ମତ ପ୍ରକାଶ କରିଛନ୍ତି।

## ଟିଆର୍‌ଏଲ୍ କ୍ରୋସାକିର ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର



ଝାରସୁଗୁଡ଼ା,୧୭।୧(ସମିସ): ବେଲପାହାଡ ସହରସ୍ଥିତ ଟିଆରଏଲ କ୍ରୋସାକି କମ୍ପାନୀ ପକ୍ଷରୁ ସିଏସଆର ଅଧୀନରେ ସ୍ଥାନୀୟ ଗୁମାଡେରା ମାଳିପଡାସ୍ଥିତ ମିରର ଥିଏଟର ପ୍ରାଙ୍ଗଣରେ ଶନିବାର ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୌର ସ୍ୱାସ୍ଥ୍ୟ ଅଧିକାରୀ ଡ.ଦିଲୀପ ନାଏକ, ସ୍ଥାନୀୟ ବୁଦ୍ଧିଜୀବୀ ଜେନାମଣି ସେଠ, ଡ.ସୁବାସ ଚନ୍ଦ୍ର ପ୍ରଧାନ, ଟିଆରଏଲ କ୍ରୋସାକିର ବରିଷ୍ଠ ଅଧିକାରୀ ଦୀପକ ସାହୁ ଉପସ୍ଥିତ ଥିଲେ। ଶିବିରରେ ବେଲପାହାଡ ପୌରାଞ୍ଚଳର ମୋଟ ୧୨୦ ଜଣରୋଗୀଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା। ଟିଆରଏଲ କ୍ରୋସାକି ହସ୍ପିଟାଲର ବିଶେଷଜ୍ଞ ଡାକ୍ତରଙ୍କ ମଧ୍ୟରେ ଡ. ଉପାସନା ଝୁନଝୁନୱାଲା, ବିରେନ୍ଦ୍ର ଚୌଧୁରୀଙ୍କ ସମେତ ସ୍ୱାସ୍ଥ୍ୟ କର୍ମଚାରୀ ଯଜ୍ଞେଶ୍ୱରୀ ନାଏକ, ଗାୟତ୍ରୀ ବେହେରା ଓ ଫାର୍ମାସିଷ୍ଟ ସିଦ୍ଧାର୍ଥ ଠାକୁର ରୋଗୀଙ୍କୁ ମାଗଣାରେ ଚିକିତ୍ସା ପରାମର୍ଶ, ରୋଗର ପରୀକ୍ଷା ଏବଂ ଔଷଧ ପ୍ରଦାନ କରିଥିଲେ। ଶିବିର ଆୟୋଜନରେ ଟିଆରଏଲ କ୍ରୋସାକିର ବରିଷ୍ଠ ଅଧିକାରୀ ଡ.ସନ୍ତୋଷ ମିଶ୍ର, ଶଶାଙ୍କ ଦୀକ୍ଷିତ, ଦୀପକ ସାହୁଙ୍କ ସମେତ କର୍ମଚାରୀ ବ୍ରଜବନ୍ଧୁ ଶତପଥୀ, ଜ୍ୟୋତିର୍ମୟୀ ପଟ୍ଟନାୟକ, ସରୋଜ ମେହେର ପ୍ରମୁଖ ସଂଯୋଜନା କରିଥିଲେ।

## ଜଳଛାୟା ମହୋତ୍ସବ ଉଦ୍‌ଯାପିତ

ଦେବଗଡ଼,୧୭।୧(ସମିସ): ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ମାଧ୍ୟମରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ୨.୦ ଅଧୀନରେ ଆୟୋଜିତ ଜଳଛାୟା ମୋହତ୍ସବ ରିଆମାଳ ବ୍ଲକ୍ ଉଟୁଣିଆ ପଞ୍ଚାୟତ ଅଧୀନ ଗୋଡାମାଳ ଗାଁରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଦେବାଶିଷ ଚନ୍ଦ୍ର ଜଗଦ୍ଦେବଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରିଆମାଳ ବ୍ଲକ୍ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ପାଞ୍ଜିଆ ଭୋଇ, ରିଆମାଳ ଜୋନ ୨ ଜିଲ୍ଲା ପରିଷଦ ସଦସ୍ୟା ବାସନ୍ତୀ ବେହେରା, ରାଜ୍ୟସ୍ତରୀୟ ନୋଡାଲ ଅଧିକାରୀ ତଥା ଅତିରିକ୍ତ ଶାସନ ସଚିବ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଅତିରିକ୍ତ ଉଦ୍ୟାନ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ ପାତ୍ର, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ.ସବ୍ୟସାଚୀ ସାହୁ, ଉଟୁଣିଆ ପଞ୍ଚାୟତ ସରପଞ୍ଚ ରଶ୍ମିତା ପ୍ରଧାନ ଏବଂ ରିଆମାଳ କ୍ଲଷ୍ଟର ପିଆଇଏ ଡ.ସୁନୀଲ ମନୋହର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଆଧୁନିକ ବୈଜ୍ଞାନିକ କୃଷି ପ୍ରଣାଳୀ, ମୃତ୍ତିକା ବିଶ୍ଳେଷଣର ଆବଶ୍ୟକତା, ଜଳ ସମେତ ପ୍ରାକୃତିକ ସମ୍ପଦ ସମ୍ପର୍କିତ ସଚେତନତା, ବିଜ୍ଞାନ ପ୍ରଯୁକ୍ତିର ବ୍ୟବହାର ଉପରେ ଗୁରୁତ୍ୱ ଦେଇ ଚାଷୀ କିପରି ନିଜର ଆର୍ଥିକ ସ୍ଥିତିରେ ବୈପ୍ଳବିକ ପରିବର୍ତ୍ତନ ଆଣି ପାରିବେ ସେ ସମ୍ପର୍କରେ ଦିଗଦର୍ଶନ ପ୍ରଦାନ କରିଥିଲେ। ଏଥିସହ ସଭାରେ ଜଳ ବିଭାଜିକାର ସୁପରିଚାଳନା କରାଯାଇ ଜଳ ସଂରକ୍ଷଣ ଏବଂ କୃଷି କ୍ଷେତ୍ରରେ ଅଧିକ ଅମଳ ସମ୍ପର୍କରେ ବିଶେଷ ଆଲୋଚନା କରାଯାଇଥିଲା। ଜଳଛାୟା ଉତ୍ସବ ଅବସରରେ ବୃକ୍ଷରୋପଣ, ଶ୍ରମଦାନ, ନୂତନ ପ୍ରକଳ୍ପର ଭୂମି ପୂଜନ ସହ ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟର ଲୋକାର୍ପଣ କରାଯାଇଥିଲା। ପଥପ୍ରାନ୍ତ ନାଟକ ମାଧ୍ୟମରେ ଜଳ ବିଭାଜିକାର ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ସେହିପରି ଜଳଛାୟା ତଥ୍ୟ ଅନୁସରଣ କରି କୃଷି କ୍ଷେତ୍ରରେ ସଫଳତା ପାଇଥିବା ବିଭିନ୍ନ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଦେବଗଡ଼,୧୭।୧(ସମିସ): ଦେବଗଡ଼ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଦେବଗଡ଼ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ୩ ଦିନିଆ ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରିଣୀ ପଦ୍ମିନୀ ମହାପାତ୍ରଙ୍କ ତତ୍ତ୍ୱାବଧାନ ଓ ଦେବଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ସିଦ୍ଧାର୍ଥ ଗୁରୁ, ସମ୍ମାନିତ ଅତିଥି ଭାବେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମହିମା ହେମ୍ବ୍ରମ ଓ ଟାଉନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପଦ୍ମାଲୀ ଲାକ୍ରା ଓ ଜୁନିୟର ରେଡକ୍ରସ ଅଧିକାରୀ ରଶ୍ମୀନ ଦାଶ ଶିବିରକୁ ଉଦ୍‌ଘାଟନ କରିଥିଲେ।

ରେଡକ୍ରସର ପ୍ରଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ ପରେ ଅତିଥି ମାନଙ୍କ ଦ୍ୱାରା ରେଡକ୍ରସ ପତାକା ଉତ୍ତୋଳନ କରାଯିବା ସହ ସମୂହ ଶପଥ ପାଠ କରାଯାଇଥିଲା। ଶେଷରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରିଣୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରର ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲାର ତିନୋଟି ଯାକ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ଜୁନିୟର ରେଡକ୍ରସ ପ୍ରଶିକ୍ଷାର୍ଥୀ ଓ ଗାଇଡ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ସଭାକୁ ମାଷ୍ଟର ଟ୍ରେନର (ଫାଷ୍ଟ ଏଡ୍) ଅମିତ ସାହୁ ସଂଯୋଜନା କରିଥିଲେ। ସଂଧ୍ୟାରେ ପ୍ରଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଶିକ୍ଷଣ ଶିବିରରେ ମାଷ୍ଟର ଟ୍ରେନର ବାବେ ଜୁନିୟର ରେଡକ୍ରସ ଅଧିକାରୀ ରଶ୍ମୀନ ଦାଶ, ମାଷ୍ଟର ଟ୍ରେନର(ଫାଷ୍ଟ ଏଡ୍)ଅମିତ ସାହୁ ଓ ମାଷ୍ଟର ଟ୍ରେନର(ଫାଷ୍ଟ ଏଡ୍) ସବ୍ୟବିଦ୍ୟା ଶକ୍ତିମୟ ପ୍ରଧାନଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ଅଗ୍ନିଶମ ବିଭାଗ ଓ ଆଞ୍ଚଳିକ ପରିବହନ ବିଭାଗ ଆଦି ବିଭିନ୍ନ ବିଭାଗର ଅଧିକାରୀ ଓ ପ୍ରଶିକ୍ଷକ ମାନେ ପ୍ରଶିକ୍ଷଣ ପ୍ରଦାନ କରୁଥିବା ଜଣାପଡିଛି।

### ■ ସର୍ବଭାରତୀୟ ମାଁ ଜଳମୁଣ୍ଡି କ୍ରିକେଟ କପ୍

## ପ୍ରଥମ ମ୍ୟାଚ୍‌ରେ ବିସିସି ଦେବଗଡ଼ ବିଜୟୀ



ରିଆମାଳ,୧୭।୧(ସମିସ): ଦେବଗଡ ଜିଲ୍ଲା ରିଆମାଳ ବ୍ଲକ ଟିଙ୍କବୀର ହାଇସ୍କୁଲ ପଡ଼ିଆରେ ଶନିବାର ୧୭ତମ ସର୍ବଭାରତୀୟ ମା ଜଳମୁଣ୍ଡି କ୍ରିକେଟ କପ-୨୦୨୬ ଉଦ୍‌ଘାଟିତ ହୋଇଛି। ନେତାଜୀ ସ୍ପୋର୍ଟସ ଆସୋସିଏସନ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଜେପି ଜିଲ୍ଲା ସଭାପତି ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ଉପସଭାପତି ଯୋଗେଶ ପ୍ରଧାନ, ରିଆମାଳ ମଣ୍ଡଳ ସଭାପତି ସଞ୍ଜୀବ ବେହେରା, ଟିଙ୍କବୀର ସରପଞ୍ଚ ଫକୀରମୋହନ ବେହେରା ଓ ନାଏବ ସରପଞ୍ଚ ମାନସୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ ବିସିସି ଦେବଗଡ଼ ଓ ରାଇଜିଂ ଷ୍ଟାର ସମ୍ବଲପୁର ମଧ୍ୟରେ ହୋଇଥିଲା। ରାଇଜିଂ ଷ୍ଟାର ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ୱିକେଟ ହରାଇ ୧୩୦ ରନ ହାସଲ କରିଥିଲା। ଜବାବରେ ବିସିସି ଦଳ ବ୍ୟାଟିଂ କରି ୧୨ ଓଭରରେ ୨ ୱିକେଟ ହରାଇ ମ୍ୟାଚ ବିଜୟୀ ହୋଇଥିଲା। ଦଳର ଶ୍ରେୟାଂସ ୪୩ ବଲରେ ଚୌକା ୯ଟି ଓ ଛକା ୩ଟି ମୋଟ ୬୮ କରି ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ବିଜେପି ଜିଲ୍ଲା ଉପସଭାପତି ଯୋଗେଶ ପ୍ରଧାନ ମ୍ୟାନ ଅଫ ଦ ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଓସିଏ ଅମ୍ପାୟାର ମହେଶ ମୁନସୀ ଓ ପ୍ରଦୀପ ଦାସ ମ୍ୟାଚ ପରିଚାଳନା କରିଥିଲେ। ନେତାଜୀ ଆସୋସିଏସନ କ୍ଲବର ଦେବାଶିଷ ବିଶ୍ୱାଳ, ବିଷ୍ଣୁ ସାହୁ ଓ ଡୁଗୁ ସାହୁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ରେଖାଙ୍କିତ ମାଝି ଭାବେ କାର୍ଯ୍ୟ ତୁଲାଇଥିଲେ। ଖେଳ ସଭାପତି ସୁଶାନ୍ତ ବେହେରା, ସମ୍ପାଦକ ନିର୍ମାଲ୍ୟ ପ୍ରସାଦ ସାହୁ, ଗିରି ସାହୁ, ସୂର୍ଯ୍ୟକାନ୍ତ ଜ୍ୟୋତିଷ, ଅଜିତ ପ୍ରଧାନ, ଅଜିତ ମହାପାତ୍ର, ଲିଲୁ ଦଳବେହାର ପ୍ରମୁଖ ସହଯୋଗ କରିଥିଲେ।

### ଉଦୟଲକ୍ଷ୍ମୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସେମିଫାଇନାଲରେ ଲଇଡା ଦଳ



କୋଲାବିରା,୧୭।୧(ସମିସ): ଉଦୟଲକ୍ଷ୍ମୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଲଇଡା ଦଳ ଶଙ୍କରା ଦଳକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ପ୍ରଥମ ମ୍ୟାଚ ଲଇଡା ଓ ସାନଜୋବ ରିୟାଂଶ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରିୟାଂଶ ଇଲେଭେନ ଦଳ ଟସ ଜିଣି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ଲଇଡା ଦଳ ନିର୍ଦ୍ଧାରିତ ୯ ଓଭରରେ ୩ ୱିକେଟ ହରାଇ ୧୧୨ ରନ ସଂଗ୍ରହ କରିଥିଲା। ଜବାବରେ ରିୟାଂଶ ଇଲେଭେନ ମାତ୍ର ୬୧ ରନରେ ଅଲ ଆଉଟ ହୋଇଥିଲା। ଲଇଡା ଦଳ ୫୧ ରନରେ ବିଜୟ ଲାଭ କରିଥିଲା। ଏହି ମ୍ୟାଚରେ ଲଇଡା ଦଳର ଜଗଦୀଶ ୪୩ ରନ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଶଙ୍କରା ଓ ବୁର୍ଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶଙ୍କରା ଦଳ ଟସ ଜିଣି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବୁର୍ଲା ଦଳ ନିର୍ଦ୍ଧାରିତ ୯ ଓଭରରେ ୬ ୱିକେଟ ହରାଇ ୧୧୪ ରନ ସଂଗ୍ରହ କରିଥିଲା। ଜବାବରେ ଶଙ୍କରା ଦଳ ୮.୫ ଓଭରରେ ୫ ୱିକେଟ ହରାଇ ୧୧୫ ରନ କରି ୫ ୱିକେଟରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଶଙ୍କରା ଦଳର ସୁନୀଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଶେଷରେ ଲଇଡା ଓ ଶଙ୍କରା ଦଳ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ଲଇଡା ଦଳ ଟସ ଜିଣି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ଶଙ୍କରା ଦଳ ନିର୍ଦ୍ଧାରିତ ୭ ଓଭରରେ ୪ ୱିକେଟ ହରାଇ ୮୦ ରନ ସଂଗ୍ରହ କରିଥିବା ବେଳେ ଜବାବରେ ଲଇଡା ଦଳ ମାତ୍ର ୪.୫ ଓଭରରେ ଗୋଟିଏ ୱିକେଟ ହରାଇ ନିର୍ଦ୍ଧାରିତ ୮୧ ରନ ସଂଗ୍ରହ କରି ୯ ୱିକେଟରେ ବିଜୟୀ ହୋଇଥିଲା ଓ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ଲଇଡା ଦଳର ରାହୁଲ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ପ୍ରତିଯୋଗିତାରେ ସ୍ୱର୍ଗତଃ ଉଦୟନାଥ ପୁରୋହିତ ଓ ଲକ୍ଷ୍ମୀ ପୁରୋହିତଙ୍କ ପୁତ୍ର ଅଧ୍ୟାପକ ମାନସ ପୁରୋହିତ ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ବିତରଣ କରିଥିବା ବେଳେ ଖେଳଗୁଡିକୁ ପରିଚାଳନା କରିବାରେ କୋଲବିରା ମା' ସମଲେଶ୍ୱରୀ କ୍ଲବର ସୁନୀଲ, ଗୁଡୁ, ଧନଞ୍ଜୟ, ରଜତ, ଭାଡ଼ି, ଦିଲୀପ, ଗଣେଶ, ପ୍ରେମ, ଲୋକନାଥ, ଜିତେନ୍ଦ୍ର, ଅନିଲ, ଭକ୍ତ ଓ ଖେଳ ଶିକ୍ଷକ ରାଜେଶ ପଟେଲ ସହଯୋଗ କରିଥିଲେ।

**ଚତୁର୍ଥ ଦିନରେ କଳାହାଣ୍ଡି ଉତ୍ସବ 'ଘୁମୁରା'**

# କଳାହାଣ୍ଡିର ମାଟି ହିଁ ଶ୍ରଦ୍ଧାଶୀଳ ଅନୁଭବର ପୃଷ୍ଠଭୂମି





ଭବାନୀପାଟଣା, ୧୭ ।୧(ସମିସ)

କଳାହାଣ୍ଡି ଉତ୍ସବ 'ଘୁମୁରା'ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ.ନିବେଦିତା ନାଥ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବୈତୁରା ଦୀପ, କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ପରିଶ୍ରମ ଦ୍ୱାରା ଏ ମାଟିର ଚାଷୀ ସୃଷ୍ଟି କରିଛି ଭିନ୍ନ ଏକ ମାଟିର କଳାହାଣ୍ଡି। ଯୁଗ ଯନ୍ତ୍ରଣାର ଅସ୍ତିତ୍ୱକୁ ବଦଳାଇ ପାରିଛି ।ତେଣୁ କଳାହାଣ୍ଡିର ସ୍ମୃତି ଓ ସୌରଭ ସମସ୍ତଙ୍କୁ ମନକୁ ଆନ୍ଦୋଳିନ କରୁ। ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର କଳାହାଣ୍ଡି। ଜିଲ୍ଲାରେ ଅଛି ୪୭ଟି ଝରଣା, ନଦୀ ନାଳ ପାହାଡ଼ ଏବଂ ଖଣିଜ ସମ୍ପଦ। ଏତଦବ୍ୟତୀତ ମାଟିରେ ଉତ୍ପାଦିତ ହେଉଥିବା ଧାନ, କପା, ମାଣ୍ଡିଆ, ମାଛ ପନି ପରିବା ଫଳ ଜୀବନ ଧାରଣର ଉତ୍କୃଷ୍ଟ ମାଧ୍ୟମ ପାଲଟିଯାଉ। ଲକ୍ଷ ନିର୍ମାଣର ପ୍ରାମାଣିକତା ପ୍ରତିଫଳନ ହେଉ। କଳାହାଣ୍ଡି ଉତ୍ସବ ଘୁମୁରା କଳା ସଂସ୍କୃତିର ଅନ୍ତରୀଣ ଭାବଧାରାକୁ ଉଜ୍ଜୀବିତ କରିଛି। ମାଁ ମାଣିକେଶ୍ୱରୀ ପଣତ କାନି ତଳେ ଜୀବନର ସୌନ୍ଦର୍ଯ୍ୟକୁ ଭଲପାଇବା ସହ ଜୀବନ ପରି ଜୀବନ ଅନ୍ୱେଷଣ କରି ଭବିଷ୍ୟତ ପାଇଁ ଲକ୍ଷ ସ୍ଥିର କରିବା ଉଚିତ। ସାମଗ୍ରୀକଭାବେ କହିଲେ ଏ ମାଟି ହିଁ ଶ୍ରଦ୍ଧାଶୀଳ ଅନୁଭବର ପୃଷ୍ଠଭୂମିବୋଲି ଆଜି ମୁଖ୍ୟଅତିଥି ନିଜ ବକ୍ତ୍ୟବରେ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଧନ୍ୟବାଦ ଦେଇଥିଲେ ।ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରୁ ଚୟନ କରାଯାଇ କୃଷି କ୍ଷେତ୍ରରେ ଚାଷୀ ବିଶ୍ୱନାଥ ନାଗ, ବୈଦ୍ୟରାଜ ପବିତ୍ର ଶବର, କବି ସୀମାଞ୍ଚଳ ନାଗ, କ୍ରୀଡ଼ାବିତ ସନ୍ତୋଷ କୁମାର ପ୍ରଧାନ, ସେବା କ୍ଷେତ୍ରରେ ପୌର ସଫେଇ କର୍ମଚାରୀ ରାଜେନ୍ଦ୍ର ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି କଳାହାଣ୍ଡିର ବିକାଶପୁରୁଷ ଭାବେ ପରିଚିତ ସ୍ୱର୍ଗତ ଦୟାନିଧି ନାଏକଙ୍କ ସ୍ମୃତିରେ ଚଳିତ ବର୍ଷରୁ ସ୍ୱର୍ଗତ ଦୟାନିଧି ନାଏକ ସ୍ମାରକୀ ସମ୍ମାନ ଆରମ୍ଭ କରାଯାଇଛି। ପ୍ରଥମ ବର୍ଷରେ ସ୍ମାରକୀ ସମ୍ମାନ ବର୍ଷିୟାନ ସମାଜସେବୀ ଅଶୋକ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ସ୍ୱତନ୍ତ୍ର ଭାବେ ସଙ୍ଗୀତଜ୍ଞ ଶଶାଙ୍କ ମହାପାତ୍ର, ଶୁଭେନ୍ଦୁ ପାଢ଼ୀ, ମତ୍ସ୍ୟ ଓ କୁକୁଡ଼ା ଚାଷୀ ଶରତଚନ୍ଦ୍ର ସାହୁ, ଆୟୁର୍ବେଦ ଚିକିତ୍ସକ ଯତୀନ୍ଦ୍ର କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କଳାହାଣ୍ଡି ଉତ୍ସବ 'ଘୁମୁରା'୨୦୨୬ ପରିଚାଳନା ଗଠିତ ୨୬ଟି ସବ କମିଟିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟ ନାରାୟଣ ମୁଣ୍ଡଛିନା ସଭା ପରିଚାଳନା କରିଥିଲେ। ଶ୍ରୀ ଜଗନ୍ନାଥ ସଙ୍ଗୀତ ବିଦ୍ୟାଳୟ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଏହା ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୃଣ୍ମୟୀ ଅନୁଷ୍ଠାନ, ଲଗନ୍ ସାଂସ୍କୃତିକ ଅନୁଷ୍ଠାନ, ନଟରାଜ କଳା ପରିଷଦ, ଶ୍ରୀ ଅରବିନ୍ଦ କଳାକେନ୍ଦ୍ର, ନୃତ୍ୟପ୍ରଭା ଅନୁଷ୍ଠାନର ବଜାଶାଳ ନୃତ୍ୟ, ଲାଞ୍ଜିଗଡ଼ର ଢାପ ନୃତ୍ୟ, ସଂସ୍କୃତି ଅନୁଷ୍ଠାନର ଘୁଡ଼କା ନୃତ୍ୟ ପ୍ରଦର୍ଶିତ ହୋଇଥିଲା ।ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଓଡିଶୀ, ନୃତ୍ୟାଙ୍ଗନା, ଆସାମର ବିହୁ, ମୟୂରଭଞ୍ଜର ଛଉ, ଗୁଜରାଟର ସିଦ୍ଧି ଧମାଲ, ଅଭିନୟ ଡ୍ୟାନ୍ସ ଏକାଡେମୀ ଦ୍ୱାରା ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ସେହିପରି ପାରବା ମୁକ୍ତମଞ୍ଚରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ୪୦ଗୋଟି ଏକକ ଓ ଦଳଗତ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ସହିଦ ରେଣ୍ଡୋ ମାଝୀ ମଞ୍ଚରେ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମନୋଜ ଶର୍ମା, ମାନସ ପଣ୍ଡା, ନିହାରୀକା ନାୟକ ଓ ପାରବା ମୁକ୍ତମଞ୍ଚରେ ଦୀପ୍ତି ସିଂ, ପ୍ରଶାନ୍ତ ଦାଶ, ଆଶୁତୋଷ ପାତ୍ର, ଲିପ୍ସା ମହାରଣା, ଆର୍‌ୟା ନାଏକ, ସତ୍ୟବତୀ, ସସ୍ମିତା ସିଂ, ସାବିତ୍ରୀ ମହାରଣା ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରିଶେଷରେ ଅନ୍ତରା ଚକ୍ରବର୍ତୀ ଓ ଆଶିଷ କୁମ୍ଭାରଙ୍କ ଦ୍ୱାରା ପରିବେଷିତ ଷ୍ଟାର ନାଇଟ କାର୍ଯ୍ୟକ୍ରମକୁ ଲକ୍ଷାଧିକ ଦର୍ଶକ ମନଭରି ଉପଭୋଗ କରିଥିଲେ।

**ଆଶିଷ କୁମ୍ଭାର, ଅନ୍ତରା ଚକ୍ରବର୍ତ୍ତିଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ**

## 'କଳାହାଁଣିଆ ବର୍ନବୋଧ' ଲୋକାର୍ପିତ

ଭବାନୀପାଟଣା, ୧୭ ।୧ (ସମିସ): ଦେଶ-ଜାତି ଓ ଏକ ଅଞ୍ଚଳର ପ୍ରତିନିଧି ସାଜେ ଭାଷା। ଭାବ ପ୍ରକାଶର ସବୁହୁଁ ଶ୍ରେଷ୍ଠ ମାଧ୍ୟମ ହେଉଛି ଭାଷା। ଏତେ ବଡ଼ ସୃଷ୍ଟିରେ ଏକମାତ୍ର ଜୀବ ମଣିଷ ହିଁ ଉଭୟ ଲିଖିତ ଓ ମୌଖିକ ଭାଷା ବ୍ୟବହାର କରିଥାଏ। ଓଡ଼ିଆ ଭାଷାର ବିକାଶ ଓ ଗ୍ରହଣୀୟତା ଦୃଷ୍ଟିରୁ ଭକ୍ତକବି ମଧୁସୂଦନ ରାଓଙ୍କ 'ବର୍ନବୋଧ' ଏକ ଅମୂଲ୍ୟ ସମ୍ପଦ। କଳାହାଣ୍ଡିଆ ଭାଷାର ଗୁରୁତ୍ୱ ଓ ମହତ୍ତ୍ୱ ମଧ ତତୋଧିକ। ଏହାକୁ ଦୃଷ୍ଟିରେ ରଖି ବିରଞ୍ଚି ନାରାୟଣ ମୁଣ୍ଡଙ୍କ 'କଳାହାଁଣିଆ ବର୍ନବୋଧ'



କଳାହାଣ୍ଡି ଉତ୍ସବ'ଘୁମୁରା'ର ପ୍ରଥମ ଦିବସରେ ଲୋକାର୍ପିତ ହୋଇଯାଇଛି। ପୁସ୍ତକ ପାଠକାର୍ପଣ ପର୍ବରେ ରାଜ୍ୟସଭା ସାଂସଦ ସୁଜିତ କୁମାର, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଓ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଉପସ୍ଥିତ ଥିଲେ। ପୁସ୍ତକରୁ ସାଧାରଣ ଜନଜୀବନରେ ବ୍ୟବହୃତ ଶବ୍ଦ, ବୋଲି, ଢଗ, ସଂଖ୍ୟା, ମାସ, ବାର, ଋତୁ ସହ ବିଭିନ୍ନ ଖେଳ, ସାପ, ମାଛ, ଜନ୍ତୁ, ପାରସ୍ପରିକ ସମ୍ପର୍କ ଆଦିର ନାମ କଳାହାଣ୍ଡିଆ ଭାଷାରେ ପାଠକ ଜାଣିପାରିବେ। ୫୬ ପୃଷ୍ଠା ବିଶିଷ୍ଟ 'କଳାହାଁଣିଆ ବର୍ଣ୍ଣବୋଧ' ପୁସ୍ତକର ପ୍ରକାଶକ ବିଦ୍ୟାପ୍ରିଣ୍ଟରସ୍, ଭବାନୀପାଟଣା ଥିବାବେଳେ ମୂଲ୍ୟ ୫୦ଟଙ୍କା ରହିଛି। ପଶ୍ଚିମ ଓଡ଼ିଶାର ଭାଷା ସମୃଦ୍ଧି ପାଇଁ 'କଳାହାଁଣିଆ ବର୍ନବୋଧ'ଏକ ମାପକାଠିର ଭୂମିକା ନେବ ବୋଲି ପାଠକମହଲରୁ ପ୍ରକାଶ। 'କଳାହାଁଣିଆ ବର୍ନବୋଧ' ପାଇଁ ଲେଖକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ବରିଷ୍ଠ ନାଗରିକଙ୍କ ରଶି ଟଣା ପ୍ରତିଯୋଗିତା



ଧର୍ମଗଡ଼, ୧୭ ।୧(ସମିସ): ଧର୍ମଗଡ଼ରେ ଆୟୋଜିତ କଳାହାଣ୍ଡି ଉତ୍ସବ 'ଘୁମୁରା'ଅବସରରେ ବରିଷ୍ଠ ନାଗରିକ ଙ୍କ ମଧ୍ୟରେ ରଶି ଟଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ପଡ଼ିଆରେ ଆୟୋଜିତ ପ୍ରତିଯୋଗିତା ରେ ଧର୍ମଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ଡୋଳା ମଣି ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଜୟପାଟଣା ଥାନା ଅଧିକାରୀ ଅର୍ଚ୍ଚନା ନାୟକ, ସହ ଉପଜିଲ୍ଲାପାଳ ଶ୍ରୀକାନ୍ତ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଧର ସାହୁ ଓ ଗ୍ରୁପ ଏବଂ ସୁନିଲ ପଣ୍ଡା ଓ ଗ୍ରୁପଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଉଭୟ ଦଳରେ ୧୦ ଜଣ ଲେଖାଏଁ ପ୍ରତିଯୋଗୀ ସାମିଲ ହୋଇଥିଲେ। ବିଦ୍ୟାଧର ସାହୁ ଓ ଗ୍ରୁପ ଚାମ୍ପିଅନ ହୋଇଥିଲେ। କ୍ରୀଡ଼ା କମିଟି ଅଧ୍ୟକ୍ଷ ସନ୍ତୋଷ ପାଣିଗ୍ରାହୀ ଓ ଅଭୟ କୁମାର ବାଗ କ୍ରୀଡ଼ା ପରିଚାଳନା କରିଥିଲେ ।ଶ୍ରବଣ ଜାଲ, ନୟନ ରଞ୍ଜନ ସାହୁ ଓ ଅନ୍ୟମାନେ ସହଯୋଗ କରିଥିଲେ।

**ଧର୍ମଗଡ଼ରେ କଳାହାଣ୍ଡି ଉତ୍ସବ 'ଘୁମୁରା' ଉଦ୍‌ଯାପିତ**

## କଳା ଓ କଳାକାରଙ୍କ ମହାସଙ୍ଗମ

ଧର୍ମଗଡ଼, ୧୭ ।୧(ସମିସ): ଢୋଲ ନିଶାନର ତାଳେ ଧର୍ମଗଡ଼ରେ ଆୟୋଜିତ କଳାହାଣ୍ଡି ଉତ୍ସବ 'ଘୁମୁରା' ଶନିବାର ଉଦ୍‌ଯାପିତ ହୋଇଯାଇଛି। ଧର୍ମଗଡ଼ ଉପଜିଲ୍ଲାପାଳ ତଥା ଉତ୍ସବ କମିଟି ଅଧ୍ୟକ୍ଷା ପ୍ରେକ୍ଷା ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ତିନି ଦିନ ଧରି ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ସଫଳତାର ସହିତ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂ ଦେଓ, ଧର୍ମଗଡ଼ ନଗରପାଳ ଅଶୋକ କୁମାର ମହାନ୍ତି, ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ପ୍ରମୁଖ ଯୋଗ ଦେଇ କଳାହାଣ୍ଡି ଉତ୍ସବ ଘୁମୁରା ଲୋକଲୋଚନକୁ ଆସି ପାରୁନଥିବା କଳା ଓ କଳାକାରଙ୍କ ମହାସଙ୍ଗମ ଓ ଭାଇଚାରାର ବାର୍ତ୍ତାବହ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ କୁ ଧର୍ମଗଡ଼ ଉପଜିଲ୍ଲାପାଳ ତଥା ଉତ୍ସବ କମିଟି ର ଅଧ୍ୟକ୍ଷା ପ୍ରେକ୍ଷା ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ସଭାକାର୍ଯ୍ୟ କୁ ଅଧ୍ୟାପକ ବଙ୍କିମ ଚନ୍ଦ୍ର ମୁଣ୍ଡ ସଂଯୋଜନା କରିଥିବା ବେଳେ ଧର୍ମଗଡ଼ ତହସିଲଦାର କୀର୍ତ୍ତି ଚନ୍ଦ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଧର୍ମଗଡ଼, ଯଶୋଦା ଅନାଥ ଆଶ୍ରମ, ସେନ୍ଟ ଜାଭିଆର ସ୍କୁଲର କଳାକାର, ସାକ୍ଷୀଗୋପାଳ ର ଗୋଟିପୁଅ, କଳାବିକାଶ କେନ୍ଦ୍ର ଭବାନୀପାଟଣା, ଡୁଲଫୁଲ କଳାପରିଷଦ ବରଗଡ଼, ବ୍ରିନ୍ଦାବନ ସଂସ୍କୃତିକ ଅନୁଷ୍ଠାନ କେସିଙ୍ଗା, କେନ୍ଦୁଝରର ଝୁମର, ଶ୍ରୀନଗରର କାଶ୍ମୀର ଡାନ୍ସ ଗ୍ରୁପ, ମହାରାଷ୍ଟ୍ରର ଲାବଣୀ ଓ ଷ୍ଟାର ନାଇଟରେ ଅର୍ଚ୍ଚନା ପାଢ଼ୀ ଓ ସାଥିଙ୍କ ମେଲୋଡିରେ ଦର୍ଶକ ମାନେ ଝୁମିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜ୍ଞାନେନ୍ଦ୍ର ଭୋଇ, ଚିତ୍ତରଞ୍ଜନ କୁମାର, ରାଜେନ୍ଦ୍ର କୁମାର ମୁନି ଓ ଚିତ୍ତରଞ୍ଜନ ଦଳପତି ସଂଯୋଜନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ମାଧବ ଲହଜଲ ପରିଚାଳନା କରିଥିଲେ।



## ଭାରସାମ୍ୟ ହରାଇ ବାଇକ୍‌ଚାଳକ ଗୁରୁତର

କଣ୍ଟାବାଞ୍ଜି, ୧୭ ।୧(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରର ଏନ୍‌ଏସି ଛକ ନିକଟ ରେଳ ବିଭାଗର ଭୂତଳ ପୋଲ ନିକଟରେ ଶନିବାର ରାତି ୮ରେ ଭାରସାମ୍ୟ ହରାଇ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାଗ୍ରସ୍ତ ଯୁବକ ଜଣ ହେଲେ ବେଳପଡ଼ା ଥାନା ଧୁମାଭଟା ଗାଁର କାସି ରଣା। ବଲାଙ୍ଗୀର ଥାନା ଖାଟୁପାଲିର ଆକାଶ ନାଗଙ୍କୁ ସେ ବସଷ୍ଟାଣ୍ଡରୁ ବାଇକ ଯୋଗେ ଷ୍ଟେସନରୁ ନେଇ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ବାଇକ୍‌ଟି ଦ୍ରୁତଗତିରେ ଥିବା ଫଳରେ ରେଳ ବିଭାଗର ଭୂତଳ ପୋଲରେ ପିଟି ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

● ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ନିର୍ଦ୍ଦେଶକଙ୍କ ଗସ୍ତ

## ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟାବଳୀର ସମୀକ୍ଷା

ନୂଆପଡ଼ା, ୧୭ ।୧(ସିମସ): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନାର (ପିଏମ ଡ଼ିଡ଼ିକେୱାଇ) ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ କେନ୍ଦ୍ରୀୟ କୃଷି ମନ୍ତ୍ରଣାଳୟ, ଦିଲ୍ଲୀ ନିର୍ଦ୍ଦେଶକ ତଥା କେନ୍ଦ୍ରୀୟ ନୋଡାଲ ଅଧିକାରୀ ନଟବର ପାଲ ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟାବଳୀରେ ଜିଲ୍ଲାର ଅଗ୍ରଗତିର ସମୀକ୍ଷା କରିଥିଲେ। ସେ ଜିଲ୍ଲା ପ୍ରଶାସନକୁ ଜିଲ୍ଲାରେ ଥିବା ବିଭିନ୍ନ ଶିଳ୍ପାନୁଷ୍ଠାନ ଗୁଡ଼ିକୁ ତାଙ୍କର ଶିଳ୍ପସଂସ୍ଥା ସାମାଜିକ ଦାୟିତ୍ୱ ବୋଧ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ବ୍ଲକକୁ ପୋଷ୍ୟ ରୂପେ ଗ୍ରହଣ କରି ଏହାର କୃଷି ବିକାଶ କରିବାକୁ ଆହ୍ୱାନ ଦେଇଥିଲେ। ସମୀକ୍ଷା ବୈଠକରେ ଇନ୍ଦିରା ଗାନ୍ଧୀ କୃଷି ବିଶ୍ୱବିଦ୍ୟାଳୟ, ରାୟପୁରର ବରିଷ୍ଠ ବୈଜ୍ଞାନିକ ଡକ୍ଟର ରାମ ମୋହନ ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ, ଉପନିର୍ଦ୍ଦେଶକ, ପରିସଂଖ୍ୟାନ ଦିଲେଶ୍ୱର ଧରୁଆ, ଉପ ନିର୍ଦ୍ଦେଶକ ଉଦ୍ୟାନ କୃଷି ହରେକୃଷ୍ଣ ଚାନ୍ଦ ହାଁସଦା ଏବଂ ସଂପୃକ୍ତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।ଗସ୍ତ ଅବସରରେ ନିର୍ଦ୍ଦେଶକ ଶ୍ରୀ ପାଲ କୋମନା ବ୍ଲକ ରେଙ୍ଗଗ୍ରାମରେ ଏକ ଛେଳି ଚାଷ ୟୁନିଟ୍, ଡୁମେରପାଣି ଗ୍ରାମର ମାଛ ଚାଷ ପ୍ରକଳ୍ପ ଓ ମହୁଲଭଟାର ଚିଙ୍ଗୁଡ଼ି ଚାଷ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଚାଷୀଙ୍କୁ ଉତ୍ସାହିତ କରିବା ସହିତ ସମନ୍ୱିତ କୃଷି ପ୍ରଣାଳୀ ଆପଣାଇ ସମୃଦ୍ଧ ହେବା ପାଇଁ ପରାମର୍ଶ ଦେଇଥିଲେ।

● କର୍ଣ୍ଣାଟକ ଇଟାଭାଟିରୁ ଦାଦନ ଶ୍ରମିକ ଉଦ୍ଧାର

## ଶ୍ରମିକ ପରିବାରଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ପ୍ରଦାନ

ନୂଆପଡ଼ା, ୧୭ ।୧(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ, ଭରୁଆମୁଣ୍ଡା ପଞ୍ଚାୟତରୁ ୧୦ ଜଣ ପ୍ରବାସୀ ଶ୍ରମିକଙ୍କୁ କର୍ଣ୍ଣାଟକ ରାଜ୍ୟ ବାଗଲକୋଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଇଟାଭାଟିରୁ ଉଦ୍ଧାର କରାଯାଇ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଗୁରୁବାର ହସ୍ତାନ୍ତର କରାଯାଇଥିଲା। ଜିଲ୍ଲା ପ୍ରଶାସନ ବାଗଲକୋଟ, ଗୁଲେଡାଗୁଣ୍ଡା ତାଲୁକର ମୁରାଡି ଗ୍ରାମରେ ଅବସ୍ଥିତ ଇଟା ଭାଟିରୁ ୫ଜଣ ମହିଳା ଓ ୫ଜଣ ପୁରୁଷ ମୋଟ ୧୦ ଜଣ ନିର୍ଯାତିତ ଶ୍ରମିକଙ୍କୁ ଉଦ୍ଧାର କରି ଜଣେ ଅଧିକାରୀଙ୍କ ସହାୟତାରେ ନୂଆପଡ଼ା ପଠାଇଥିଲେ। ପରିବାର ଗୁଡ଼ିକୁ ଜିଲ୍ଲା ପ୍ରଶାସନ ଗ୍ରହଣ କରି ପ୍ରାସଙ୍ଗିକ ଆଇନ ଏବଂ ନିୟମ ଅନୁଯାୟୀ ଆବଶ୍ୟକୀୟ ପୁନର୍ବାସ ଏବଂ ପ୍ରତ୍ୟାବର୍ତ୍ତନ ସହାୟତା ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ ।ପୀଡ଼ିତ ୫ଟି ପରିବାର ମୁଖ୍ୟ ଯଥା ଫୁଲ ଚରଣ ହେର୍ଣ୍ଣା, ମାଧବହେର୍ଣ୍ଣା, ମହେନ୍ଦ୍ର ହେର୍ଣ୍ଣା, ଜରେଲ ପଦର ଗାଁ, ମୋହନ ଗହିର, ଶ୍ରଦ୍ଧାପୁର ଏବଂ ଭଜମନ ନାଗ, ସିନାପାଲିଙ୍କୁ ୨୦ହଜାର ଟଙ୍କା ଲେଖାଏଁ ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ପ୍ରଦାନ କରିଛନ୍ତି। ଏହା ସହିତ ସେମାନଙ୍କ ଜୀବନ ଜୀବିକା ନିର୍ବାହ ପାଇଁ ସାଧନ ଯୋଗାଇ ଦେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



## ଅଭିଭାବକ-ଶିକ୍ଷକ-ବିଦ୍ୟାଳୟ ପରିଚାଳନା କମିଟି ବୈଠକ

କଣ୍ଟାବାଞ୍ଜି, ୧୭ ।୧(ସମିସ): ସ୍ଥାନୀୟ ଅଶୋକନଗର ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଅଭିଭାବକ-ଶିକ୍ଷକ-ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଲାବଣ୍ୟ ବତୀ ଧରୁଆ ଅଭିଭାବକଙ୍କୁ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦ ବୈଠକରେ ଉପସ୍ଥିତ ରହି ଅଭିଭାବକଙ୍କୁ ଗୁଣାତ୍ମକ ଶିକ୍ଷା ଓ ବିକଶିତ ଓଡ଼ିଶା, ଶିକ୍ଷଣ ଉପଲବ୍ଧିର ସମୀକ୍ଷା, ୨୦୨୫-୨୦୨୬ ବାର୍ଷିକ ପରୀକ୍ଷା (ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ), ପରୀକ୍ଷା ପ୍ରସ୍ତୁତିରେ ଅଭିଭାବକଙ୍କ ଭୂମିକା, ପଢ଼ିବା ଗଢ଼ିବା ଓଡ଼ିଶା, ଶିକ୍ଷଣ ସୋପାନ ଓ ପ୍ରଗତି ପରୀକ୍ଷଣ, ଡିଜିଟାଲ ଶିକ୍ଷା, ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ପାଇଁ ସୁବିଧା ସୁଯୋଗ, ସାମାଜିକ ଦାୟିତ୍ୱ, ବାଲ୍ୟବିବାହ ନିଷେଧ ଓ ଲିଙ୍ଗଗତ ସମାନତା, ବିଦ୍ୟାଳୟ ସୁରକ୍ଷା ଓ ବୁଲା କୁକୁର ସଚେତନତା, ଗଠନ ମୂଳକ ଆଲୋଚନା ବିଷୟରେ ବିଶଦ ଭାବେ ଆଲୋଚନ କରିଥିଲେ। ଅଭିଭାବକଙ୍କ ମତାମତ ମଧ୍ୟ ଗ୍ରହଣ କରାଯାଇଥିଲା। ଶିକ୍ଷୟତ୍ରୀ ଭାରତୀ ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଅଭିଭାବକ-ଅଭିଭାବିକା ଉପସ୍ଥିତ ରହି ବିଦ୍ୟାଳୟର ଉନ୍ନତି ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ।

**ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ ସମୀକ୍ଷା ବୈଠକ**

## କୁଷ୍ଠ ରୋଗୀ ପରିବାରକୁ ଭେଟିବେ ଜିଲ୍ଲାପାଳ

ନୂଆପଡ଼ା, ୧୭ ।୧(ସମିସ)



କୁଷ୍ଠ ନିରାକରଣ ଦିବସ ଉପଲକ୍ଷେ ନୂଆପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ ଉପରେ ଜିଲ୍ଲା ସମନ୍ୱୟ କମିଟିର ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କୁଷ୍ଠ ନିରାକରଣ ଦିବସ-୨୦୨୬ ଜାନୁୟାରୀ ୩୦ରୁ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏ ବର୍ଷ କୁଷ୍ଠ ନିରାକରଣ ଦିବସର ବିଷୟବସ୍ତୁ ହେଉଛି 'ଅନ୍ତ ଭେଦଭାବର, ସୁରକ୍ଷା ମର୍ଯ୍ୟାଦାର'। ୨୦୨୭ ସୁଦ୍ଧା ଦେଶରୁ କୁଷ୍ଠ ରୋଗର ନିପାତ ପାଇଁ ଲକ୍ଷ୍ୟ ରଖା ଯାଇଛି। ବୈଠକ ଆରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ଧନେଶ୍ୱର ସେଠୀ କୁଷ୍ଠ ରୋଗର ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆ ଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ ।ଜିଲ୍ଲାପାଳ କହିଲେ ଯେ କୁଷ୍ଠ ରୋଗ ଏକ ମାରାତ୍ମକ ରୋଗ ନୁହଁ କି ଏକ ମହାମାରୀ ନୁହେଁ। ଜିଲ୍ଲାର ସମସ୍ତ କୁଷ୍ଠ ରୋଗୀର ଏକ ତାଲିକା ପ୍ରସ୍ତୁତ କରି ସମସ୍ତ ବିଡ଼ିଓ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଠା ଯିବ। କୁଷ୍ଠ ରୋଗୀମାନେ ଯେପରି ସମସ୍ତ ସରକାରୀ ଯୋଜନାର ସୁବିଧା ପାଇବେ ପଦକ୍ଷେପ ଗ୍ରହଣ କରିବେ ପାଇଁ ଆଦେଶ ଦେଇଛନ୍ତି। ଜିଲ୍ଲାର ସମସ୍ତ ସ୍କୁଲରୁ ନବମ କ୍ଲାସର ଟପ୍ପର ଛାତ୍ରୀଙ୍କୁ କୁଷ୍ଠ ରୋଗର ନିରାକରଣ ପାଇଁ ହେଉଥିବା ସଚେତନତା କାମ୍ପେନର ବ୍ରାଣ୍ଡ ଆମ୍ବାସାଡର ବଛା ଯିବ। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ ରୋଗ) ଡ. ତନ୍ମୟ ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ), ଡ. ଜ୍ୟୋତିର୍ମୟ ମହାନ୍ତି, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଟିବି), ଡ. ଦିଲୀପ କୁମାର ଦାସ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା ପ୍ରକଳ୍ପ ମ୍ୟାନେଜର ସତ୍ୟ ନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟକ୍ତିଗତ ଏବଂ ସାମୁହିକ ଭାବେ କୁଷ୍ଠାକ୍ରାନ୍ତ ବ୍ୟକ୍ତିଙ୍କ ସହିତ ହେଉଥିବା ବାସନ୍ଦ କିମ୍ବା ଭେଦଭାବକୁ ଦୂର କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାପାଇଁ ସବୁ ପ୍ରକାର ଚେଷ୍ଟା ଜାରି ରଖିବୁ। ଆମ୍ଭେମାନେ ଆଜିର ଦିନରେ ଶପଥ ନେଉଅଛୁକି, ସମସ୍ତ ଭେଦ ଭାବକୁ ଦୂର କରି, କୁଷ୍ଠ ଆକ୍ରାନ୍ତଙ୍କୁ ମର୍ଯ୍ୟାଦାର ସହ ଆପଣାଇନେବା ଏବଂ କୁଷ୍ଠ ମୁକ୍ତ ଭାରତ ଗଢିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି।

## ବ୍ୟାସଦେବ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ : ସୋନପୁର ଚାମ୍ପିଅନ

କୋମନା, ୧୭ ।୧(ସମିସ): କୋମନା ଜିତାମିତ୍ର ହାଇସ୍କୁଲ ପଡ଼ିଆରେ ଚାଲିଥିବା ବ୍ୟାସଦେବ ମେମୋରିଆଲ ଆନ୍ତରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ସୋନପୁର ଦଳ ଚମତ୍କାର ପ୍ରଦର୍ଶନ କରି ଚାମ୍ପିଅପ ଆଖ୍ୟା ଅର୍ଜନ କରିଛି। ଟୁର୍ଣ୍ଣାମେଣ୍ଟର ଅନ୍ତିମ ମୁକାବଲା ସୋନପୁର ଦଳ ଏବଂ ବାନେର ଦଳ ମଧ୍ୟରେ ହୋଇଥିଲା। ଆରମ୍ଭରୁ ହିଁ ସୋନପୁର ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ ।ଶେଷରେ ସୋନପୁର ଦଳ ୪-୦ ଗୋଲରେ ବାନେର ଦଳକୁ ପରାସ୍ତ କରି ଟ୍ରଫି ହାତେଇଥିଲା। ବାନେର ଦଳ ଚଳିତ ବର୍ଷ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛି ।ଉଦ୍‌ଯାପନୀ ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କମିଟି ସଭାପତି ପ୍ରମୋଦ ପାଢ଼ୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ବିଡ଼ିଓ ସର୍ବେଶ୍ୱର ଜାଲ, ଅବସରପ୍ରାପ୍ତ ଅଧ୍ୟକ୍ଷ ଗଙ୍ଗାଧର ପାଣିଗ୍ରାହୀ, ଅଲ୍ ଇଣ୍ଡିଆ ୟୁଥ୍ ଜେନେରାଲ ସେକ୍ରେଟାରୀ ଅଙ୍କିତ ସିଂଘାଣିଆ, ବ୍ଲକ ଚେୟାରମ୍ୟାନଙ୍କ ପ୍ରତିନିଧି ଗୁପ୍ତେଶ୍ୱର କୁମ୍ଭାର, ବିଧାୟକଙ୍କ ପ୍ରତିନିଧି ରାମଲାଲ ହଂସ, ସାମ୍ବାଦିକ କୁନୁ କରୁଆଁ ପ୍ରମୁଖ ଅତିଥିମାନେ ବିଜୟୀ ସୋନପୁର ଦଳକୁ ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳରେ ଏଭଳି କ୍ରୀଡ଼ା ପ୍ରତିଯୋଗିତା ଯୁବ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ ସହାୟକ ହେବ। ଆୟୋଜକ କମିଟିର ବରିଷ୍ଠ ସଦସ୍ୟ ବିଜୟ କୁମାର ବଉକ, ଯାଦବ ପ୍ରଧାନ, ପରେଶ ଚନ୍ଦ୍ର ପାଣିଗ୍ରାହୀ, ମଙ୍ଗଳା ପ୍ରସାଦ ବର୍ଗେ, ରାଧେଶ୍ୟାମ କରୁଆଁ, ବଳରାମ ସରାଫ, ବଳମତ ଘିଭେଲା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ତୋଫାନ ନିଆଲ ଓ ଶଙ୍କର ଯୋଗା ରାଓ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଆନ୍ତରାଜ୍ୟ ଟୁର୍ଣ୍ଣାମେଣ୍ଟକୁ ପ୍ରଚାର ପ୍ରସାର କରୁଥିବା ସାମ୍ବାଦିକ ନନ୍ଦିଘୋଷ ଖମାରି, ନଟ ଆଡବଙ୍ଗ, ସରୋଜ ଦାସ ଓ ମହେଶ ବାଗ ପ୍ରମୁଖ ଉପସ୍ଥିତ ଥିବା ବେଳେ ଅଧ୍ୟାପକ ଡ଼.ଦୀପକ ଦାସ ଉଦ୍‌ଯାପନୀ ସମାରୋହର ମଞ୍ଚ ପରିଚାଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



# ବିରୋଧ ପରେ ନରମିଲା ଶ୍ରୀମନ୍ଦିର ପ୍ରଶାସନ
# କମିଲା ଭକ୍ତ ନିବାସ ଗାଡ଼ି ପାର୍କିଂ ଫି’

ପୁରୀ,୧୭।୧(ସମିସ): ଚାରିଆଡ଼ୁ ବିରୋଧ ପରେ ନରମିଲା ଶ୍ରୀମନ୍ଦିର ପ୍ରଶାସନ। ଭକ୍ତ ନିବାସରେ ଚାରିଚକିଆ ଗାଡ଼ି ପାର୍କିଂ ପାଇଁ ଯେଉଁ ୫୦୦ ଟଙ୍କା ଫି’ ଲଦି ଦେଇଥିଲା, ତାହାକୁ କମାଇ ଦେଇଛି। ଏଣିକି ଚାରିଚକିଆ ଆଣି ଭକ୍ତନିବାସରେ ରହୁଥିବା ଶ୍ରଦ୍ଧାଳୁ ଗୋଟିଏ ଦିନ ଅର୍ଥାତ୍ ୨୪ ଘଣ୍ଟା ପାଇଁ ଗାଡ଼ି ପାର୍କିଂ ବାବଦକୁ ୨୪୦ ଟଙ୍କା ଦେବେ। ରବିବାରଠାରୁ ଏହି ନୂଆ ପାର୍କିଂ ଫି’ ଲାଗୁ ହେବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ପୁରୀକୁ ଆସୁଥିବା ଭକ୍ତ, ପର୍ଯ୍ୟଟକଙ୍କୁ ରହଣି ସୁବିଧା ଯୋଗାଇଦେବା ଲାଗି ଶ୍ରୀମନ୍ଦିର ପ୍ରଶାସନର ୪ଟି ଭକ୍ତ ନିବାସ (ନୀଳାଚଳ, ନୀଳାଦ୍ରି, ଗୁଣ୍ଡିଚା ଓ ପୁରୁଷୋତ୍ତମ) ରହିଛି। ଏଠାରେ ଯାତ୍ରୀମାନଙ୍କ ରହଣି ସୁବିଧା ରହିଛି। ଅନ୍‌ଲାଇନ୍‌ରେ ବୁକିଂ କରି ଯାତ୍ରୀମାନେ ଏଠାରେ ରହିଆସୁଛନ୍ତି। ଏହି ଯାତ୍ରୀନିବାସରେ ଚାରିଚକିଆ ଗାଡ଼ିର ପାର୍କିଂ ସୁବିଧା ରହିଛି। ହେଲେ ଗତ ୭ ତାରିଖଠାରୁ ଶ୍ରୀମନ୍ଦିର ପ୍ରଶାସନ ଭକ୍ତଙ୍କ ଉପରେ ପାର୍କିଂ ଫି’ ବୋଝ ଲଦି ଦେଇଥିଲା। ସେହି ଦିନଠାରୁ ଚାରିଚକିଆ ଯାନ ପିଛା ୫୦୦ ଟଙ୍କା ଆଦାୟ କରାଯାଉଥିଲା। ଏହାକୁ ନେଇ ସବୁଆଡ଼ୁ ବିରୋଧର ସ୍ୱର ଉଠିଥିଲା। ବିଜୁ ଜନତା ଦଳ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନର ଏଭଳି ନିଷ୍ପତ୍ତିକୁ ତୀବ୍ର ବିରୋଧ କରିଥିଲା। ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ସେହିପରି ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଶ୍ରୀମନ୍ଦିର ପ୍ରଶାସନ ଭକ୍ତଙ୍କୁ ଶୋଷଣ କରୁଛି ବୋଲି କହିବା ସହ ହୋଟେଲ ମାଲିକଙ୍କୁ ଫାଇଦା ପହଞ୍ଚାଇବା ପାଇଁ ଏଭଳି ଷଡ଼ଯନ୍ତ୍ର ବୋଲି ଅଭିଯୋଗ ଆଣିଥିଲେ।

**ଏଣିକି ୫୦୦ ନୁହେଁ, ୨୪୦ ଟଙ୍କା; ଆଜିଠୁ ହେବ ଲାଗୁ**

ଚାରିଆଡ଼ୁ ବିରୋଧ ପରେ ଶେଷରେ ଶ୍ରୀମନ୍ଦିର ପ୍ରଶାସନ ନରମିଛି। ଶନିବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକ ନିଷ୍ପତ୍ତି ସଂକ୍ରାନ୍ତରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ମନ୍ଦିର ପ୍ରଶାସନ ଅଧୀନରେ ଥିବା ୪ଟି ଭକ୍ତ ନିବାସରେ ଚାରିଚକିଆ ଗାଡ଼ି ପାର୍କିଂ ଫି’ ୫୦୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଏହାକୁ ନେଇ କିଛିଟା ପ୍ରତିକ୍ରିୟା ପ୍ରକାଶ ପାଇଥିଲା। କୌଣସି ରାଜସ୍ୱ ଆୟ ଆମର ଅଭିପ୍ରାୟ ନୁହେଁ। ପରିଚାଳନା କମିଟି ପାର୍କିଂ ଫି’ ଆଦାୟକୁ ଅନୁମୋଦନ ଦେଇଛନ୍ତି। କିନ୍ତୁ ୫୦୦ଟଙ୍କା ନୁହେଁ, ଜେବିପିସିରେ ଯେତିକି ପାର୍କିଂ ଫି’ ଅଛି, ସେତିକି ମୂଲ୍ୟ ରଖାଯାଇଛି। ୨୪୦ଟଙ୍କା ଆଦାୟ କରିବାକୁ ପରାମର୍ଶ ଦେଇଛନ୍ତି। ରବିବାରଠାରୁ ଏହି ନୂଆ ମୂଲ୍ୟ ଲାଗୁ କରାଯିବ। ଯେହେତୁ ଭକ୍ତ ନିବାସର ପାର୍କିଂ ଜାଗା ସୀମିତ ତେଣୁ ଶ୍ରଦ୍ଧାଳୁ ଜେବିପିସିରେ ଗାଡ଼ି ରଖିଲେ ଭଲ ହେବ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି।

## ବଡ଼ଭାଇର ମାଡ଼ରେ ସାନ ମୃତ

ତୁରୁମୁଙ୍ଗା, ୧୭।୧(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଡଲଙ୍ଗ ଗ୍ରାମରେ ବଡ଼ଭାଇର ମାଡ଼ରେ ସାନ ଭାଇର ମୃତ୍ୟୁ ହୋଇଛି। ମୃତକ ହେଲେ, ଜିତେନ୍ଦ୍ର ମହାନ୍ତ। ଶନିବାର ଅପରାହ୍ଣରେ ଦୁଇ ଭାଇଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ବଡ଼ଭାଇ ସତ୍ୟାନନ୍ଦ ଏଥିରେ ଉତ୍କ୍ଷିପ୍ତ ହୋଇ ଜିତେନ୍ଦ୍ରଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତୁରୁମୁଙ୍ଗା ପୁଲିସ, ଚମ୍ପୁଆ ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତ ସତ୍ୟାନନ୍ଦକୁ ପୁଲିସ ଅଟକ ରଖି ପଚରାଉଚରା ଚଳାଇଛି।

# ଗୟଳଙ୍କୁ ସୁହାଉଛି ଡେବ୍ରିଗଡ଼



ସମ୍ବଲପୁର, ୧୭।୧ (ସମିସ): ଡେବ୍ରିଗଡ଼ ଅଭୟାରଣ୍ୟରେ ଗୟଳଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଅଭୟାରଣ୍ୟରେ ୮୪୮ଟି ଗୟଳ ଥିବା ଗତ ୫ରୁ ୭ ତାରିଖ ପର୍ଯ୍ୟନ୍ତ ହୋଇଥିବା ଗଣନାରୁ ଜଣାପଡ଼ିଛି।

**ବର୍ଷକରେ ବଢ଼ିଲେ ୧୮୯**

ଏଥିରେ ପ୍ରାୟ ୩୦% ଶାବକ ବା ୨ ବର୍ଷରୁ କମ୍ ବୟସ୍କ ୨୩୫ଟି ଗୟଳ ରହିଛନ୍ତି। ସେହିପରି କମଗାଁ ବନଖଣ୍ଡରେ ୩୧ଟି ଗୋଠରେ ୪୪୪ (୧୫୦ ଶାବକ) ଗୟଳ ଥିବା ବେଳେ ଲଖନପୁର ବନଖଣ୍ଡରେ ୩୮ଟି ଗୋଠ ସହ ୪୦୪ (୮୫ ଶାବକ) ଗୟଳ ରହିଛନ୍ତି। ଏହି ଗଣନା ସିଧାସଳଖ ଗଣନା ପଦ୍ଧତିରେ କରାଯାଇଥିଲା। ୩୫୩ ବର୍ଗକିଲୋମିଟର ଡେବ୍ରିଗଡ଼ ଅଭୟାରଣ୍ୟକୁ ମୋଟ ୭୩ଟି ଗଣନା ୟୁନିଟ୍ କଭର୍ କରିଥିଲା। ଗଣନା ୟୁନିଟ୍‌ର ମୋଟ ୧୫୫ ଜଣ ସଦସ୍ୟ ସକାଳ ୫ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ନିୟମିତ ଭାବେ ୩ଦିନ ଗଣନା କରିଥିଲେ। ଏହି ପ୍ରକ୍ରିୟାରେ ୨୧୩ଜଣ ପିଆଇପି ଏବଂ ୧୦୩ଟି କ୍ୟାମେରା ଟ୍ରାପ୍ ମଧ୍ୟ ବ୍ୟବହାର କରାଯାଇଥିଲା।

ଡେବ୍ରିଗଡ଼ରେ ପ୍ରଥମ ଭାରତୀୟ ବାଇସନ୍ ବା ଗୟଳ ଗଣନା ୨୦୨୪ ମସିହା ନଭେମ୍ବର ୧୨ ଓ ୧୩ ତାରିଖ କରାଯାଇଥିଲା। ସେତେବେଳେ ୫୨ଟି ଗୋଠରେ ୬୫୯ ଗୟଳ ଠାବ ହୋଇଥିଲେ। ୬ ମାସ ପରେ ଦ୍ୱିତୀୟ ଗଣନା ୨୦୨୫ ମସିହା ମେ’ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ କରାଯାଇଥିଲା। ସେହି ଗଣନାରେ ୬୦ଟି ଗୋଠରେ ୭୮୮ଟି ଗୟଳ ଥିବା ଜଣାପଡ଼ିଥିଲା।

ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସଙ୍କ କହିବାନୁଯାୟୀ, ଡେବ୍ରିଗଡ଼ ଅଭୟାରଣ୍ୟର ପ୍ରମୁଖ ପ୍ରଜାତି ଗୌର ବା ଗୟଳର ପ୍ରଜନନ ଧାରାକୁ ଜାଣିବା ଏବଂ ଡେବ୍ରିଗଡ଼ ଭାରତରେ ଗୌର ସଂଖ୍ୟାର ସୁସ୍ଥ ଘନତା ରେକର୍ଡ କରିଥିବାରୁ ୨୦୨୪ ମସିହା ନଭେମ୍ବର ଠାରୁ ପ୍ରତି ୬ ମାସରେ ଗଣନା କରାଯାଉଛି। ପ୍ରଥମ ଗଣନା ଏବଂ ଦ୍ୱିତୀୟ ଗଣନାରେ ୧୨୯ ସଂଖ୍ୟାରେ ବୃଦ୍ଧି ରେକର୍ଡ କରାଯାଇଛି ଏବଂ ତୃତୀୟ ଗଣନାରେ ୬୦ ସଂଖ୍ୟା ବୃଦ୍ଧି ପାଇଛି। ଗୋଟିଏ ବର୍ଷ ମଧ୍ୟରେ (ପ୍ରଥମ ଓ ତୃତୀୟ ଗଣନା) ଗୟଳ ସଂଖ୍ୟା ୧୮୯ ବୃଦ୍ଧି ପାଇଛି।

**ସୀମାନ୍ତରେ ପୁଲିସ-ମାଓବାଦୀ ଗୁଳିବିନିମୟ**

# ମାଓନେତା ପାପା ରାଓ ସମେତ ୨ ମାଓବାଦୀ ନିହତ

ମାଲକାନଗିରି, ୧୭।୧(ସମିସ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଆଜି ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ପୁଲିସ ଗୁଳିରେ ଦୁର୍ଦ୍ଧର୍ଷ ମାଓନେତା ପାପା ରାଓଙ୍କ ସମେତ ୨ ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କଠାରୁ ଏକେ-୪୭ ବନ୍ଧୁକ ସମେତ କିଛି ମାଓ ସାମଗ୍ରୀ ଜବତ ହୋଇଛି। ପାପା ରାଓ ସହ କିଛି ମାଓବାଦୀ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ଏବଂ ଡିଆରଜି ଯବାନଙ୍କ ପକ୍ଷରୁ ଜାତୀୟ ଉଦ୍ୟାନରେ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା। ଯବାନଙ୍କୁ ଦେଖି ମାଓବାଦୀମାନେ ଅତର୍କିତ ଗୁଳି ଚଳାଇଥିଲେ। ପୁଲିସ ପକ୍ଷରୁ ମଧ୍ୟ ପାଲଟା ଜବାବ ଦିଆଯାଇଥିଲା। ଦୀର୍ଘ ସମୟ ଧରି ଗୁଳି ବିନିମୟ ହେବା ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ସର୍ଚ୍ଚ ଅପରେସନ୍ ବେଳେ ଯବାନମାନେ ୨ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରିବା ସହ ଏକେ-୪୭ ବନ୍ଧୁକ ସହ କିଛି ମାଓ ସାମଗ୍ରୀ ଜବତ କରିଥିଲେ। ପରେ ଅଞ୍ଚଳରେ ତଲାସି ଅଭିଯାନକୁ ବ୍ୟାପକ କରିଦିଆଯାଇଛି।

# ଆଜିଠାରୁ ହୀରାକୁଦ ପକ୍ଷୀଗଣନା ଆରମ୍ଭ

ସମ୍ବଲପୁର, ୧୭।୧ (ସମିସ): ଆସନ୍ତାକାଲି (ରବିବାର)ଠାରୁ ହୀରାକୁଦରେ ପକ୍ଷୀଗଣନା ଆରମ୍ଭ ହେବ। ପ୍ରତିବର୍ଷ ଭଳି ଆସନ୍ତା ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଏହି ଗଣନା କରାଯିବ। ଗଣନା ସକାଶେ ୭୫୦ ବର୍ଗକିମି ବିଶିଷ୍ଟ ହୀରାକୁଦ ଜଳଭଣ୍ଡାର ଆଦ୍ରଭୂମି ଅଞ୍ଚଳକୁ ୨୧ଟି ସେକ୍ଟରରେ ଭାଗ କରାଯାଇଛି। ଏଥିରେ ୩୭ଜଣ ବିଶେଷଜ୍ଞ ଏବଂ ୪୦ଜଣ କ୍ଷେତ୍ର ଅଧିକାରୀ ନିୟୋଜିତ ହେବେ। ସମସ୍ତ ଗଣନାକାରୀ ୩୨ଟି ଦଳରେ ଭାଗ ହୋଇ ବିଭିନ୍ନ ସେକ୍ଟରରେ ପକ୍ଷୀ ଚିହ୍ନଟ ଓ ଗଣନା କରିବେ। ସକାଳ ୫ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଗଣନା ଚାଲିବ। ପ୍ରଥମଥର ପାଇଁ ଏଥର ପକ୍ଷୀ ଗଣନାକାରୀଙ୍କ ସହ ଆଖପାଖ ଗ୍ରାମର ସ୍କୁଲ ଓ କଲେଜର ୧୫ଜଣ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇଥିବା ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି। ଆଜି ସମ୍ବଲପୁର ଚିଡ଼ିଆଖାନାରେ ଡିଏଫ୍‌ଓ ସୁଶ୍ରୀ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପକ୍ଷୀ ଗଣନା ଓ ଚିହ୍ନଟରେ ସାମିଲ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

**ପ୍ରଥମଥର ପାଇଁ ସାମିଲ ହେବେ ସ୍କୁଲ, କଲେଜ ଛାତ୍ରଛାତ୍ରୀ**


**ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ** XXVII-28

**ଘୋଷଣା**

File No.6738/2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ , ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ- ଅର୍ଜନ , ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ , ୨୦୧୩ (RFCTLAR & R Act , 2013 ) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା : **ବିଜାପଦର, ଥାନା : ମାଲକାନଗିରି, ତହସିଲ :ମାଲକାନଗିରି, ଜିଲ୍ଲା : ମାଲକାନଗିରି** ରେ ନିମ୍ନ ସୂଚିତ ' କ ' ତହସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଜୟପୁର –ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗ କରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ- ଅର୍ଜନ , ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ , ୨୦୧୩ (RFCTLAR & R Act , 2013 ) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୬୫/୨୦୨୩ ତା :୧୬.୦୬.୨୦୨୩ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା : ବିଜାପଦର ଥାନା : ମାଲକାନଗିରି ତହସିଲ : ମାଲକାନଗିରି ଜିଲ୍ଲା : ମାଲକାନଗିରି ର ଜୟପୁର–ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗ କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.malkangiri.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ -ଅର୍ଜନ ଅଧିକାରୀ, ଜୟପୁର–ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗ କରଣ ପ୍ରକଳ୍ପ -ତଥା -ତହସିଲଦାର , ମାଲକାନଗିରି ଙ୍କ ତହସିଲ କାର୍ଯ୍ୟାଳୟ , ମାଲକାନଗିରି କାର୍ଯ୍ୟ ଦିବସ ମାନଙ୍କ ରେ ଦେଖିବାକୁ ମିଳିପାରିବ ।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚି)

ଜିଲ୍ଲା : ମାଲକାନଗିରି — ତହସିଲ : ମାଲକାନଗିରି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଂଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବିଜାପଦର | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମି ର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

ଭୂମି ଅନୁସୂଚୀ
ମୌଜା : ବିଜାପଦର, ଥାନା- ମାଲକାନଗିରି ନଂ-୭୪, ତହସିଲ : ମାଲକାନଗିରି, ଜିଲ୍ଲା : ମାଲକାନଗିରି ଜୟପୁର - ମାଲକାନଗିରି
**ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ରୟତଙ୍କ ନାମ |
|---|---|---|---|---|---|
| ୧ | ୬୯ | ୨.୧୦୩ | ୦.୩୮୫ | ଧାନ ଏକ | ଅଙ୍ଗଦ ସାନ୍ତା ପି:ବଇଭ ସାନ୍ତା ଜା: କନ୍ଧ ବା: ନିଜଗାଁ |
| ୧୭ | ୬୫୨ | ୧.୯୭୭ | ୦.୮୮୪ | ଡଙ୍ଗର ଏକ | ଡମ୍ବରୁ ପାଙ୍ଗି ପି:ରତନ ପାଙ୍ଗି ଜା: ଗାଦବା ବା: ନିଜଗାଁ |
| ୨୧ | ୫୬ | ୨.୯୩୬ | ୦.୦୮୯ | ଧାନ ଏକ | ଡମ୍ବୁ ଦୋରା, ବୁଦୁରା ଦୋରା, ସହଦେବ ଦୋରା, ଲକ୍ଷ୍ମୁ ଦୋରା, କୃଷ୍ଣ ଦୋରା, ମଙ୍ଗଳି ଦୋରା ପି: ମକୁନ୍ଦ ଦୋରା, ଲକ୍ଷ୍ମୀ ଦୋରା ସ୍ୱା: ମକୁନ୍ଦ ଦୋରା ଜା: ଭୂମିଆ ବା: ନିଜଗାଁ |
| ୨୬ | ୬୬ | ୨.୪୭୧ | ୧.୬୦୮ | ଧାନ ଦୁଇ | ନରସିଂହ କୋଢ଼େ ପି:ଲକ୍ଷଣ କୋଢ଼େ ଜା: ଭୂମିଆ ବା: ନିଜଗାଁ |
| ୩୧ | ୪୯ | ୧.୩୨୨ | ୦.୬୦୮ | ଧାନ ଦୁଇ | ବରଜ ଭୂମିଆ ପି:ସନୁ ଭୂମିଆ ଜା: ଭୂମିଆ ବା: ସର୍ଗିଗୁଡ଼ା |
| ୩୩ | ୧୮୯ | ୧.୪୫୧ | ୦.୭୨୦ | ଧାନ ଦୁଇ | ବାଗା ପୋଲା, ରାମ ପୋଲା, ମଙ୍ଗଳା ପୋଲା, ନରସିଂହ ପୋଲା, ରାଇମଣି ପୋଲା ପି: ଚକ୍ର ପୋଲା, ପୁତା ପୋଲା ସ୍ୱା: ଚକ୍ର ପୋଲା ଜା: ଭୂମିଆ ବା: ନିଜଗାଁ (ପୋଲାଗୁଡ଼ା) |
| | ୪୭ | ୦.୭୧୭ | ୦.୭୧୭ | ଧାନ ଦୁଇ | |
| | ୪୪ | ୧.୦୦୧ | ୦.୨୪୧ | ଧାନ ଦୁଇ | |
| | ୩୪ | ୩.୪୧୩ | ୦.୯୯୮ | ଧାନ ଏକ | |
| ୪୧ | ୧୮୦ | ୨.୮୫୨ | ୧.୨୬୪ | ଡଙ୍ଗର ଏକ | ବୁଦୁରା ସାନ୍ତା ପି:ଦାନା ସାନ୍ତା ଜା: କନ୍ଧ ବା: ନିଜଗାଁ |
| ୪୨ | ୬୫୦ | ୦.୪୦୦ | ୦.୧୮୫ | ଧାନ ଏକ | ବୁଦୁରା ଆରଙ୍ଗି ପି:ଭାଗିରଥି ଆରଙ୍ଗି ଜା: ଭୂମିଆ ବା: ନିଜଗାଁ (ପୋଲା ଗୁଡ଼ା ) |
| | ୬୪୯ | ୧.୫୮୧ | ୦.୫୦୬ | ଧାନ ଏକ | |
| ୪୬ | ୨୦୫ | ୦.୨୪୭ | ୦.୧୦୨ | ଘରବାରି | ଭାଗିରଥି ପୁଜାରୀ ପି:ନରସିଂହ ପୁଜାରୀ ଜା: ଭୂମିଆ ବା: ନିଜଗାଁ |
| ୫୬ | ୭୫ | ୩.୫୩୪ | ୦.୯୮୩ | ଡଙ୍ଗର ଏକ | ମଧୁ ଖିଲ ପି:ହରି ଖିଲ ଜା: ଗାଦବା ବା: ନିଜଗାଁ |
| ୫୭ | ୫୨ | ୨.୫୯୫ | ୧.୯୫୯ | ଧାନ ଏକ | ମଧୁ ବୁରୁଡ଼ି, ମୁକୁନ୍ଦ ବୁରୁଡ଼ି ପି: ଘାସି ବୁରୁଡ଼ି ଜା: କଟିଆ ବା: ପାଣ୍ଡିରି ପାଣି |
| | ୩୩ | ୦.୨୪୦ | ୦.୨୪୦ | ଧାନ ଏକ | |
| ୫୯ | ୨୦୪ | ୦.୧୦୧ | ୦.୦୧୬ | ଘରବାରି | ମୋହିଙ୍ଗୀ ସିଂ ପି:ସର୍ଦ୍ଦାର ସିଂ ଜା: ରାଉର ବା: ନିଜଗାଁ |
| | ୧୯୫ | ୦.୨୦୦ | ୦.୦୧୫ | ଘରବାରି | |
| | ୧୯୩ | ୦.୦୫୨ | ୦.୦୪୭ | ଘରବାରି | |
| | ୧୯୨ | ୦.୪୦୦ | ୦.୪୦୦ | ଘରବାରି | |
| ୬୬ | ୭୨ | ୧.୭୨୫ | ୦.୧୦୦ | ଡଙ୍ଗର ଏକ | ରାମ ସାନ୍ତା ପି:ସନା ସାନ୍ତା ଜା: କନ୍ଧ ବା: ନିଜଗାଁ |
| | ୭୦ | ୦.୯୬୪ | ୦.୭୧୮ | ଡଙ୍ଗର ଏକ | |
| ୬୮ | ୧୭୭ | ୫.୨୪୫ | ୦.୦୭୮ | ଧାନ ଏକ | ଲକ୍ଷ୍ମଣ ମାଢ଼ି ପି:ଲକ୍ଷ୍ମୁ ମାଢ଼ି ଜା: କୋୟା ବା: ନିଜଗାଁ |
| ୮୦ | ୧୮୨ | ୧.୮୫୧ | ୧.୦୬୨ | ଧାନ ଏକ | ସନିଆ ସାନ୍ତା, ଧନିଆ ସାନ୍ତା, ଇନ୍ଦ୍ରା ସାନ୍ତା ପି: ଆଦୁ ସାନ୍ତା, ତୁଳସା ସାନ୍ତା ସ୍ୱା: ଆଦୁ ସାନ୍ତା ଜା: କନ୍ଧ ବା: ନିଜଗାଁ |
| | ୭୧ | ୦.୪୪୦ | ୦.୪୪୦ | ଧାନ ଦୁଇ | ସନୁ ଖିଲ, ଇର୍ଦ୍ଦବ ଖିଲ, ଧନପତି ଖିଲ ପି: ମଙ୍ଗଳା ଖିଲ ଜା: କଟିଆ ବା: ନିଜଗାଁ |
| | ୬୮ | ୧.୧୭୧ | ୧.୦୪୮ | ଧାନ ଏକ | |
| ୯୫ | ୭୪ | ୩.୨୧୨ | ୧.୨୨୮ | ଡଙ୍ଗର ଏକ | ସୋମନାଥ ଗାଦବା ପି:ସମରା ଗାଦବା ଜା: ଗାଦବା ବା: ନିଜଗାଁ |
| ୯୮ | ୮୭ | ୧.୯୭୭ | ୦.୦୫୩ | ଧାନ ଏକ | ହରି ମୁଦୁଲି ପି:ଦେବ ମୁଦୁଲି ଜା: ପରଜା ବା: ନିଜଗାଁ |
| ୧୩୬ | ୬୯ | ୦.୪୬୯ | ୦.୪୬୯ | ଜଙ୍ଗଲ | ନରସିଂ ପୁଲା, ପି: ଚକ୍ର ପୁଲା, ଜା ଭୂମିଆ, ବା- ବିଜାପଦର |
| ୧୪୦ | ୬୪୭/୧ | ୦.୬୬୧ | ୦.୨୩୪ | ଜଙ୍ଗଲ | ସମନ୍ଥ ଆରଙ୍ଗି ପି:ବୁଦ୍ଧୁଷ୍ଟ ଆରଙ୍ଗି ଜା: ଭୂମିଆ ବା: ବିଜାପାଦର |
| ୧୭୪ | ୬୪୭/୨ | ୦.୬୬୧ | ୦.୧୪୫ | ଜଙ୍ଗଲ | ମନ ଅରଙ୍ଗି ପି: ବୁର୍ଣ୍ଣୁ ଅରଙ୍ଗି, ଜା: ଭୂମିଆ ବା: ବିଜାପଦର |
| ୧୩୯ | ୪୫/୨ | ୦.୪୪୯ | ୦.୪୩୯ | ଜଙ୍ଗଲ | ବାସୁଦେବ ମାଝି ପି:ମଙ୍ଗଳା ମାଝି ଜା: ଭୂମିଆ ବା: ବିଜାପାଦର |
| ୧୩୬ | ୪୫/୧ | ୦.୪୬୬ | ୦.୪୬୧ | ଜଙ୍ଗଲ | ମଙ୍ଗଳା ପୁଲା ପି: ଚକ୍ର ପୁଲା, ଜା: ଭୂମିଆ ବା: ବିଜାପାଦର |
| ୧୫୯ | ୪୫/୩ | ୦.୪୬୬ | ୦.୨୬୧ | ଜଙ୍ଗଲ | ରାମ ପୁଲା ପି: ଚକ୍ର ପୁଲା, ଜା: ଭୂମିଆ ବା: ବିଜାପଦର |
| | ମୋଟ | ୪୯.୩୪୮ | ୧୮.୮୦୩ | | |

ତଫସିଲ -ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚି)

ଜିଲ୍ଲା : ମାଲକାନଗିରି — ତହସିଲ : ମାଲକାନଗିରି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଂଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ : ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ .

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ମାଲକାନଗିରି

OIPR-


**ଏନ୍‌ଟିସିଏର ନିର୍ଦ୍ଦେଶ**

# ବ୍ୟାଘ୍ର ଅଭୟାରଣ୍ୟରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ଏସ୍‌ଓପି ପ୍ରଣୟନ କର

ବାରିପଦା, ୧୭ ।୧(ସମିସ): ଶିମିଳିପାଳ ସହ ଦେଶର ସମସ୍ତ ବ୍ୟାଘ୍ର ଅଭୟାରଣ୍ୟରେ କାର୍ଯ୍ୟରତ କର୍ମଚାରୀଙ୍କୁ ସ୍ୱତନ୍ତ୍ର ସୁବିଧା ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କୁ ବହୁବିଧ ଯୋଜନା ପ୍ରଣୟନ ସହ ଏସ୍‌ଓପି ପ୍ରସ୍ତୁତ କରିବାକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ ବା ଏନ୍‌ଟିସିଏ ନିର୍ଦ୍ଦେଶନାମା




ଜାରି କରିଛନ୍ତି। ଦେଶର ସମସ୍ତ ବ୍ୟାଘ୍ର ଅଭୟାରଣ୍ୟରେ କାର୍ଯ୍ୟରତ କ୍ଷେତ୍ର କର୍ମଚାରୀ ଓ ଅଧିକାରୀଙ୍କ ପାଇଁ ମୌଳିକ ସୁବିଧା, ସୁରକ୍ଷା ଓ କଲ୍ୟାଣ ବୃଦ୍ଧି ଉପରେ ଜୋର୍ ଦେଇଛନ୍ତି ଏନଟିସିଏ। ଭାରତ ସରକାରଙ୍କ ଅଧୀନ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ପକ୍ଷରୁ ୧୩ ତାରିଖରେ ଏହି ନିର୍ଦ୍ଦେଶାବଳୀ ସମସ୍ତ ବ୍ୟାଘ୍ର ଅଭୟାରଣ୍ୟର ମୁଖ୍ୟ ବନ୍ୟଜନ୍ତୁ ପାଳକଙ୍କୁ ପଠାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କ୍ଷେତ୍ରୀୟ କର୍ମଚାରୀ ଓ ଅଫିସର୍‌ଙ୍କୁ ଆଉଟ୍‌ସୋର୍ସିଂ କରାଯିବ ନାହିଁ। କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ସରକାରୀ ଆବାସ, ସୁରକ୍ଷିତ ଆବଶ୍ୟକ ସୁବିଧା ଓ ଢାଞ୍ଚାଗତ ବିକାଶକୁ ରାଜ୍ୟ ସରକାର ପ୍ରାଥମିକତା ଦେବେ। ଶିମିଳିପାଳ ଭଳି ଟାଇଗର୍ ରିଜର୍ଭ କ୍ୟାମ୍ପରେ ସ୍ୱଚ୍ଛ ପାନୀୟ ଜଳ, ସୁରକ୍ଷିତ ଆବାସ, ଶୌଚାଳୟ ଓ ମହିଳା କର୍ମଚାରୀଙ୍କ ପାଇଁ ଅଲଗା ସୁବିଧା ବ୍ୟବସ୍ଥା କରିବାକୁ ଏଥିରେ କୁହାଯାଇଛି। ସେହିପରି ଦୂର ଅଞ୍ଚଳରେ କାର୍ଯ୍ୟରତ କର୍ମଚାରୀଙ୍କ ପରିବାର ପାଇଁ ସ୍କୁଲ, ଚିକିତ୍ସା ଓ ଅନ୍ୟାନ୍ୟ ସମସ୍ତ ସୁବିଧା ସୁନିଶ୍ଚିତ କରିବା ଉପରେ ମଧ୍ୟ ଜୋର୍ ଦିଆଯାଇଛି। ଏଥିସହ ଟାଇଗର୍ ରିଜର୍ଭରେ ପ୍ରାଣୀଧନ ଚିକିତ୍ସକ, ବନ୍ୟଜନ୍ତୁ ଜୀବବିଜ୍ଞାନୀ ଓ ସାମାଜିକ ବିଜ୍ଞାନୀଙ୍କ ପାଇଁ ଅଲଗା କ୍ୟାଡର୍ ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଛି। ବନ୍ୟଜନ୍ତୁ ସୁରକ୍ଷା ସମ୍ପର୍କିତ ଗବେଷଣା, ଟାଇଗର୍ ମନିଟରିଂ ଓ ଆବାସ ପରିଚାଳନାକୁ ଅଧିକ ଶକ୍ତିଶାଳୀ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଦର୍ଶାଯାଇଛି। ଡ୍ୟୁଟି ବେଳେ କୌଣସି କର୍ମଚାରୀଙ୍କ ଅକାଳ ମୃତ୍ୟୁ ଘଟିଲେ, ସେମାନଙ୍କ ପରିବାରକୁ ଯଥୋଚିତ ଅନୁଗ୍ରହ ରାଶି, ସାମାଜିକ ସୁରକ୍ଷା ଓ ଆୟୁଷ୍ମାନ ଭାରତ ଯୋଜନାର ଲାଭ ନିଶ୍ଚିତ କରିବାକୁ ମଧ୍ୟ ଏନ୍‌ଟିସିଏ ନିର୍ଦ୍ଦେଶ ଦେଇଛି। ଏହି ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ ହେଲେ ବାଘଙ୍କ ସୁରକ୍ଷା ସହ କ୍ଷେତ୍ରୀୟ କର୍ମଚାରୀଙ୍କ ମନୋବଳ ଓ କାର୍ଯ୍ୟ କ୍ଷମତା ବଢ଼ିବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି।

# ସ୍କୁଲ ପରିସରରେ ୨ ଶିକ୍ଷୟିତ୍ରୀ ମାରପିଟ୍

ସମ୍ବଲପୁର, ୧୭।୧ (ସମିସ): ଛାତ୍ରଛାତ୍ରୀଙ୍କ ଆଗରେ ମାରପିଟ୍ ହୋଇ ଦୁଇ ଶିକ୍ଷୟିତ୍ରୀ ଲହୁଲୁହାଣ। ସମ୍ବଲପୁର ସହର ଉପକଣ୍ଠସ୍ଥିତ ବୁର୍ଲା କିର୍ବା ପ୍ରାଥମିକ ବିଦ୍ୟାଳୟରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଏହାର ଏକ ଭିଡିଓ ଭାଇରାଲ ହେବା ପରେ ଅଭିଭାବକମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍କୁଲ ପରିସରରେ ଏଭଳି ଘଟଣା ଛାତ୍ରଛାତ୍ରୀଙ୍କ ଉପରେ କୁ-ପ୍ରଭାବ ପକାଇବ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି। ଅପରପକ୍ଷେ, ବ୍ଲକ୍ ଶିକ୍ଷାଧିକାରୀ (ବିଇଓ) ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

**ଭିଡିଓ ଭାଇରାଲ ପରେ ତଦନ୍ତ ନିର୍ଦ୍ଦେଶ**

ଜଣେ ସଫେଇ କର୍ମଚାରୀଙ୍କୁ ଟଙ୍କା ଦେବାକୁ ନେଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଏହା ଉଗ୍ରରୂପ ନେବାରୁ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ସ୍କୁଲ ପରିସରରେ ପରସ୍ପର ମାରପିଟ୍ ହୋଇ ଲହୁଲୁହାଣ ହୋଇଥିଲେ। ତେବେ ଏହାର ଏକ ଭିଡିଓ ଭାଇରାଲ ହେବା ପରେ ଏହା ପଦାକୁ ଆସିଛି।ଆଜି ଧନକଉଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କରନ ଶର୍ମା ଏହାର ତଦନ୍ତ କରି ତିନିଦିନ ମଧ୍ୟରେ ରିପୋର୍ଟ ଦେବାକୁ ବିଆର୍‌ସିସି ରମେଶ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ବିଆର୍‌ସିସି ଯାଇ ଘଟଣାର ତଦନ୍ତ କରିଛନ୍ତି। ବିଇଓ କରନ ଶର୍ମା କହିଛନ୍ତି, ତଦନ୍ତ ରିପୋର୍ଟ ପାଇବାପରେ ନିୟମାନୁଯାୟୀ ଶିକ୍ଷୟିତ୍ରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାନୁଯାୟୀ, ପ୍ରଧାନଶିକ୍ଷକ ଅବସର ଗ୍ରହଣ କରିବା ପରେ ଏବେ ସ୍କୁଲରେ ୩ ଶିକ୍ଷୟିତ୍ରୀ ଅଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୯୩ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି।

# ୨୦୨୭ ଜାନୁଆରୀ-ଫେବୃଆରୀରେ ହେବ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ

କଟକ,୧୭ ।୧(ସମିସ): ଆସନ୍ତା ୨୦୨୭ ଜାନୁଆରୀ-ଫେବୃଆରୀରେ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରାକ୍-ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ଭୋଟର୍ ସର୍ଭେ କାମ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ ସୂଚନା ଦେଇଛନ୍ତି। ଆଜି କଟକସ୍ଥିତ କେନ୍ଦ୍ରାଞ୍ଚଳ

**କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନ୍ ଅନ୍ତର୍ଗତ ଜିଲ୍ଲାପାଳ ସମ୍ମିଳନୀରେ ପ୍ରସ୍ତୁତି ସମୀକ୍ଷା**

ରାଜସ୍ୱ ଡିଭିଜନ୍ କାର୍ଯ୍ୟାଳୟଠାରେ ସମୀକ୍ଷା କରିବା ଅବସରରେ ସେ ଗଣମାଧ୍ୟମକୁ ଏହା କହିଛନ୍ତି। ଏସ୍‌ଆଇଆର ସର୍ଭେ ଓ ଭୋଟର୍ ସର୍ଭେ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବା ବେଳେ ଜନଗଣନା କାର୍ଯ୍ୟ ପାଇଁ ଭୋଟର୍‌ଙ୍କ ସର୍ଭେ ସାମାନ୍ୟ ବିଳମ୍ବ ଘଟିପାରେ। ତେବେ ଭୋଟର୍‌ଙ୍କ ପାଖରେ ବୁଥ୍ କରିବା ଉଦ୍ଦେଶ୍ୟରେ ଆବଶ୍ୟକ ସ୍ଥଳେ ବୁଥ୍ ପୁନର୍ଗଠନ କରାଯାଇପାରେ ବୋଲି ସେ କହିଛନ୍ତି। ଆଗାମୀ ପଞ୍ଚାୟତ ଏବଂ ସହରାଞ୍ଚଳ ନିର୍ବାଚନ ନିମନ୍ତେ ନିର୍ଭୁଲ ଭୋଟର୍ ତାଲିକା ପ୍ରସ୍ତୁତି ଆଦି ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଅଧୀନ ୧୦ଟି



ଜିଲ୍ଲାର ଜିଲ୍ଲାପାଳମାନଙ୍କ ସମ୍ମିଳନୀ ଆଜି ପୂର୍ବାହ୍ନରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।

ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୁକ୍ତ ଶ୍ରୀ ପାଢ଼ୀ ଏଥିରେ ଯୋଗ ଦେଇ ଏକ ସ୍ୱଚ୍ଛ, ନିର୍ଭୁଲ ଭୋଟର୍ ତାଲିକା ପ୍ରସ୍ତୁତି ଦିଗରେ ବିବିଧ ପଦକ୍ଷେପ ଗ୍ରହଣ ସମ୍ପର୍କରେ ଆଲୋଚନା କରିଥିଲେ। ଘରକୁଘର ବୁଲି ସର୍ଭେ କରିବା, ମୃତ ଭୋଟର୍‌ଙ୍କ ନାମ ବାଦ ଦେବା ଉପରେ ଗୁରୁତ୍ୱାରୋପ କରିବା ସହ ଆଗାମୀ ନିର୍ବାଚନ ପ୍ରକ୍ରିୟାକୁ ସୁଚାରୁରୂପେ ସଂପାଦନ କରିବା ଦିଗରେ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ। ବାଲଟ୍ ବାକ୍ସର ବର୍ତ୍ତମାନର ସ୍ଥିତି ସମୀକ୍ଷା, ଗୋଟିଏ ସ୍ଥାନରେ ୫ଟିରୁ ଅଧିକ ବୁଥ୍ ନ ରଖିବା, ଅଧିକ ବୁଥ୍ ଥିବା ସ୍ଥାନକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବା, ବାଲଟ୍ କାଗଜ ପ୍ରିଣ୍ଟିଂ, ଉଭୟ ଭୋଟ୍ ଗଣତି କେନ୍ଦ୍ର ଚିହ୍ନଟ ସମସ୍ତ ବିଡିଓ ଏବଂ ନିର୍ବାଚନ ଅଧିକାରୀମାନଙ୍କ ଦ୍ୱାରା ସହରାଞ୍ଚଳ ପରିଷଦ ବୁଥ୍‌ଗୁଡ଼ିକର ନିରୁପଣ ଆଦି ଜରୁରୀ ବୋଲି ଶ୍ରୀ ପାଢ଼ୀ ଗୁରୁତ୍ୱାରୋପ କରିଥିଲେ।

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର ଏଥିରେ ପୌରାହିତ୍ୟ କରି ଆଗାମୀ ୨୦୨୭ ତ୍ରିସ୍ତରୀୟ ପଞ୍ଚାୟତ ଏବଂ ସହରାଞ୍ଚଳ ପରିଷଦ ସାଧାରଣ ନିର୍ବାଚନ ପ୍ରକ୍ରିୟା ଅବାଧ, ମୁକ୍ତ ଏବଂ ନିରପେକ୍ଷ ଭାବେ ସମ୍ପାଦନ ଦିଗରେ ପରାମର୍ଶ ଦେଇଥିଲେ। ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ସଚିବ ସନ୍ତୋଷ ଦାସଙ୍କ ପକ୍ଷରୁ ଏ ସମ୍ପର୍କରେ ବିବିଧ ଗୁରୁତ୍ୱପୂର୍ଣ୍ଣ ସୂଚନା ପିପିଟି ମାଧ୍ୟମରେ ଉପସ୍ଥାପିତ କରାଯାଇଥିଲା। କଟକ, ଖୋର୍ଦ୍ଧା, ବାଲେଶ୍ୱର, ପୁରୀ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ମୟୂରଭଞ୍ଜ, ନୟାଗଡ଼, ଯାଜପୁର ଜିଲ୍ଲାପାଳ ପ୍ରମୁଖ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ସେହିଭଳି ସମସ୍ତ ଅତିରିକ୍ତ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ ତଥା ନିର୍ବାଚନ ସହ ସଂପୃକ୍ତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।






# ସରସ୍ୱତୀ ପୂଜାରେ ଶୀର୍ଷକ ଘୋଷଣା

ରଜ ପାଇଁ ଏବେଠୁ ଆରମ୍ଭ ହୋଇ ଗଲାଣି ଓଡ଼ିଆ ସିନେମାର ସଜବାଜ। ଓଡ଼ିଶାର ଆଗଧାଡ଼ିର ପ୍ରଯୋଜନା ସଂସ୍ଥା 'ମୁନ୍ ଟିଭି ମୁଭିଜ୍' ତା'ର ରଜ ସିନେମା ଘୋଷଣା କରିଛି। ଅବଶ୍ୟ ଏହାର ଶୀର୍ଷକ ସମ୍ପର୍କରେ ଏବେ କିଛି କୁହାଯାଇ ନାହିଁ। ତେବେ ଏହାର ଟାଇଟଲ୍ ସରସ୍ୱତୀ ପୂଜା ଅବସରରେ ହିଁ ଘୋଷଣା କରାଯିବ। ଏହି ସିନେମାର ମୁଖ୍ୟ ଭୂମିକାରେ ଅମ୍ଲାନ, ଏଲିନା ଓ ସୁପ୍ରିୟା ନଜର ଆସିବା କୁହାଯାଉଛି। ସିନେମାର ପ୍ରଯୋଜନାରେ ସଚ୍ଚିକାନ୍ତ ଜେନା ଅଛନ୍ତି ଏବଂ ନିର୍ଦ୍ଦେଶନା ଦେଉଛନ୍ତି ମୃତ୍ୟୁଞ୍ଜୟ ସାହୁ। ସେହିପରି ସଙ୍ଗୀତ ନିର୍ଦ୍ଦେଶନା ଦେଉଛନ୍ତି ବୈଦ୍ୟନାଥ ଦାସ ଓ ଏହାର କାହାଣୀ ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି ପ୍ରିୟବ୍ରତ ପଣ୍ଡା। ଏ କାହାଣୀଟି ଏକ ସତ୍ୟ ଘଟଣାରୁ ଅନୁପ୍ରାଣିତ। ଏହାସହ ରଜ ବଜାରରେ ସିନେମାଟି ଦର୍ଶକଙ୍କ ହୃଦୟକୁ ଛୁଇଁବ ବୋଲି ପ୍ରଯୋଜକ ଓ ନିର୍ଦ୍ଦେଶକ ଆଶା ରଖିଛନ୍ତି।

# ଫେବୃଆରୀ ୧୩ରେ 'ରକ୍ତ ଗୋଲାପ'



ନିକଟରେ ନୂଆ ଓଡ଼ିଆ ସିନେମା 'ରକ୍ତ ଗୋଲାପ'ର ଟିଜର୍ ରିଲିଜ୍ ହୋଇଥିଲା। ଯାହାକୁ ଲୋକେ ବେଶ୍ ପସନ୍ଦ କରିଛନ୍ତି। ତେବେ ସିନେମାଟି ଫେବୃଆରୀ ୧୩ରେ ପ୍ରେକ୍ଷାଳୟକୁ ଆସିବ। ଏହାର ମୁଖ୍ୟ ଚରିତ୍ରରେ ଓଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଏଲିନା ସାମନ୍ତରାୟଙ୍କୁ ଦେଖିବାକୁ ମିଳିବ। ଏଲିନାଙ୍କ ବ୍ୟତୀତ ଏଥିରେ ଅଭିଷେକ ଗିରି, ଚୌଧୁରୀ ଜୟ ପ୍ରକାଶ ଦାସ, ହର ରଥ, ସମରେଶ ରାଉତରାୟ, ଉଦି ଗୁରୁ ପ୍ରମୁଖ ନଜର ଆସିବେ। ସେହିପରି ସିନେମାର କାହାଣୀରେ ଲଭ୍, ଇମୋସନ, ସସପେନ୍ସ ଏବଂ ଥ୍ରିଲର ମଧ୍ୟ ଦେଖିବାକୁ ମିଳିବ। ଅଶ୍ରୁଜିତ ମହାପାତ୍ର ଏବଂ ଶୋଭନ ଦାସଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନାରେ ଅଛନ୍ତି ଶିଶିର କୁମାର ସାହୁ ଏବଂ ପିନାକୀ ସିଂହ। ଏହାର ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଅମିତ କୁମାର ଦାଶ ଏବଂ ଗଣେଶ ବାରିକ। ଅନ୍ୟପଟେ ସିନେମା ରିଲିଜ୍ ପୂର୍ବରୁ ଏହାର ଗୀତ 'ପାତଲ ଘଣ୍ଟା' ଟ୍ରେଣ୍ଡ କରୁଛି।

# ଡିସିପି ଭୂମିକାରେ ଭୂମି



କ୍ରାଇମ୍ ଥ୍ରିଲର ୱେବ୍ ସିରିଜ୍ 'ଦଲଦଲ'ର ଦମ୍‌ଦାର୍ ଟିଜର୍ ରିଲିଜ୍ ହୋଇଛି। ଏହାର ମୁଖ୍ୟ ଚରିତ୍ରରେ ଭୂମି ପେଡନେକର୍ ଅଛନ୍ତି। ଏଥିରେ ସେ ଡିସିପି ଭୂମିକାରେ ନଜର ଆସିବେ। ଟିଜର୍‌ରେ ଭୂମିଙ୍କ ଦମଦାର ଲୁକ୍ ସାମ୍ନାକୁ ଆସିଛି। ଏହି ସିରିଜ୍ ମୁମ୍ବାଇ ପୃଷ୍ଠଭୂମି ଉପରେ ଆଧାରିତ। ଏଥିରେ ସମାରା ତିଜୋରି, ଆଦିତ୍ୟ ରାୱଲ ବି ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଏହାର ପ୍ରିମିୟର ଜାନୁଆରୀ ୩୦ ତାରିଖରେ ପ୍ରାଇମ ଭିଡିଓରେ ହେବ। ତେବେ 'ଭିଣ୍ଡି ବାଜାର' ଉପରେ ଆଧାରିତ 'ଦଲଦଲ'କୁ ସୁରେଶ ତ୍ରିବେଣୀ ଲେଖିଛନ୍ତି। ଏହାର ନିର୍ଦ୍ଦେଶନା ଅମୃତ ରାଜ ଗୁପ୍ତା ଦେଇଛନ୍ତି।



# ଧନୁଷ-ମୃଣାଳଙ୍କ ବାହାଘର!

ସାଉଥ୍ ଷ୍ଟାର୍ ଧନୁଷ ଏବଂ ମୃଣାଳ ଠାକୁର ପରସ୍ପରକୁ ଡେଟ୍ କରୁଥିବା ଚର୍ଚ୍ଚା ହେଉଛି। ଏହାରି ଭିତରେ ଦୁହିଁଙ୍କ ବିବାହ ଖବର ଏହି ଚର୍ଚ୍ଚାକୁ ଅଧିକ ସରଗରମ କରିଛି। କୁହାଯାଉଛି ଦୁହେଁ କୁଆଡ଼େ ଫେବୃଆରୀ ୧୪ ରେ ବିବାହ କରିବେ। ଅବଶ୍ୟ ଏହା ଉପରେ ଦୁହେଁ କିଛି କହି ନାହାନ୍ତି। କେବଳ ସେତିକି ନୁହେଁ, ସେମାନଙ୍କର ଏହି ବିବାହରେ କେବଳ ପରିବାର ଓ ସାଙ୍ଗସାଥୀ ଯୋଗ ଦେବେ। ୨୦୨୫ ଅଗଷ୍ଟରେ 'ସନ୍ ଅଫ୍ ସର୍ଦ୍ଦାର' ସିନେମାରୁ ଦୁହିଁଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ସେହିପରି ଧନୁଷ ଏବଂ ମୃଣାଳ ଏକାଠି ବାହାରକୁ ଯିବାରେ ଅସହଜ ଅନୁଭବ କରି ନ ଥାନ୍ତି। ତେବେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା କୁହାଯାଉଥିଲେ ବି ସେମାନେ ଭଲ ସାଙ୍ଗ ବୋଲି ମୃଣାଳ ପୂର୍ବରୁ କହିସାରିଛନ୍ତି। ଅନ୍ୟପଟେ ଧନୁଷ ଓ ମୃଣାଳ ବିବାହ ସମ୍ପର୍କରେ ମୁହଁ ଖୋଲିଲେ ହିଁ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ।





# ଶାହିଦ୍-ତ୍ରିପ୍ତିଙ୍କ ରୋମାନ୍ସ

ବଲିଉଡ୍ ଅଭିନେତା ଶାହିଦ୍ କପୁରଙ୍କ ଅଭିନୀତ ସିନେମା 'ଓ ରୋମିଓ'ର ପ୍ରଥମ ଗୀତ ରିଲିଜ୍ ହୋଇଛି। 'ହମ୍ ତୋ ତେରେ ଲିଏ ଥେ' ଗୀତଟିକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଗୀତଟିରେ କଣ୍ଠଦାନ କରିଛନ୍ତି ଅରିଜିତ୍ ସିଂହ। ଗୀତଟିର ଆରମ୍ଭ ତ୍ରିପ୍ତି ଡିମରିଙ୍କଠାରୁ ହୋଇଛି। ତେବେ ଏଥିରେ ଶାହିଦ ଏବଂ ତ୍ରିପ୍ତିଙ୍କ ରୋମାନ୍ସ ଦେଖିବାକୁ ମିଳିଛି। ତେଣୁ ଏହି ଯୋଡ଼ିକୁ ଦର୍ଶକୀୟ ଆଦୃତି ମିଳିବା ଆଶା କରାଯାଉଛି। ସେହିପରି ଗୀତଟିରେ ପ୍ରେମ, ରୋମାନ୍ସ, ଆକ୍ସନ ସବୁକିଛି ଅଛି। କେବଳ ସେତିକି ନୁହେଁ, ଏଥିରେ ଶାହିଦ୍‌ଙ୍କ ରଫ୍ ଲଭର୍ ଲୁକ୍ ବି ଆକର୍ଷଣୀୟ ହୋଇଛି। ବିଶାଲ ଭରଦ୍ୱାଜଙ୍କ ନିର୍ଦ୍ଦେଶିତ ଏହି ସିନେମା ଫେବୃଆରୀ ୧୩ରେ ରିଲିଜ୍ ହେବ। ସିନେମାରେ ନାନା ପାଟେକର, ବିକ୍ରାନ୍ତ ମେସି, ଅବିନାଶ ତିୱାରି, ଦିଶା ପଟାନି, ତମନ୍ନା ଭାଟିଆ, ଫରିଦା ଜଲାଲ ପ୍ରମୁଖ ଅଭିନୟ କରିଛନ୍ତି।

ପରଦା ପଛର କାହାଣୀ

# ଗୋଟିଏ ଦୃଶ୍ୟ ପାଇଁ ୫୦ ହଜାର ଲୋକ

ବଲିଉଡ୍‌ରେ ନିର୍ମିତ ଅନେକ ଫିଲ୍ମ ସୀମିତ ସଂସାଧନ, କମ ବଜେଟ୍ ତଥା ବିନା ଭିଏଫ୍‌ଏକ୍ସରେ ମଧ୍ୟ ସୁପରହିଟ୍ ସାବ୍ୟସ୍ତ ହୋଇଛି। ସେମିତି ଏକ କ୍ଲଟ୍ କ୍ଲାସିକ୍ ଫିଲ୍ମ ହେଉଛି ୨୦୦୧ରେ ମୁକ୍ତିଲାଭ କରିଥିବା 'ଗଦର: ଏକ ପ୍ରେମ୍ କଥା'। ଏହି ଚଳଚ୍ଚିତ୍ରରେ ମୁଖ୍ୟ ଅଭିନେତା ସନ୍ନି ଦେଓଲ ଏବଂ ଅଭିନେତ୍ରୀ ଅମିଷା ପଟେଲଙ୍କ ଚମତ୍କାର ଅଭିନୟ କରିଥିଲେ। ଏହାର ନିର୍ଦ୍ଦେଶନା ଦେଇଥିଲେ ଅନିଲ ଶର୍ମା। ନିକଟରେ ସେ ଫିଲ୍ମକୁ ନେଇ ଏକ ରୋଚକୀୟ କଥା ସେୟାର୍ କରିଛନ୍ତି 'ଗଦର: ଏକ ପ୍ରେମ୍ କଥା'। ଅନିଲ ଶର୍ମାଙ୍କ କହିବାନୁଯାୟୀ, ଫିଲ୍ମରେ ଥିବା ଗହଳି ଦୃଶ୍ୟ ଆଧୁନିକ ଇଫେକ୍ଟ ବିନା ୫୦ ହଜାର ଲୋକଙ୍କୁ ନେଇ ସୁଟିଂ କରାଯାଇଥିଲା। ଏଥିସହ ଫିଲ୍ମ ସୁଟିଂକୁ ନେଇ ହୋଇଥିବା ସମସ୍ୟା ବାବଦରେ ମଧ୍ୟ ସେ କହିଛନ୍ତି। ଏଥିରେ ୧୯୪୭ ମସିହାରେ ହୋଇଥିବା ଭାରତ- ପାକିସ୍ତାନ ବିଭାଜନର ଦୃଶ୍ୟ ଦେଖାଯାଇଥିଲା। ଯେଉଥିରେ ୫୦-୬୦ ହଜାର ଲୋକଙ୍କ ସମାଗମ କରିବା ସହଜ ନ ଥିଲା। ଏହି ଜନଗହଳି କୌଣସି ଭିଏଫ୍‌ଏକ୍ସ ନୁହେଁ, ଏହା ବାସ୍ତବ ଦୃଶ୍ୟ ଥିଲା। ଏତେ ସଂଖ୍ୟାରେ ଲୋକଙ୍କୁ ଏକତ୍ର କରି ତାଙ୍କୁ ନିୟନ୍ତ୍ରଣ କରିବା ଖୁବ୍ ଆହ୍ୱାନ ଥିଲା। ଏଥିପାଇଁ ସେ ନିଆରା ଉପାୟ ଆପଣାଇଥିଲେ। ସେ ଫିରୋଜପୁର (ପଞ୍ଜାବ)ର ସ୍ଥାନୀୟ ବିଧାୟକଙ୍କୁ ଭେଟି ତାଙ୍କ ସହଯୋଗରେ ୨୦-୩୦ ଗାଁର ସରପଞ୍ଚଙ୍କର ଏକ ବୈଠକ ଡାକିଥିଲେ। ପ୍ରତ୍ୟେକ ସରପଞ୍ଚଙ୍କୁ ଦୁଇ ହଜାର ଲୋକ ନେଇ ଆସିବା ପାଇଁ ନିବେଦନ କରିଥିଲେ। ସେ ୧୯୪୭ ମସିହାରେ ବିଭାଜନକୁ ନେଇ ଫିଲ୍ମ ନିର୍ମାଣ ହେଉଥିବା କହିଥିଲେ। ଏହାଦ୍ୱାରା ଲୋକେ ଖୁବ୍ ଉତ୍ସାହ ଏବଂ ଆଗ୍ରହର ସହ ଆଗେଇ ଆସିଥିଲେ। ଫଳରେ ସୁଟିଂ ଦିନ ସହଜରେ ୫୦-୬୦ ହଜାର ଲୋକ ଏକତ୍ର ହୋଇଗଲେ।



ସାକ୍ଷାତକାର

# "ମନ ପସନ୍ଦର ଚରିତ୍ର ମିଳି ନାହିଁ"

**ପ୍ରତିମା ମହାନ୍ତି, ଅଭିନେତ୍ରୀ**

ସଂଘର୍ଷର ଅନ୍ୟନାମ ସଫଳତା। ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଅନେକ ବାଧା ବିଘ୍ନ ସାମ୍ନା କରିବାକୁ ପଡ଼ିଥାଏ। ଏହି ବାଧାବିଘ୍ନକୁ ଗୋଡ଼ରେ ଆଡ଼େଇ ଅଭିନେତ୍ରୀ ଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ୍ ଅନ୍ତର୍ଗତ ତରାସ ଗାଁ'ର ପ୍ରତିମା ମହାନ୍ତି। ସେ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ। ହେଲେ ଅଭିନେତ୍ରୀ ହେବାକୁ ସେ କରିଛନ୍ତି ଅନେକ ସଂଘର୍ଷ। ପଥପ୍ରାନ୍ତ ନାଟକରୁ କମେଡି ଶୋ', ମଞ୍ଚନାଟକ, ଧାରାବାହିକ, ୱେବ୍ ସିରିଜ୍ ଆଉ ସିନେମା ସବୁଥିରେ ସେ କାମ କରିଛନ୍ତି। ବହୁମୁଖୀ ପ୍ରତିଭାର ଅଧିକାରିଣୀ ପ୍ରତିମା ଖୁବ୍‌ଶୀଘ୍ର ଏକ ବଡ଼ ପ୍ରୋଜେକ୍ଟରେ ନଜର ଆସିବେ। ତେବେ ଅଭିନେତ୍ରୀ ହେବାକୁ ତାଙ୍କୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ।

**ଓଡ଼ିଶୀ ନୃତ୍ୟଶିଳ୍ପୀରୁ ଅଭିନେତ୍ରୀ ହେବାକୁ କାହିଁକି ଆଗ୍ରହ ପ୍ରକାଶ କଲେ?**

- ପିଲାଦିନେ ଓଡ଼ିଶୀ ନାଚୁଥିଲି। ଅନେକ ପ୍ରୋଗ୍ରାମରେ ଭାଗ ନେଇଛି। ମୋର ବିବାହ ହୋଇଯାଇଛି। ଦୁଇଟି ସନ୍ତାନ ଜନ୍ମ ହୋଇଛନ୍ତି। ସର୍ଜରୀ ଯୋଗୁଁ ପରବର୍ତ୍ତୀ ସମୟରେ ନାଚିବା ସହଜ ହୋଇନଥିଲା। ଲକ୍‌ଡାଉନ୍‌ରେ ପ୍ରଜ୍ଞାନ ଖଟୁଆଙ୍କ ସହିତ ସାକ୍ଷାତ ହୋଇଥିଲା। ତାଙ୍କ ମାର୍ଗଦର୍ଶନରେ 'ମିଷ୍ଟର ନନ୍‌ସେନ୍‌ସ' କମେଡି ଶୋରୁ କ୍ୟାରିୟର୍ ଆରମ୍ଭ କରିଲି। ଧାରାବାହିକ 'ଝିଅ ଆମର ନୂଆ ବୋହୂ'ରେ ଗୋଲାପ ଓ 'ଅତୁଟ ବନ୍ଧନ'ରେ ଚୁମ୍‌କି ଚରିତ୍ରରେ ଅଭିନୟ କରିଛି। ହେଲେ ମୋ ମନକୁ ସନ୍ତୁଷ୍ଟି ମିଳିନଥିଲା। ଗୁଲୁଆଙ୍କ ସହ ମୁଁ 'ବାକି ନାହିଁ ପାର୍ଟ-୪', 'ଚିତାକଟା'ରେ କାମ କରିଛି ମଧ୍ୟ। ତାସହ 'ମେକିଂ ନ୍ୟୁଜ୍', 'ଶଙ୍କରା ବକରା', 'ପଲଟିକାଲ ସର୍କସ', 'ଲୋକ ନକଲି କଥା ଅସଲି' ଆଦିରେ କାମ କରିବାକୁ ସୁଯୋଗ ମିଳିଛି। ୟୁଟ୍ୟୁବ୍‌ରେ ପାଖାପାଖି ମୋର ୭୦ରୁ ଊର୍ଦ୍ଧ୍ୱ କମେଡି ଭିଡିଓ ରହିଛି।

**ଅଭିନୟ କରିବା କେତେ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା?**

- ଜଣେ ଅଭିନେତ୍ରୀ ସବୁ ଚରିତ୍ର କରିପାରିବେ। କମେଡି ଶୋ କରିବା ସମୟରେ ପ୍ରଜ୍ଞାନ ଖଟୁଆ ମୋତେ ଗାଇଡ୍ କରୁଥିଲେ। ତାଙ୍କ ପାଇଁ ଆଜି ମୋର ପରିଚୟ। ବିନା ସ୍କ୍ରିପ୍ଟରେ କିପରି ସଂଳାପ କହିପାରିବି ସେ କୌଶଳ ତାଙ୍କଠୁ ଶିଖିଛି। ତେଣୁ ପ୍ରଥମେ ପ୍ରଥମେ କ୍ୟାମେରା ସାମ୍ନାରେ ମୁଁ କିଛି ଜାଣି ପାରିନଥିଲେ ବି ଅଭିନୟ କରିବା ସହଜ ହୋଇଥିଲା।



**ବଡ଼ ପରଦାରେ କାମ କରିବାକୁ କେମିତି ସୁଯୋଗ ମିଳିଲା?**

- ସୋନି ଲିଭ୍‌ରେ 'ଜେଙ୍ଗାବୁରୁ' ୱେବ୍ ସିରିଜ୍ ଅଡିସନ୍ ଦେବା ସମୟରେ ମୋତେ 'ହୁଙ୍କାର' ଓଡ଼ିଆ ସିନେମାରେ କାମ ମିଳିଥିଲା। ଏଥିରେ ମୁଁ ଅଭିନେତ୍ରୀ ଅନୁ ଚୌଧୁରୀଙ୍କ ସହିତ କାମ କରିଛି। ଖୁବ୍‌ଶୀଘ୍ର ଦର୍ଶକ ମୋତେ ଏକ ବଡ଼ ପ୍ରୋଜେକ୍ଟରେ ଦେଖିବାକୁ ପାଇବେ। ମୋର ସୌଭାଗ୍ୟ ଯେ, ଓଡ଼ିଶାର ସୁପରଷ୍ଟାର୍‌ଙ୍କ ସହିତ ମୋତେ କାମ କରିବାକୁ ସୁଯୋଗ ମିଳିଛି। ସେହିପରି ଦୀପକ ଜେନାଙ୍କ 'ମାଣିକ' ମଞ୍ଚନାଟକରେ ଅଭିନୟ କରିବାକୁ ସୁଯୋଗ ପାଇଛି। 'ସାଇ ତମେ ସତରେ ଈଶ୍ୱର', 'ସାଇ ନାମ' ଆଦି ମଞ୍ଚ ନାଟକ କରିଛି।

**ଅଭିନେତ୍ରୀ ହେବାକୁ କେତେ ସଂଘର୍ଷ କରିଛନ୍ତି?**

- ମୋ ପାଖେ ଶବ୍ଦ ନାହିଁ। ଅଭିନେତ୍ରୀ ସ୍ୱପ୍ନ ପୂରା କରିବାକୁ ଅନେକ ସଂଘର୍ଷ କରିଛି। ମାତ୍ର କେଇ ଟଙ୍କା ପାଇଁ ମୁଁ ବୈଶାଖ ମାସ ଖରାରେ ପଥପ୍ରାନ୍ତ ନାଟକ କରିଛି। ଜୁନିଅର କଳାକାର ଭାବେ କାମ କରିଛି। କାମ ଖଣ୍ଡେ ପାଇବାକୁ ଅନେକ ଜଣଙ୍କ ପାଖକୁ ଦୌଡ଼ିଛି ଆଉ ଲକ୍ଷ ବାର ଫୋନ୍ କରିଛି।

**ଓଡ଼ିଶୀ ନୃତ୍ୟ ଯୋଗୁଁ ଅଭିନୟ କରିବା ସହଜ ହୋଇଥିଲା କି?**

- ନିଶ୍ଚିତ। ଓଡ଼ିଶୀ ନୃତ୍ୟରେ ଅଙ୍ଗଭଙ୍ଗୀ ଆଉ ଚାହାଣୀ ଦୁଇଟି ଅଭିନୟରେ ଗୁରୁତ୍ୱ ବହନ କରେ। ଯାହାକି ଜଣେ କଳାକାର ପାଇଁ ମୁଖ୍ୟ ଅସ୍ତ୍ର।

**ଅଭିନୟକୁ କେତେ ଗୁରୁତ୍ୱ ଦିଅନ୍ତି?**

- ଅଭିନୟ ଶିଖିବାକୁ ବିଧିବଦ୍ଧ ତାଲିମ ନେଇ ନାହିଁ। ସମସ୍ତଙ୍କଠାରୁ ଅଭିନୟ ଶିଖେ। ଯେଉଁ ଚରିତ୍ର ମିଳେ, ମୁଁ ଚରିତ୍ରକୁ ଜୀବନ୍ତ କରିବାକୁ ଆପ୍ରାଣେ ଚେଷ୍ଟା କରେ। ଶିଖିବା ମନୋବୃତ୍ତି ମୋର ସର୍ବଦା ରହିବ।

**ଆଗାମୀ ଯୋଜନା?**

- ଭବିଷ୍ୟତରେ ଯାତ୍ରାରେ ଅଭିନୟ କରିବାକୁ ଯୋଜନା କରିଛି। ଏଥିପାଇଁ ପ୍ରସ୍ତୁତ କରୁଛି ମଧ୍ୟ।

**ଜୀବନର କିଛି ଅବସୋସ?**

- କମେଡିଠାରୁ ଆରମ୍ଭ କରି ଓଡ଼ିଆ ସିନେମାରେ କାମ କଲେ ବି ମୋତେ ଖୁସି ଦେବା ପରି ମନ ପସନ୍ଦର ଚରିତ୍ର ଆଜି ଯାଏଁ ମିଳି ନାହିଁ।

**ଅଭିନୟ ଜଗତକୁ ଆସୁଥିବା ଯୁବପିଢ଼ିଙ୍କୁ କ'ଣ କହିବେ?**

- ଅନ୍ୟମାନଙ୍କ ଉପରେ ଭରସା ନ କରି ନିଜ କାମକୁ ଗୁରୁତ୍ୱ ଦିଅନ୍ତୁ। ଯାହା ବି ଚରିତ୍ର ମିଳୁଛି, ତାକୁ କେମିତି ସଠିକ୍ ଭାବେ ତୁଲାଇବେ ସେ କଥାକୁ ଧ୍ୟାନ ଦିଅନ୍ତୁ। ଧୈର୍ଯ୍ୟ ରଖି କାମ କଲେ ଫଳ ନିଶ୍ଚୟ ମିଳିବ।

# କ୍ରୀଡ଼ା

ସକାଳ THE SAKALA
www.sakalaepaper.com

ଇନ୍ଦୋରରେ ତୃତୀୟ ତଥା ନିର୍ଣ୍ଣାୟକ ଦିନିକିଆ ଆଜି

## ଭାରତର ସିରିଜ୍ ଟାର୍ଗେଟ୍, ଇତିହାସ ଲକ୍ଷ୍ୟରେ ନ୍ୟୁଜିଲାଣ୍ଡ

ଇନ୍ଦୋର,୧୭।୧(ଏଜେନ୍ସି):



ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ତୃତୀୟ ତଥା ଶେଷ ମୁକାବିଲା ଇନ୍ଦୋରର ହୋଲକାର ଷ୍ଟାଡିୟମ୍‌ରେ ଆସନ୍ତାକାଲି ଅନୁଷ୍ଠିତ ହେବ। ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ୧-୧ ସମାନ ସ୍ଥିତିରେ ରହିଛନ୍ତି। ଏହି ମୁକାବିଲାରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ସିରିଜ୍ ଜିତିବ। ଭାରତରେ ଖେଳିଥିବା ଗତ ୭ଟି ଦିନିକିଆ ସିରିଜ୍‌ରେ ନ୍ୟୁଜିଲାଣ୍ଡ ବିଜୟୀ ହୋଇନାହିଁ। ଏଠାରେ ଯଦି ନ୍ୟୁଜିଲାଣ୍ଡ ବିଜୟୀ ହୁଏ, ତେବେ ଭାରତୀୟ ମାଟିରେ ୮ମ ଗସ୍ତରୁ ପ୍ରଥମଥର ସିରିଜ୍ ଜିତି ଇତିହାସ ସୃଷ୍ଟି କରିବ। ଏଣୁ ଉଭୟ ଦଳ ନିକଟରେ ସମ୍ମାନ ରଖିବା ଓ ରେକର୍ଡ କରିବାର ସୁଯୋଗ ରହିଛି। ଭାରତ ବିଜୟୀ ହେଲେ ନ୍ୟୁଜିଲାଣ୍ଡ ବିପକ୍ଷରେ ଘରୋଇ ମାଟିରେ ସିରିଜ୍‌ରେ ଅପରାଜେୟ ରହିବ।

ଭାରତ ଗସ୍ତରେ ଆସିଥିବା ବର୍ତ୍ତମାନର ଦଳକୁ ନ୍ୟୁଜିଲାଣ୍ଡର 'ବି' ଟିମ୍ କୁହାଯାଉଛି। ଦଳର ଅଧିନାୟକଙ୍କ ସମେତ ୬ଜଣ ନିୟମିତ ଖେଳାଳି ଭିନ୍ନ କାରଣ ଲାଗି ଆସିନାହାନ୍ତି। କିନ୍ତୁ ଡଗ୍ ବ୍ରେସ୍‌ୱେଲଙ୍କ ନେତୃତ୍ୱରେ ଗଠିତ ଦଳ ଭାରତକୁ ନାକେଦମ କରିବା ସହ ସିରିଜ୍ ଜିତି ଇତିହାସ ସୃଷ୍ଟି କରିବାର ଦ୍ୱାରଦେଶରେ ପହଞ୍ଚିଛି। ଏପରିକି ଦଳର ଦୁଇ ଖେଳାଳି ଡାରିଲ ମିଚେଲ ଓ କାଏଲ ଜାମିସନ ଭାରତୀୟଙ୍କୁ ଆଖିରୁ ନିଦ ହଜାଇ ଦେଇଛନ୍ତି। ଏପରିକି ଗତ ମୁକାବିଲାରେ ଡେବ୍ୟୁ କରିଥିବା ୩୧ ବର୍ଷୀୟ ସ୍ପିନର ଜେଡେନ ଲେନକ୍ସଙ୍କ ବୋଲିଂ ପୁଣିଥରେ ଭାରତୀୟ ବ୍ୟାଟରଙ୍କୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଛି। ତେବେ ଇନ୍ଦୋରରେ ଭାରତ କିପରି ଖେଳିବ ତାହା ଉପରେ ଇତିହାସ ସୃଷ୍ଟି ହେବାର ସୁଯୋଗ ରହିବ।

ଭାରତୀୟ ଦଳର ପ୍ରଦର୍ଶନ ଯୋଗୁଁ ଚୂଡାନ୍ତ ଏକାଦଶରେ କାହାକୁ ଖେଳାଇବେ କି ନ ଖେଳାଇବେ ତାହାକୁ ନେଇ ଦ୍ୱନ୍ଦ୍ୱ ରହିଛି। ଦଳରେ ଦୁଇ ଖେଳାଳିଙ୍କ ସ୍ଥାନ ବଦଳିବାର ସମ୍ଭାବନା ରହିଛି। ଅଲ୍‌ରାଉଣ୍ଡର ନୀତୀଶ ରେଡ୍ଡୀଙ୍କ ସ୍ଥାନରେ ଆୟୁଷ ବଦୋନୀ କିମ୍ବା ପ୍ରସିଦ୍ଧ କ୍ରିଷ୍ଣାଙ୍କ ସ୍ଥାନରେ ଅର୍ଶଦୀପ ସିଂହ ସାମିଲ ହେଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଅନ୍ୟ ପକ୍ଷରେ ନ୍ୟୁଜିଲାଣ୍ଡ ଦଳରେ ସେପରି କିଛି ପରିବର୍ତ୍ତନ ହେବ ବୋଲି ଆଶା କରାଯାଉଛି।

**ଆରମ୍ଭ: ଅପରାହ୍ଣ ୧ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

### ଇନ୍ଦୋରରେ ଛୋଟ ବାଉଣ୍ଡରୀ, ରନ୍ ବର୍ଷା ସମ୍ଭାବନା

ଆସନ୍ତାକାଲି ଖେଳାଯିବାକୁ ଥିବା ଇନ୍ଦୋରର ହୋଲକାର ଷ୍ଟାଡିୟମ୍‌ର ପିଚ୍ ବ୍ୟାଟରଙ୍କୁ ଅତ୍ୟଧିକ ସୁହାଇଥାଏ। ଏଠାରେ ବାଉଣ୍ଡାରୀ ଛୋଟ ହୋଇଥିବାରୁ ଏଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ରନ୍ ବର୍ଷା ହୋଇଥାଏ। ଏଠାରେ ୧୪ ବର୍ଷ ପୂର୍ବେ ବୀରେନ୍ଦ୍ର ସେହ୍ୱାଗ ୨୧୯ ରନ୍ କରିଥିଲାବେଳେ ଭାରତ ୫ ୱିକେଟରେ ୪୧୮ ରନ୍ କରିଥିଲା। ଏଠାରେ ଖେଳାଯାଇଥିବା ଗତ ଦୁଇଟି ମ୍ୟାଚ୍‌ରେ ଭାରତ ଯଥାକ୍ରମେ ୩୯୯ ଓ ୩୮୫ ରନ୍ କରିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷରେ ଶେଷଥର ଭାରତ ୩୮୫ ରନ୍‌ରେ ଆଉଟ ହୋଇଥିଲା। ଏଣୁ ଏଠାରେ ଛୋଟିଆ ବାଉଣ୍ଡାରୀ ହୋଇଥିବାରୁ ଉଭୟ ଦଳ ବ୍ୟାଟରଙ୍କ ଉପରେ ଏହି ମ୍ୟାଚ୍ ନିର୍ଭର କରିବ। ଭାରତୀୟ ଦଳରେ ଏକାଧିକ ଷ୍ଟ୍ରୋକ୍ ମେକର ଥିବାରୁ ଲଢ଼େ ରୋମାଞ୍ଚକ ହେବ ବୋଲି ଆଶା କରିବା ସ୍ୱାଭାବିକ।

ବିଶ୍ୱକପ୍ ପରମ୍ପରା ଭାଙ୍ଗିଲା

## ହ୍ୟାଣ୍ଡସେକ୍ ଡ୍ରାମା ଓ ବର୍ଷାରେ ଜିତିଲା ଭାରତ

ବୁଲାୱାୟୋ,୧୭।୧(ଏଜେନ୍ସି): ବର୍ଷା ବାଧାପ୍ରାପ୍ତ ଓ ହ୍ୟାଣ୍ଡସେକ୍ ଡ୍ରାମାରେ କୁଇନ୍ସ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍ ମ୍ୟାଚ୍‌ରେ ଭାରତ ୧୮ ରନ୍‌ରେ ବାଂଲାଦେଶକୁ ପରାସ୍ତ କରିଛି। ଏହି ମ୍ୟାଚ୍ ପୂର୍ବରୁ ଟସ୍ ବେଳେ ଉଭୟ ଦଳର ଅଧିନାୟକ ହ୍ୟାଣ୍ଡସେକ୍ ନ କରିବା ବା ହାତ ନ ମିଳାଇବାରୁ ନାଟକବାଜି ହୋଇଥିଲା। କିନ୍ତୁ ଏହା କୌଣସି ଉଦ୍ଦେଶ୍ୟ ପ୍ରଣୋଦିତ ନୁହେଁ ବରଂ ମନେ ନ ପଡ଼ିବାରୁ ଏଭଳି ତ୍ରୁଟି ହୋଇଛି ବୋଲି ବିସିସିଆଇ ସଫେଇ ଦେଇଛି। ଘଟଣାବହୁଳ ଏହି ମ୍ୟାଚ୍‌ରେ ଭାରତ ୧୮ ରନ୍‌ରେ ବାଂଲାଦେଶକୁ ପରାସ୍ତ କରିଛି। ଆସନ୍ତା ୨୪ରେ ନ୍ୟୁଜିଲାଣ୍ଡ ସହ ଭାରତ ତାହାର ଶେଷ ଲିଗ୍ ମ୍ୟାଚ୍ ଖେଳିବ।

ଏହି ମ୍ୟାଚ୍‌ରେ ଭାରତୀୟ କ୍ରିକେଟର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ୧୪ ବର୍ଷ ୨୯୬ ଦିନରେ ସର୍ବକନିଷ୍ଠ ଖେଳାଳି ଭାବେ ବିଶ୍ୱକପ୍‌ରେ ଅର୍ଦ୍ଧଶତକ ହାସଲ କରିବାର ରେକର୍ଡ କରିଛନ୍ତି। ସୂର୍ଯ୍ୟବଂଶୀଙ୍କ ୭୨ ଓ ଅଭିଜ୍ଞାନ କୁଣ୍ଡୁଙ୍କ ୮୦ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଭାରତ ୪୮.୪ ଓଭରରେ ୨୩୮ ରନ୍ କରିଥିଲା। ଜବାବରେ ବାଂଲାଦେଶ ୧୭.୨ ଓଭରରେ ୨/୯୦ ରନ୍ କରିଥିଲାବେଳେ ବର୍ଷା ଯୋଗୁଁ ଖେଳ ବାଧାପାଇଥିଲା। ବର୍ଷା ଛାଡିବା ପରେ ବାଂଲା ଆଗରେ ୨୯ ଓଭରରେ ୧୬୧ ରନ୍ ବିଜୟ ଲକ୍ଷ୍ୟ ରହିଥିଲା। ଏହି ଲକ୍ଷ୍ୟକୁ ପିଛା କରିଥିବା ବାଂଲାଦେଶ କାମଚଳା ଅଫ୍ ସ୍ପିନର ବିହାନ ମାଲହୋତ୍ରା ୪ ଓଭରରେ ୪ ୱିକେଟ ଓ ଲେଗ୍ ସ୍ପିନର ଖୀଲନ ପଟେଲ ୨ ୱିକେଟ ନେବା ଫଳରେ ବାଂଲାଦେଶ ୧୪୬ ରନ୍‌ରେ ଅଲଆଉଟ ହୋଇ ଏକ ନିଶ୍ଚିତ ବିଜୟ ହାତଛଡ଼ା କରିଥିଲା।

■ ଜାତୀୟ ଦୃଷ୍ଟିବାଧିତ ମହିଳା କ୍ରିକେଟ

### ଓଡ଼ିଶାକୁ ଜିତାଇଲା ବାସନ୍ତୀଙ୍କ ଶତକ

ଭୁବନେଶ୍ୱର,୧୭।୧(ସମିସ): ନିମପୁର ସ୍ପୋର୍ଟ୍ସ ଆଣ୍ଡ କ୍ରିକେଟ ଗ୍ରାଉଣ୍ଡରେ ଆଜି ଆରମ୍ଭ ହୋଇଥିବା ଜାତୀୟ ମହିଳା ଦୃଷ୍ଟିବାଧି କ୍ରିକେଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଓଡ଼ିଶା ୧୭୪ ରନ୍‌ର ବିଶାଳ ବ୍ୟବଧାନରେ ଚଣ୍ଡିଗଡକୁ ଏହି ମ୍ୟାଚ୍‌ରେ ବାସନ୍ତୀ ହାଁସ୍‌ଦା ୫୬ ବଲ୍‌ରେ ଅପରାଜିତ ୧୦୬, ଯମୁନାରାଣୀ ଟୁଡୁଙ୍କ ୫୦ରନ୍, ସୁକାନ୍ତି ଦଳପତିଙ୍କ ଅପରାଜିତ ୪୯ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ ଓଡ଼ିଶା ୩ ୱିକେଟରେ ୨୫୯ ରନ୍ କରିଥିଲା। ଜବାବରେ ଚଣ୍ଡିଗଡ ୧୫ ଓଭରରେ ୮୫ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଗ୍ରୁପ୍-ସି'ରେ ସ୍ଥାନ ପାଇଥିବା ଓଡ଼ିଶା ତାହାର ଦ୍ୱିତୀୟ ମ୍ୟାଚ୍ ଆନ୍ଧ୍ରପ୍ରଦେଶ ସହ ଆସନ୍ତାକାଲି ଯାଜପୁର ଜିଲ୍ଲା ଧର୍ମଶାଳା ଷ୍ଟାଡିୟମ୍‌ରେ ଖେଳିବ।

ପ୍ରଥମଶ୍ରେଣୀ କ୍ରିକେଟ

### ୨୩୨ ବର୍ଷର ରେକର୍ଡ ଭାଙ୍ଗିଲା ପାକିସ୍ତାନ ଟିଭି

କରାଚି,୧୭।୧(ଏଜେନ୍ସି): ଏଠାରେ ଆଜି ଖେଳାଯାଇଥିବା ପାକିସ୍ତାନର ପ୍ରଥମଶ୍ରେଣୀ କ୍ରିକେଟ ପ୍ରେସିଡେଣ୍ଟ ଟ୍ରଫିରେ ଏକ ବିରଳ ରେକର୍ଡ ହୋଇଛି। ଏହି ମ୍ୟାଚ୍‌ରେ ପାକିସ୍ତାନ ଟିଭି ଏକାଦଶ ମାତ୍ର ୪୦ ରନ୍‌ର ଟାର୍ଗେଟ୍‌କୁ ଡିଫେଣ୍ଡ କରିଛି। ଏହି ମ୍ୟାଚ୍ ଜିତିବାକୁ ପ୍ରତିପକ୍ଷ ସୁଇ ନଦର୍ଣ୍ଣ ଆଗରେ ୪୦ ରନ୍ ଟାର୍ଗେଟ ରହିଥିଲା। ଏହି ଲକ୍ଷ୍ୟକୁ ପିଛା କରି ସୁଇ ନଦର୍ଣ୍ଣ ୩୭ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଏହା ଫଳରେ ପାକିସ୍ତାନ ଟିଭି ୨ ରନ୍‌ରେ ବିସ୍ମୟକର ତଥା ଅବିଶ୍ୱସନୀୟ ବିଜୟ ହାସଲ କରିଛି। ଏହା ଫଳରେ ପ୍ରଥମଶ୍ରେଣୀ କ୍ରିକେଟର ୨୩୨ ରନର ରେକର୍ଡ ଭାଙ୍ଗିଯାଇଛି। ପୂର୍ବରୁ ଏହି ରେକର୍ଡ ୧୭୯୪ରେ ଇଂଲଣ୍ଡର ଓଲ୍ଡ ଫିଲ୍ଡ ନାମରେ ରହିଥିଲା। ଏମ୍‌ସିସି ବିପକ୍ଷ ମ୍ୟାଚ୍‌ରେ ୪୧ ରନ୍‌ର ସ୍କୋରକୁ ଡିଫେଣ୍ଡ କରି ଓଲ୍ଡଫିଲ୍ଡନାମରେ ଏହି ରେକର୍ଡ ୨୩୨ ବର୍ଷ ହେଲା ରହିଥିଲା।

ଟି-୨୦ ବିଶ୍ୱକପ୍: ବାଂଲାର ପ୍ରସ୍ତାବ

### ଆୟର୍ଲାଣ୍ଡ ସହ ଆମ ଗ୍ରୁପ୍ ବଦଳାଅ

ଢାକା, ୧୭।୧ (ଏଜେନ୍ସି): ଟି-୨୦ ବିଶ୍ୱକପ୍‌ରେ ବାଂଲାଦେଶର ପ୍ରସ୍ତାବକୁ ଆୟର୍ଲାଣ୍ଡ ପ୍ରତ୍ୟାଖ୍ୟାନ କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତରେ ନ ଖେଳିବା ଲାଗି ଆୟର୍ଲାଣ୍ଡ ସହ ଗ୍ରୁପ୍ ବଦଳାଇବାକୁ ବାଂଲାର ସରକାରୀ ଓ ବୋର୍ଡ କର୍ମକର୍ତ୍ତାମାନେ ପ୍ରସ୍ତାବ ଦେଇଥିଲେ। ଏହା ଫଳରେ ଭାରତରେ ଆୟର୍ଲାଣ୍ଡ ଓ ଶ୍ରୀଲଙ୍କାରେ ବାଂଲାଦେଶ ଖେଳିଥାନ୍ତା। ଏହି ପ୍ରସ୍ତାବକୁ ଆୟର୍ଲାଣ୍ଡ ପ୍ରତ୍ୟାଖ୍ୟାନ କରିଛି ଓ ନିଜର ଗ୍ରୁପ୍ କିମ୍ବା ଭେନ୍ୟୁ ପରିବର୍ତ୍ତନ କରିବାକୁ ସ୍ପଷ୍ଟଭାବେ ମନା କରିଦେଇଛି। ବିଶ୍ୱକପ୍ ଖେଳିବା ଲାଗି ଭାରତ ଯିବ ନାହିଁ ବୋଲି ବାଂଲା ତାହାର ଜିଦ୍‌ରେ ଅଟଳ ରହିଛି।

### ରାଜ୍ୟ ଲନ୍‌ବଲ୍ ଚାମ୍ପିଅନ୍‌ସିପ୍‌ରେ ବଲାଙ୍ଗିର, ସମ୍ବଲପୁରର ପ୍ରାଧାନ୍ୟ

ଭୁବନେଶ୍ୱର,୧୭।୧(ସମିସ): ବଲାଙ୍ଗିରରେ ଅନୁଷ୍ଠିତ ତୃତୀୟ ରାଜ୍ୟ ଲନ୍‌ବଲ ଚାମ୍ପିଅନସିପ୍‌ରେ ବଲାଙ୍ଗିର ଜିଲ୍ଲା ପ୍ରାଧାନ୍ୟ ବିସ୍ତାର କରିଛି। ଆଜି ଶେଷ ହୋଇଥିବା ବରିଷ୍ଠ ଫୌଶ ଇଭେଣ୍ଟରେ ବଲାଙ୍ଗିର ସ୍ୱର୍ଣ୍ଣ ଓ ରୌପ୍ୟ, ମହିଳା ଇଭେଣ୍ଟରେ ସମ୍ବଲପୁରକୁ ସ୍ୱର୍ଣ୍ଣ ଓ ବଲାଙ୍ଗିରକୁ ରୌପ୍ୟ ପଦକ ମିଳିଛି। ମହିଳା ଏକକରେ ବଲାଙ୍ଗୀରକୁ ସ୍ୱର୍ଣ୍ଣ ଓ ସମ୍ବଲପୁରକୁ ରୌପ୍ୟ, ପୁରୁଷ ଏକକରେ ଢେଙ୍କାନାଳ ସ୍ୱର୍ଣ୍ଣ ଓ ସମ୍ବଲପୁର ରୌପ୍ୟ ପଦକ ବିଜୟୀ ହୋଇଛି। ବଲାଙ୍ଗିର ଅତିରିକ୍ତ ଏସ୍‌ପି ଗୁଣନିଧି ମଲ୍ଲିକ, ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ପୁଇଁତଲା ତହସିଲଦାର ଗୌରବ କୁମାର ବର୍ଗେ ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



ମହିଳା ପ୍ରିମିୟର ଲିଗ୍

### ୟୁପି ୱାରିୟର୍ଜର ଦ୍ୱିତୀୟ ବିଜୟ

ନଭି ମୁମ୍ବଇ,୧୭।୧ (ଏଜେନ୍ସି): ୩୨ ବର୍ଷୀୟା ଅଧିନାୟିକା ମେଗ୍ ଲାନିଂଙ୍କ ୪୫ ବଲ୍‌ରେ ୭୦ ଓ ୨୨ ବର୍ଷୀୟା ଫୋଏବି ଲିଚ୍‌ଫିଲ୍ଡଙ୍କ ୩୭ ବଲ୍‌ରେ ୬୧ ରନ୍ ସହାୟତାରେ ଏଠାରେ ଶନିବାର ଅନୁଷ୍ଠିତ ମୁକାବିଲାରେ ୟୁପି ୱାରିୟର୍ଜ ୨୨ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଏହା ଫଳରେ ୫ମ ମୁକାବିଲା ପରେ ଉଭୟ ଦଳ ୨ଟି ଲେଖାଏଁ ବିଜୟ ହାସଲ କରିଥିଲାବେଳେ ୩ଟି ଲେଖାଏଁ ପରାଜୟ ବରଣ କରିଛନ୍ତି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ୟୁପି ୮ ୱିକେଟରେ ୧୮୭ ରନ୍ କରିଥିଲା। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ଆମେଲିଆ କେରଙ୍କ ଅପରାଜିତ ୪୯ ଓ ଅମନଜୋତ କୌରଙ୍କ ୨୪ ବଲ୍‌ରେ ୪୧ ରନ୍ ସତ୍ତ୍ୱେ ଦଳ ୬ ୱିକେଟରେ ୧୬୫ ରନ୍ କରିଥିଲା।

**ବେଙ୍ଗାଲୁରୁର ଚତୁର୍ଥ ଜିତ୍:** ନଭି ମୁମ୍ବାଇରେ ଖେଳାଯାଇଥିବା ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୮ ୱିକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇଥିବା ଦିଲ୍ଲୀ ଶେଫାଳି ବର୍ମାଙ୍କ ୬୨ ରନ୍ ସହାୟତାରେ ୧୬୬ ରନ୍ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଲୁସି ହାମିଲଟନ ୧୯ ବଲ୍‌ରୁ ୩୬ ଓ ସ୍ନେହ ରାଣା ୨୨ ବଲ୍‌ରୁ ୨୨ ରନ୍ କରିଥିଲେ। ବେଙ୍ଗାଲୁରୁର ପକ୍ଷରୁ ଲୌରେନ୍ ବେଲ ଓ ସାୟାଲି ସାତଘରେ ୩ଟି ଲେଖାଏଁ ୱିକେଟ ନେଇଥିଲେ। ଜବାବରେ ସ୍ମୃତି ମନ୍ଧାନାଙ୍କ ୬୧ବଲ୍‌ରେ ୯୬ ଓ ଜର୍ଜିଆ ଭୋଲିଙ୍କ ଅପରାଜିତ ୫୪ ରନ୍ ସହାୟତାରେ ବେଙ୍ଗାଲୁରୁ ମାତ୍ର ୨ ୱିକେଟ ହରାଇ କ୍ରମାଗତ ଚତୁର୍ଥ ବିଜୟ ହାସଲ କରିଛି।



ଆଜିଠୁ ଅଷ୍ଟ୍ରେଲିଆନ ଓପନ୍

### ପୁରସ୍କାର ବାବଦକୁ ଦିଆଯିବ ୬୮୦ କୋଟି ଟଙ୍କା

ମେଲବୋର୍ଣ୍ଣ, ୧୭ ।୧ (ଏଜେନ୍ସି): ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ ଓପନ ରବିବାରଠାରୁ ସ୍ଥାନୀୟ ମେଲବୋର୍ଣ୍ଣ ପାର୍କରେ ଆରମ୍ଭ ହେବ। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟର ଏହା ହେବ ୧୧୪ତମ ସଂସ୍କରଣ। ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ମେଗା ଇଭେଣ୍ଟ ଅନେକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱବହନ କରୁଛି। ସର୍ବିଆର କିମ୍ବଦନ୍ତୀ ଖେଳାଳି ନୋଭାକ ଜୋକୋଭିଚ୍ ଏଠାରେ ଚାମ୍ପିଅନ ହୋଇ ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଜିତିବା ଲକ୍ଷ୍ୟରେ ରହିଛନ୍ତି। ତେଣୁ ଜୋକୋଭିଚଙ୍କ ନିକଟରେ ବିଶ୍ୱରେକର୍ଡ ୨୫ତମ ଟାଇଟଲ୍ ଜିତିବାର ସୁଯୋଗ ରହିଛି। ଜୋକୋଭିଚ୍ ତାଙ୍କ ଶେଷ ଗ୍ରାଣ୍ଡସ୍ଲାମ ଟ୍ରଫି ୨୦୨୩ରେ ୟୁଏସ୍ ଓପନରେ ହାସଲ କରିଥିଲେ। ଏହାପରଠାରୁ ସେ ବଡ଼ ସଫଳତା ଭାବେ ୨୦୨୪ରେ ପ୍ୟାରିସ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। କିନ୍ତୁ ୨୫ ମାସରୁ ଊର୍ଦ୍ଧ୍ୱ ସମୟ ହେବ କୌଣସି ଗ୍ରାଣ୍ଡସ୍ଲାମରେ ଚାମ୍ପିଅନ ହୋଇନାହାନ୍ତି। ତେଣୁ ତାଙ୍କର ୨୫ତମ ଗ୍ରାଣ୍ଡସ୍ଲାମ ସ୍ୱପ୍ନ ଏଠାରେ ପୂରଣ ହେଉଛି କି ନାହିଁ ତାହା ଆସନ୍ତା ଦୁଇ ସପ୍ତାହରେ ଜଣାପଡ଼ିଯିବ।

ସ୍ପେନର କାର୍ଲୋସ ଆଲକାରାଜ ଓ ଇଟାଲୀର ଜାନିକ ସିନ୍ନର ଚଳିତ ଅଷ୍ଟ୍ରେଲିଆନ୍ ଓପନରେ ପୁରୁଷ ବିଭାଗରେ ଯଥାକ୍ରମେ ଟପ୍ ସିଡ୍ ଓ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଛନ୍ତି। ଆଲେକ୍ସଜାଣ୍ଡର ଜ୍ୱେରେଭ ୩ୟ ଓ ଜୋକୋଭିଚ୍ ୪ର୍ଥ ସିଡ୍‌ରେ ରହିଛନ୍ତି। ସେହିଭଳି ମହିଳା ବିଭାଗରେ ବେଲାରୁଷ ତାରକା ଆରିନା ସାବାଲେଙ୍କାଙ୍କୁ ଟପ୍ ସିଡ୍ ମାନ୍ୟତା ମିଳିଛି। ଗତବର୍ଷ ସିନର ଓ ମାଡିସନ କିଜ୍ ଯଥାକ୍ରମେ ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଚାମ୍ପିଅନ ହୋଇଥିଲେ। ଏଥର ଅଷ୍ଟ୍ରେଲିଆନ୍ ଓପନରେ ରେକର୍ଡ ୭୫ ମିଲିୟନ ଡଲାର ପୁରସ୍କାର ରାଶି ପ୍ରଦାନ କରାଯିବ। ଯାହାକି ଭାରତୀୟ ମୁଦ୍ରାରେ ୬୮୦.୩୨ କୋଟି ଟଙ୍କା ହେବ। ଗତ ସଂସ୍କରଣଠାରୁ ଏଥର ୧୬ ପ୍ରତିଶତ ପୁରସ୍କାର ରାଶି ବୃଦ୍ଧି କରାଯାଇଛି। ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଚାମ୍ପିଅନ ଖେଳାଳିଙ୍କୁ ୨୫.୩୦ କୋଟି ଟଙ୍କା ପ୍ରଦାନ କରାଯିବ।

**ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଲକ୍ଷ୍ୟରେ ଜୋକୋଭିଚ୍**

ବିଜୟ ହଜାରେ ଟ୍ରଫି ଫାଇନାଲ ଆଜି

### ପ୍ରଥମ ଟାଇଟଲ୍ ଲକ୍ଷ୍ୟରେ ବିଦର୍ଭ

ବେଙ୍ଗାଲୁରୁ, ୧୭ ।୧ (ଏଜେନ୍ସି): ବିଜୟ ହଜାରେ ଟ୍ରଫିର ଚଳିତ ୩୩ତମ ସଂସ୍କରଣର ଫାଇନାଲ ରବିବାର ଅନୁଷ୍ଠିତ ହେବ। ଗତ ସଂସ୍କରଣର ଉପବିଜେତା ବିଦର୍ଭ ଓ ସୌରାଷ୍ଟ୍ର ମଧ୍ୟରେ ଟାଇଟଲ୍ ଲଢ଼େଇ ମୁକାବିଲା ବେଙ୍ଗାଲୁରୁରେ ଖେଳାଯିବ। ଗତ ବର୍ଷ ଫାଇନାଲରେ କର୍ଣ୍ଣାଟକ ନିକଟରୁ ହାରି ରନର୍ସଅପ୍ ହୋଇଥିବା ବିଦର୍ଭ ଏଥର ଟାଇଟଲ୍ ଜିତିବାକୁ ଲକ୍ଷ୍ୟ ରଖିଛି। ହର୍ଷ ଦୁବେଙ୍କ ନେତୃତ୍ୱାଧୀନ ବିଦର୍ଭ ଚଳିତ ସିଜନରେ ବେଶ୍ ଭଲ ଫର୍ମରେ ରହିଛି। ବିଦର୍ଭ ସେମିଫାଇନାଲରେ କର୍ଣ୍ଣାଟକକୁ ମାତ୍ ଦେଇ ଫାଇନାଲକୁ ପ୍ରବେଶ କରିଛି। ଯଦି ବିଦର୍ଭ ଚାମ୍ପିଅନ ହୁଏ ତେବେ ପ୍ରଥମଥର ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିବ। ଅପରପକ୍ଷରେ ସୌରାଷ୍ଟ୍ର ଉଭୟ ବ୍ୟାଟିଂ ଓ ବୋଲିଂରେ ବେଶ୍ ଶକ୍ତିଶାଳୀ ରହିଛି। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲରେ ୯ ୱିକେଟରେ ପଞ୍ଜାବକୁ ହରାଇ ସୌରାଷ୍ଟ୍ର ଫାଇନାଲ ଯାଇଥିଲା।

### ଜାତୀୟ ଜୁନିଅର ରଗ୍‌ବୀ: ଓଡ଼ିଶାକୁ କାଂସ୍ୟ

ଭୁବନେଶ୍ୱର, ୧୭ ।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଦୁଇଦିନ ଧରି ଚାଲିଥିବା ଜାତୀୟ ସବ୍-ଜୁନିଅର ରଗ୍‌ବୀ ଚାମ୍ପିଅନସିପ୍‌ର ବାଳିକା ବିଭାଗ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିହାର ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଛି। ଗତ ସଂସ୍କରଣ ପରି ଏଥର ମଧ୍ୟ ବିହାର ଫାଇନାଲରେ ୩୪-୭ ପଏଣ୍ଟରେ ମହାରାଷ୍ଟ୍ରକୁ ହରାଇ କ୍ରମାଗତ ଚାମ୍ପିଅନ ହୋଇଛି। ମୋଟ୍ ଉପରେ ୫ମ ଥର ଲାଗି ବିହାର ଏହି ଟ୍ରଫି ଜିତିଛି। ଅପରପକ୍ଷରେ ସେମିଫାଇନାଲରୁ ହାରିଥିବା ଓଡ଼ିଶା ବାଳିକା ଦଳ ୩ୟ/୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ୪୭-୫ରେ ରାଜସ୍ଥାନକୁ ପରାସ୍ତ କରି କାଂସ୍ୟ ପଦକ ହାତେଇନେଇଛି। ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ଯଥାକ୍ରମେ ୫ ଲକ୍ଷ ଓ ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡ. ବିଜୟ ଯେଦୁଲ୍ଲା, ବିଜୟ କୁମାର ସ୍ୱାଇଁ, ରଗ୍‌ବୀ ଇଣ୍ଡିଆ ସଭାପତି ରାହୁଲ ବୋଷ, ପ୍ରିୟଦର୍ଶୀ ମିଶ୍ର ଓ ଉପେନ୍ଦ୍ର ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

ହକି ଇଣ୍ଡିଆ ଲିଗ୍: ଭୁବନେଶ୍ୱର ଲେଗ୍ ଆରମ୍ଭ

## 'କଳିଙ୍ଗ'ରେ ଲାନ୍ସର୍ସର ବୃହତ୍ ବିଜୟ

ଭୁବନେଶ୍ୱର, ୧୭ ।୧ (ସମିସ):

ଚଳିତ ହକି ଇଣ୍ଡିଆ ଲିଗ୍ (ଏଚଆଇଏଲ୍) ଅନ୍ତିମ ତଥା ୩ୟ ପର୍ଯ୍ୟାୟ ଶନିବାରଠାରୁ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିନରେ କଳିଙ୍ଗରେ ଗୋଲ୍ ବର୍ଷା ଦେଖିବାକୁ ମିଳିଛି। ଶନିବାର ଦୁଇଟି ମ୍ୟାଚ୍ ଖେଳାଯାଇଥିବାବେଳେ ମୋଟ୍ ୧୩ଟି ଗୋଲ୍ ହୋଇଥିଲା। ପ୍ରଥମ ମ୍ୟାଚରେ ହାଇଦରାବାଦ୍ ତୁଫାନ୍ସ ୬-୦ ଗୋଲରେ ଶାରଚି ବେଙ୍ଗଲ ଟାଇଗର୍ସକୁ ଏବଂ ଦ୍ୱିତୀୟ ମୁକାବିଲାରେ ଘରୋଇ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୬-୧ ଗୋଲରେ ଏସ୍‌ଜି ପାଇପର୍ସକୁ ମାତ୍ ଦେଇଛି।

ଚେନ୍ନଇ ଓ ରାଞ୍ଚି ପରେ ଘରୋଇ ପରିବେଶରେ କଳିଙ୍ଗ ଲାନ୍ସର୍ସ ଏହାର ବିଜୟ ଧାରା ଜାରି ରଖିବାରେ ମଧ୍ୟ ସଫଳ ହୋଇଛି। ଶନିବାର ଘରୋଇ ଦର୍ଶକଙ୍କୁ କୌଣସି ନିରାଶ ନ କରି କଳିଙ୍ଗ ଲାନ୍ସର୍ସ ୬-୧ ଗୋଲରେ ଏସ୍‌ଜି ପାଇପର୍ସକୁ ସହଜରେ ହରାଇଦେଇଛି। ବିଜୟୀ ଦଳ ପକ୍ଷରୁ କୁପର ବର୍ନ୍ସ ଓ ଆଲେକ୍ସଜାଣ୍ଡର ହେଣ୍ଡ୍ରିକ୍ସ ୨ଟି ଲେଖାଏଁ ଗୋଲ୍ ଦେଇଥିଲେ। ସେହିଭଳି କ୍ରେଗ ମାରାଇସ ଓ ଅଙ୍ଗଦବୀର ସିଂହଙ୍କ ଷ୍ଟିକରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। କଳିଙ୍ଗର ବବି ସିଂ ଧାମିଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଆର୍ଥର ଭାନ ଡୋରେନଙ୍କ ନେତୃତ୍ୱାଧୀନ କଳିଙ୍ଗ ଏଥିସହ ଚଳିତ ଲିଗ୍‌ରେ କ୍ରମାଗତ ୫ମ ବିଜୟ ଲାଭ କରିଛି। କଳିଙ୍ଗ ଲାନ୍ସର୍ସ ଏଥିପୂର୍ବରୁ ରାଞ୍ଚି ରୟାଲ୍ସ, ବେଙ୍ଗଲ ଟାଇଗର୍ସ, ଏଚ୍‌ଆଇଏଲ୍ ଜିସି ଓ ହାଇଦରାବାଦ ତୁଫାନ୍ସକୁ ହରାଇଥିଲା। ଏବେ ୫ ମ୍ୟାଚରୁ ୧୪ ପଏଣ୍ଟ ସହ ଟେବଲ ଶୀର୍ଷରେ ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ରାଜ୍ୟପାଳ ହରିବାବୁ କମ୍ଭମପାର୍ଟି, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କମିଶନର ସଚିନ ରାମଚନ୍ଦ୍ର ଯାଦବ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅତିଥିଭାବେ ଯୋଗଦେଇଥିଲେ।




### ୱାଲାସି ଓ ବ୍ରାଣ୍ଡଙ୍କ ହ୍ୟାଟ୍ରିକ; ତୁଫାନ୍ସର ଗୋଲ୍ ବର୍ଷା

ଏଥିପୂର୍ବରୁ ଶନିବାର ସନ୍ଧ୍ୟାରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ହାଇଦରାବାଦ୍ ତୁଫାନ୍ସ ଏକପାଖିଆ ଭାବେ ୬-୦ ଗୋଲରେ ଶାରଚି ବେଙ୍ଗଲ ଟାଇଗର୍ସକୁ ପରାସ୍ତ କରିଥିଲା। ନାମ ଅନୁସାରେ ହାଇଦରାବାଦ୍ ଖେଳାଳିମାନେ ତୁଫାନୀ ପ୍ରଦର୍ଶନ କରି ଗୋଟିଏ ପରେ ଗୋଟିଏ ଅଧ ଡର୍ଜନେ ଗୋଲ୍ ଦେଇଥିଲେ। ଡିଫେଣ୍ଡିଂ ଚାମ୍ପିଅନ ବେଙ୍ଗଲ ଟାଇଗର୍ସ ଖେଳାଳିଙ୍କୁ କୌଣସି ସୁଯୋଗ ଦେଇନଥିଲା। ହାଇଦରାବାଦ୍‌ର ଦୁଇ ଖେଳାଳି ଜାଚାରୀ ୱାଲାସି ଓ ଟିମ୍ ବ୍ରାଣ୍ଡଙ୍କ ଷ୍ଟିକରୁ ଏହି ୬ଟି ଗୋଲ୍ ବାହାରିଥିଲା। ଉଭୟ ୩ଟି ଲେଖାଏ ଗୋଲ୍ ଦେଇ ନିଜ ନିଜର ହ୍ୟାଟ୍ରିକ ପୂରଣ କରିଥିଲେ। ସୁମିତ୍‌ଙ୍କ ନେତୃତ୍ୱାଧୀନ ତୁଫାନ୍ସର ଏହା ୬ଷ୍ଠ ମ୍ୟାଚରୁ ୪ର୍ଥ ବିଜୟ ଥିଲା। ଅପରପକ୍ଷରେ ବେଙ୍ଗଲ ଟାଇଗର୍ସ ୬ଷ୍ଠ ମୁକାବିଲାରୁ ୪ର୍ଥ ପରାଜୟବରଣ କରିଛି। କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ବିଜୟ ଯେଦୁଲ୍ଲା, ଆଡିସନାଲ ସେକ୍ରେଟାରୀ ବିଜୟ କୁମାର ସ୍ୱାଇଁ, ଅଲିମ୍ପିଆନ ଲିଲିମା ମିଞ୍ଜ, ହକି ଇଣ୍ଡିଆର କୋଷାଧ୍ୟକ୍ଷ ଶେଖର ମନୋହରନ ଏହି ମ୍ୟାଚରେ ଅତିଥିଭାବେ ଯୋଗଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS